ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ରବିବାର ୨୨ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 22 December 2024

Vol.No. 35 ■ No.340 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


# ଋଷ ଉପରେ ୟୁକ୍ରେନର ବଡ ଆକ୍ରମଣ

## ୮ଟି ଡ୍ରୋନ୍ ମାଡ କରିଛି ୟୁକ୍ରେନ୍, ଟାର୍ଗେଟରେ ବଡ ବଡ ବିଲ୍ଡିଂ

ନୂଆଦିଲ୍ଲୀ, ୨୧/୧୨ : ରୁଷ ଉପରେ ୯/୧୧ ନ୍ୟୁୟର୍କ ଆତଙ୍କବାଦୀ ଆକ୍ରମଣ ପରି ଏକ ବଡ଼ ଧରଣର ଆକ୍ରମଣ ହୋଇଛି । ରୁଷିଆର କାଜାନ ସହର ଉପରେ ଏକ ବଡ ଡ୍ରୋନ ଆକ୍ରମଣ ହୋଇଛି । ୟୁକ୍ରେନ ପକ୍ଷରୁ ଡ୍ରୋନ ସାହାଯ୍ୟରେ କେତେକ ବହୁତଳ କୋଠାକୁ ଟାର୍ଗେଟ୍ କରାଯାଇଛି । ମସ୍କୋଠାରୁ ପ୍ରାୟ ୫୦୦ ମାଇଲ (୮୦୦ କିଲୋମିଟର) ପୂର୍ବରେ ଅବସ୍ଥିତ କାଜାନ ସହରରେ ଅତି କମରେ ୬ଟି ସୋସାଇଟିର ଟାୱାର ଉପରେ ଏକାଧିକ ଡ୍ରୋନ୍ ସାହାଯ୍ୟରେ ଆକ୍ରମଣ ହୋଇଥିବା ରୁଷିଆର ସରକାରୀ ନ୍ୟୁଜ୍ ଏଜେନ୍ସି ଟାସ୍ ସୂଚନା ଦେଇଛି । ଟାସ୍ ଏଜେନ୍ସି କହିଛି ଯେ ୮ଟି ଡ୍ରୋନ୍ ଆକ୍ରମଣ ରେକର୍ଡ



କରାଯାଇଛି, ସେଥିମଧ୍ୟରୁ ୬ଟି ସୋସାଇଟିର ଟାୱାର କ୍ଷତିଗ୍ରସ୍ତ ହୋଇଛି । ମସ୍କୋଠାରୁ ପ୍ରାୟ ୫୦୦ ମାଇଲ (୮୦୦ କିଲୋମିଟର) ପୂର୍ବରେ ଅବସ୍ଥିତ କାଜାନ ସହରରେ ଅତି କମରେ ୬ଟି ସୋସାଇଟିର ଟାୱାର ଉପରେ ଏକାଧିକ ଡ୍ରୋନ୍ ସାହାଯ୍ୟରେ ଆକ୍ରମଣ ହୋଇଥିବା ରୁଷିଆର ସରକାରୀ ନ୍ୟୁଜ୍ ଏଜେନ୍ସି ଟାସ୍ ସୂଚନା ଦେଇଛି । ମିଳିଥିବା ସୂଚନା ଅନୁଯାୟୀ, କମଲାୟେଭା ଆଭେନ୍ୟୁ (ଦୁଇଟି ଡ୍ରୋନ୍), କ୍ଲାରା ସେଟ୍କିନ୍ ଷ୍ଟ୍ରିଟ୍, ୟୁଟାଜିନ୍ସ୍କାୟା ଷ୍ଟ୍ରିଟ୍, ଗଲ୍ଲ ଟାଟାସ୍ ଷ୍ଟ୍ରିଟ୍, କ୍ରାସ୍ନାୟା ଷ୍ଟ୍ରିଟ୍ ଏବଂ ଓରେନବର୍ଗସ୍କି ଟ୍ରାକ୍ଟରେ ଥିବା ଏକ କୋଠାକୁ ଡ୍ରୋନ୍ ଆକ୍ରମଣ ରେ ଟାର୍ଗେଟ୍ କରାଯାଇଛି । କାଜାନ ବିମାନ ବନ୍ଦର କର୍ତ୍ତୃପକ୍ଷ କହିଛନ୍ତି ଯେ ୟୁକ୍ରେନର ଡ୍ରୋନ ଆକ୍ରମଣ ପରେ ବିମାନର ଆଗମନ ଏବଂ ପ୍ରସ୍ଥାନ କୁ ସାମୟିକ ଭାବେ ବନ୍ଦ କରାଯାଇଛି । ସୂଚନାଯୋଗ୍ୟ ଯେ, ନିକଟରେ ଏହି ସହରରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଂଶଗ୍ରହଣ କରିଥିଲେ ।

## ହାଇକୋର୍ଟଙ୍କ ନିର୍ଦ୍ଦେଶ ନମାନି ହରଡ଼ଘଣାରେ ଜିଲ୍ଲା ଶିକ୍ଷା ଅଧିକାରୀ

ମୟୂରଭଞ୍ଜ, ୨୧/୧୨ (ନି.ପ୍ର): ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ହରଡ଼ଘଣାରେ ପଡ଼ିଛନ୍ତି ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ପୂର୍ଣ୍ଣଚନ୍ଦ୍ର ସେଠୀ । ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ତାଙ୍କୁ ତିନି ଥର ନିର୍ଦ୍ଦେଶ ଆସିଥିଲା । କିନ୍ତୁ ସେ ହାଜର ହୋଇ ନଥିଲେ । ତେଣୁ ତାଙ୍କୁ ଆଣି ହାଜର କରାଇବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ମିଳିଥିବା ସୂଚନା ଅନୁଯାୟୀ, ଜଣେ ଅଣତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ତାଙ୍କ ଦରମା ସମ୍ବନ୍ଧରେ ମାନ୍ୟବର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସେ ଅଣତାଲିମପ୍ରାପ୍ତ ଶିକ୍ଷକଙ୍କ ପାଇଁ ଉଦ୍ଦିଷ୍ଟ ଦରମା ପାଉଥିବା ବେଳେ ଅନେକ ଦିନ ଧରି କାର୍ଯ୍ୟ କରିଥିବାରୁ ତାଙ୍କୁ ତାଲିମପ୍ରାପ୍ତ ଶିକ୍ଷକଙ୍କ ଭଳି ଦରମା ଦିଆଯାଉ ବୋଲି କୋର୍ଟରେ ଏକ ମାମଲା ରୁଜୁ କରିଥିଲେ । ଏହି ମାମଲରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ହାଜର ହେବାକୁ ହାଇକୋର୍ଟ ତିନି ଥର ସମନ ଜାରି କରିଥିଲେ । ତେବେ କୌଣସି କାରଣ ବଶତଃ ସେ କୋର୍ଟରେ ଉପସ୍ଥିତି ହୋଇପାରି ନ ଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସେଠୀ କହିଛନ୍ତି ଯେ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କୌଣସି ପ୍ରକାର ଅବମାନନା କରାଯାଇନାହିଁ । ନିଜ ତରଫରୁ ସେ କୋର୍ଟରେ ହାଜର ହୋଇ ପକ୍ଷ ରଖିବେ । ବାରିପଦା ଟାଉନ ଥାନା ପୁଲିସ ମଧ୍ୟ କହିଛି ଯେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଠିକ୍ ସମୟରେ ନେଇ ହାଇକୋର୍ଟରେ ହାଜର କରାଯିବ ।

## ଆଇପିଏସ ଗୌତମଙ୍କୁ ୮ ମାସର ଜେଲ ଦଣ୍ଡ ଦେଲେ ସିବିଆଇ କୋର୍ଟ

ନୂଆଦିଲ୍ଲୀ, ୨୧/୧୨ : ୧୯୯୫ ବ୍ୟାଚର ପଞ୍ଜାବ କ୍ୟାଡର ତଥା ଆଇଜିପି ଗୌତମ ଚୀମାଙ୍କୁ ମିଳିଛି ୮ ମାସର ଜେଲଦଣ୍ଡ । ଅପରାଧିକ ଷଡ଼ଯନ୍ତ୍ର ମାମଲାରେ ତାଙ୍କୁ ଏପରି ଦଣ୍ଡ ମିଳିଛି । ସିବିଆଇ ସ୍ପେଶାଲ ଜଜ ମାଜିଷ୍ଟ୍ରେଟ ମେଘା ଧାଲିୱାଲ ଶୁକ୍ରବାର ଆଇଜିପି ଗୌତମ ଓ ତାଙ୍କର ୫ ସହଯୋଗୀ- ରଶ୍ମୀ ନେଗୀ, ଅଜୟ ଚୌଧୁରୀ, ବରୁଣ ଉତ୍ରେଜା, ଭିକ୍କି ବର୍ମା ଓ ଆର୍ଯ୍ୟନ ସିଂହଙ୍କୁ ବିଭିନ୍ନ ଦଫାରେ ୮ ମାସର ଜେଲ ଦଣ୍ଡ ଦେଇଛନ୍ତି । ତେବେ ସମସ୍ତ ଅଭିଯୁକ୍ତଙ୍କୁ ଅପହରଣ, ମାଡ଼ ମାରିବା, ଧମକ ଦେବା ଓ ବେଆଇନ ଭାବେ ବନ୍ଦୀ କରିବା ଅଭିଯୋଗରେ କୋର୍ଟ ଦୋଷମୁକ୍ତ କରିଛନ୍ତି । ସରକାରୀ ଓକିଲ ଦାଖଲ କରିଥିବା ପ୍ରମାଣକୁ ଦେଖିବା ପରେ ନିଃସନ୍ଦେହରେ କୁହାଯାଇ ପାରେ ଯେ ସମସ୍ତ ଅଭିଯୁକ୍ତ ଅପରାଧିକ ଷଡ଼ଯନ୍ତ୍ରରେ ସାମିଲ ରହିଛନ୍ତି । ୨୦୧୪ ମସିହା ଅଗଷ୍ଟ ୨୬ରେ ସେମାନେ ଜାଣିଶୁଣି ସୁମେଧ ଗୁଲାଟିଙ୍କ ସହ ବେଆଇନ କାମ କରିଛନ୍ତି । ଗୁଲାଟି ଠକେଇ ମାମଲାରେ ମୋହାଲିର ଫେଜ ୧ ପୁଲିସ୍ ଷ୍ଟେସନରେ ଥିଲେ ମଧ୍ୟ ତାଙ୍କୁ ବଳପୂର୍ବକ ସେଠାରୁ ଅନ୍ୟତ୍ର ନିଆଯାଇଥିଲା । ଏପରି କି ଆଉ ଜଣେ ଅଭିଯୋଗକାରୀଙ୍କୁ ମଧ୍ୟ ଧମକ ଦିଆଯାଇଥିଲା ବୋଲି କୋର୍ଟ କହିଛନ୍ତି । ୨୦୧୪ ମସିହା ଅଗଷ୍ଟ ୨୬ରେ ତଥାକଥିତ ଠକ ସୁମେଧ ଗୁଲାଟିଙ୍କ ଗିରଫଦାରୀ ବେଳେ ପୂରା ଘଟଣା ଘଟିଥିଲା । ୨୦୧୪ ମସିହା ଅଗଷ୍ଟ ୨୬ ତାରିଖ ରାତି ପ୍ରାୟ ୧୦.୪୫ରେ ଫେଜ ୧ ପୁଲିସ୍ ଷ୍ଟେସନରେ ଏଏସ୍ଆଇ ▶▶ପୃଷ୍ଠା ୭

## ପୁଣି ଆସିବେ ଶାହ: ୨୮ରେ ସମ୍ବଲପୁର

ଭୁବନେଶ୍ୱର, ୨୧/୧୨ (ନି.ପ୍ର): ବିଜେପି ରାଷ୍ଟ୍ରୀୟ ନେତୃତ୍ୱଙ୍କ ଫୋକସରେ ଏବେ ଓଡ଼ିଶା । ମାସକ ମଧ୍ୟରେ ପୁଣି ଦ୍ୱିତୀୟଥର ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ବିଜେପିର ଚାଣକ୍ୟ ଅମିତ୍ ଶାହ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ଶାହ ଚଳିତମାସ ୨୮ତାରିଖରେ ଦୁଇଦିନିଆ ଗସ୍ତରେ ଆସି ସମ୍ବଲପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ବରିଷ୍ଠ ବିଜେପି ବିଧାୟକ ଜୟନାରାୟଣ ମିଶ୍ର ସୂଚନା ଦେଇଛନ୍ତି । ସାମ୍ବାଦିକମାନଙ୍କୁ



ସୂଚନା ଦେଇ ସମ୍ବଲପୁର ବିଧାୟକ ଶ୍ରୀ ମିଶ୍ର କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ୨୮ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ସମ୍ବଲପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଶ୍ରୀ ଶାହ ୨୮ତାରିଖରେ ସମ୍ବଲପୁରରେ ପହଂଚିବା ପରେ ସିଧାସଳଖ ସମଲେଶ୍ୱରୀ ମନ୍ଦିର ଯାଇ ସେଠାରେ ପୂଜାର୍ଚ୍ଚନା କରିବେ । ତା'ପରେ ଗଙ୍ଗାଧର ମେହେର ▶▶ପୃଷ୍ଠା ୭

## ଅଯୋଗ୍ୟ ହିତାଧିକାରୀଙ୍କୁ ବାଜିବ ସୁଭଦ୍ରା ଛାଟ : ଧରାପଡିଲେ ଫେରାଇବେ ଟଙ୍କା, ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୧/୧୨ (ନି.ପ୍ର): ପ୍ରତି ଗାଁରେ ପହଞ୍ଚିବ ସୁଭଦ୍ରା ଯୋଜନା । ଏଥିପାଇଁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର । ଅନ୍ୟପଟେ ସୁଭଦ୍ରା ଯୋଜନାରେ ସହାୟତା ପାଇଥିବା ମହିଳାଙ୍କ ମଧ୍ୟରୁ ଅଯୋଗ୍ୟ ହିତାଧିକାରୀଙ୍କୁ ଖୋଜିବାକୁ ସଙ୍କେତ ଦେଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ । ଏସବୁ ଭିତରେ ସରକାର ନିଷ୍ପତ୍ତି ନେଇଛନ୍ତି, ନୂଆବର୍ଷରେ ଆଉ ୨୦ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଭେଟି ଦେବେ । ସୁଭଦ୍ରା ଯୋଜନାରେ



ହିତାଧିକାରୀଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ପାଇଛି । ଏବେ ପର୍ଯ୍ୟନ୍ତ ୮୦ ଲକ୍ଷ ୨୮ ହଜାର ମହିଳାଙ୍କୁ ସୁଭଦ୍ରା ସହାୟତା ମିଳି ସାରିଲାଣି । କିନ୍ତୁ ସହାୟତା ପାଇଥିବା ସବୁ ମହିଳା ଯେ ଯୋଗ୍ୟ ▶▶ପୃଷ୍ଠା ୭

## ପୋଲ ତଳକୁ ଖସିଲା ଯାତ୍ରୀବାହୀ ବସ୍

ବଡ଼ପଡ଼ା, ୨୧/୧୨ (ନି.ପ୍ର): ପୋଲ ତଳକୁ ଖସିଗଲା ବସ୍ । ଅଳ୍ପକେ ବର୍ତ୍ତିଗଲେ ବସ୍‌ରେ ବସିଥିବା ଯାତ୍ରୀ । ଯାତ୍ରୀଙ୍କ ମଧ୍ୟରୁ କେବଳ ୫ ଜଣ ହୋଇଛନ୍ତି ଆହତ । ଘଟଣାଟି ଘଟିଛି କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ବଡ଼ପଡ଼ା ଗ୍ରାମ ନିକଟରେ । ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଯାଞ୍ଚ କରୁଛନ୍ତି ଅଗ୍ନିଶମ ବାହିନୀ କର୍ମଚାରୀ । ବସ୍‌ଟି କଟକରୁ ଜମ୍ମୁ ଅଭିମୁଖେ ଯାଉଥିବା ବେଳେ ସନ୍ଧ୍ୟାରେ ଘଟିଛି ଏହି ଘଟଣା । ଜଣେ ▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର



ସୁବର୍ଣ୍ଣପୁର, ୨୧/୧୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ (ଜେନେରାଲ ମ୍ୟାନେଜର) ବିପିନ କୁମାର ଦେହୁରୀଙ୍କୁ ଆଜି ବାନ୍ଧିଛି ଭିଜିଲାନ୍ସ । ଲୋନ୍ ମଞ୍ଜୁର କରି ଦେବାକୁ ଜଣେ ବ୍ୟକ୍ତିଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଇ ସେ ପଡ଼ିଛନ୍ତି ଭିଜିଲାନ୍ସ ଜାଲରେ । ତରଭା ଅଞ୍ଚଳର ସୁନୀଲ ମିଶ୍ର ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (ଟଗରଏଚ)ରେ ଲୋନ୍ ପାଇଁ ଆବେଦନ କରିଥିଲେ । ତେବେ ଲୋନ୍ ମଞ୍ଜୁର କରି ଦେବା ପାଇଁ ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ବିପିନ କୁମାର ଦେହୁରୀ ତାଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ▶▶ପୃଷ୍ଠା ୭

## ଆଜି ବର୍ଷର ସବୁଠାରୁ ଛୋଟ ଦିନ

ଭୁବନେଶ୍ୱର, ୨୧/୧୨ (ନି.ପ୍ର): ଆଜି ସବୁଠାରୁ ଛୋଟ ଦିନ, ରାତି ହେବ ଲମ୍ବା । ଭୁବନେଶ୍ୱରରେ ଦିନର ଲମ୍ବ ପ୍ରାୟ ୧୦ ଘଣ୍ଟା ୫୪ ମିନିଟ୍ ୨୪ ସେକେଣ୍ଡ ରହିବ । ଆଉ ଦୀର୍ଘତମ ରାତିପ୍ରାୟ ୧୩ ଘଣ୍ଟା ୫ ମିନିଟ୍ ୩୬ ସେକେଣ୍ଡ ହେବ । ଏନେଇ ସୂଚନା ଦେଇଛନ୍ତି ମହାକାଶ ବିଜ୍ଞାନୀ ଡକ୍ଟର ଶୁଭେନ୍ଦୁ ପଟ୍ଟନାୟକ । ପ୍ରାୟତଃ ଭୁବନେଶ୍ୱରରେ ଡିସେମ୍ବର ୧୫ରୁ ୨୭ ତାରିଖ ଯାଏ ପ୍ରାୟ ୧୨ ଦିନ ଧରି ଦିନର ଲମ୍ବ ୧୦ ଘଣ୍ଟା ୫୪ ମିନିଟ୍ ଏବଂ ରାତି ପ୍ରାୟ ୧୩ ଘଣ୍ଟା ୫ ମିନିଟ୍ ହୋଇଥାଏ । ଆଜି ସୁନ୍ଦରଗଡ଼ରେ ଦିନ ୧୦ ଘଣ୍ଟା ୪୭ ମିନିଟ୍ ଓ ମାଲକାନଗିରିରେ ଦିନର ଲମ୍ବା ୧୧ ଘଣ୍ଟା ୦୧ ମିନିଟ୍ ରହିବ ।

## ଆଜିଠୁ କମିବ ବର୍ଷା: ଘନ କୁହୁଡ଼ି ନେଇ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨୧/୧୨ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଓ ତତ୍ ପରବର୍ତ୍ତୀ ଅବପାତ ପ୍ରଭାବରେ ଗତକାଲିଠାରୁ ରାଜ୍ୟରେ ବର୍ଷା ଲାଗି ରହିଥିବା ବେଳେ ଆସନ୍ତାକାଲି ବର୍ଷାର ପରିମାଣ ବହୁ ମାତ୍ରାରେ କମିଯିବାର ସମ୍ଭାବନା ରହିଛି । ଆଜି ଏହି ସୂଚନା ଦେଇଛନ୍ତି ଭୁବନେଶ୍ୱର ସ୍ଥିତି ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି । ସେ ଦେଇଥିବା ସୂଚନା ଅନୁଯାୟୀ, ଆସନ୍ତାକାଲି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି ଓ ନୟାଗଡ଼ ଜିଲ୍ଲାର ଅନେକ ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, କୋରାପୁଟ ଓ ସୁନ୍ଦରଗଡ଼ ଆଦି ଜିଲ୍ଲାର କିଛି ସ୍ଥାନରେ ହାଲକା ବର୍ଷା ହେବ । ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗିର, ବରଗଡ଼ ଓ ସୋନପୁର ଆଦି ଜିଲ୍ଲାରେ ଆଜିଠାରୁ ବର୍ଷା କମିଯିବ । କାଲିଠାରୁ ବର୍ଷାର ପରିମାଣ ବହୁତ ମାତ୍ରାରେ କମିଯିବାର ସମ୍ଭାବନା ରହିଛି । ଆସନ୍ତାକାଲି ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପାଗ ମୁଖ୍ୟତଃ ମେଘୁଆ ରହିବ । ▶▶ପୃଷ୍ଠା ୭

## କୁଏତର ଆଗାମୀ ପିଢ଼ିକୁ ମଜଭୁତ କରୁଛନ୍ତି ଭାରତୀୟ: 'ହାଲା ମୋଦୀ'ରେ କହିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୧/୧୨ : କୁଏତରେ ପହଞ୍ଚିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହି ଅବସରରେ ସେ 'ହାଲା ମୋଦୀ' କମ୍ୟୁନିଟି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମୁଁ ଏଠାରେ ଭିନ୍ନ ଅନୁଭବ କରୁଛି । କୁଏତ ମୋ ସାମ୍ନାରେ ମିନି ଇଣ୍ଡିଆ ଦୃଶ୍ୟମାନ ହେଉଛି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଏହି ମୁହୂର୍ତ୍ତ ବ୍ୟକ୍ତିଗତ ଭାବେ ମୋ ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର । ଚାରି ଦଶନ୍ଧିରୁ ଅଧିକ ସମୟ ପରେ ହିଁ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ କୁଏତ ଗସ୍ତ କରିଛନ୍ତି । ଭାରତୀୟମାନେ କୁଏତର ପରବର୍ତ୍ତୀ ପିଢିକୁ ମଜଭୁତ କରୁଛନ୍ତି । କେବଳ ଆମର ବର୍ତ୍ତମାନ ନୁହେଁ ଆମର ଅତୀତ ମଧ୍ୟ ଆମକୁ ସଂଯୋଗ କରେ । ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ କୁଏତରୁ ଅନେକ ସାମଗ୍ରୀ ଏଠାକୁ ଆସୁଛି ଏବଂ ଅନେକ



ଜିନିଷ ଏଠାରୁ ଯାଉଛି । କୁଏତର ମୋତି ଭାରତ ପାଇଁ ହୀରାଠାରୁ କମ୍ ନୁହେଁ । ଆଜି ଭାରତୀୟ ଅଳଙ୍କାର ସମଗ୍ର ବିଶ୍ୱରେ ପ୍ରସିଦ୍ଧ ଏବଂ କୁଏତର ମୋତି ମଧ୍ୟ ଏଥିରେ ସହଯୋଗ କରିଥାଏ । ଗୁଜୁରାଟରେ, ଆମେ ପ୍ରାଚୀନମାନଙ୍କଠାରୁ ଶୁଣୁଛୁ ଯେ ଗତ ଶତାବ୍ଦୀରେ କୁଏତରୁ ବ୍ୟବସାୟୀମାନେ ଆସୁଥିଲେ । ଦଶନ୍ଧି ପୂର୍ବରୁ କୁଏତ ବ୍ୟବସାୟୀମାନେ ସୁରଟକୁ ଆସିବା ଆରମ୍ଭ କରିଥିଲେ । ସେ କହିଛନ୍ତି ଯେ କୁଏତର ଅନେକ ପରିବାର ଏବେ ମଧ୍ୟ ମୁମ୍ବାଇର ମହମ୍ମଦ ଅଲି ଛକରେ ରୁହନ୍ତି । ଅନେକ ଲୋକ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ୬୦-୬୫ ବର୍ଷ ପୂର୍ବେ ଲୋକମାନେ ଭାରତରେ ସମାନ ମାର୍ଗରେ ଚାଲୁଥିଲେ । ଅର୍ଥାତ୍, ଏକ ଦୋକାନରୁ କିଛି କିଣିବାବେଳେ ଏଠାରେ କେବଳ ଭାରତୀୟ ଟଙ୍କା ଗ୍ରହଣ କରାଯାଇଥିଲା । ଆମର ବର୍ତ୍ତମାନ କୁଏତ ସହିତ ସଂଯୁକ୍ତ । ଏଠାକୁ ଆସିବା ମୋ ପାଇଁ ଅତ୍ୟନ୍ତ ସ୍ମରଣୀୟ । କୁଏତବାସୀ ଏବଂ ଏଠାରେ ଥିବା ସରକାରଙ୍କୁ ମୁଁ ବହୁତ କୃତଜ୍ଞ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକଙ୍କୁ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଅତୀତରେ ସଂସ୍କୃତି ଏବଂ ବାଣିଜ୍ୟ ଯେଉଁ ସମ୍ପର୍କ ସ୍ଥାପନ କରିଥିଲା ତାହା ଆଜି ନୂତନ ଶତାବ୍ଦୀରେ ନୂତନ ଉଚ୍ଚତା ଆଡକୁ ଗତି କରୁଛି । ଆଜି କୁଏତ ହେଉଛି ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଏବଂ ବାଣିଜ୍ୟ ଭାଗିଦାରୀ । କୁଏତ କମ୍ପାନୀଗୁଡିକ ପାଇଁ ଭାରତ ମଧ୍ୟ ଏକ ବଡ଼ ବିନିଯୋଗ ଲକ୍ଷ୍ୟସ୍ଥଳ । କରୋନା ମହାମାରୀ ସମୟରେ ଉଭୟ ଦେଶ ପ୍ରତ୍ୟେକ ସ୍ତରରେ ସାହାଯ୍ୟ କରିଥିଲେ । କୁଏତ ଭାରତକୁ ତରଳ ଅମ୍ଳଜାନ ଯୋଗାଉଥିଲା । ଭାରତ କୁଏତକୁ ଟିକା ଏବଂ ଡାକ୍ତରୀ ଦଳ ପଠାଇ ଏହି ସଙ୍କଟ ମୁକାବିଲା ପାଇଁ ସାହସ ମଧ୍ୟ ଦେଇଛି । ଭାରତ ଏହାର ବନ୍ଦରଗୁଡ଼ିକୁ ଖୋଲା ରଖିଥିଲା ।

## ପୁଣି ଜେଲ୍ ଯିବେ କେଜ୍ରିୱାଲ: ମାମଲା ରୁଜୁ ପାଇଁ ଇଡିକୁ ମିଳିଲା ଗ୍ରୀନ୍ ସିଗ୍ନାଲ



, ୨୧/୧୨ (ନି.ପ୍ର): ଆଉ ମାତ୍ର ଦିନ କେଇଟା ପରେ ପଡିବ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭୋଟ । ତେବେ ନିର୍ବାଚନ ପୂର୍ବରୁ ଆମ୍ ଆଦମୀ ପାର୍ଟିକୁ ଲାଗିଛି ଜୋରଦାର ଝଟ୍‌କା । କାରଣ ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ପୁଣିଥରେ ଯାଇପାରନ୍ତି ଜେଲ୍ । ମଦ ଦୁର୍ନୀତି ମାମଲାରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ମିଳିଛି ଗ୍ରୀନ୍ ସିଗ୍ନାଲ । ଏକ୍ସାଇଜ୍ ପଲିସି ମାମଲାରେ ଆମ୍ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଭି.କେ ସାକ୍ସେନା ଇଡିକୁ ମଞ୍ଜୁରୀ ଦେଇଛନ୍ତି । ଇଡି ଅଭିଯୋଗ କରିଛି ଯେ କେଜ୍ରିୱାଲ ୧୦୦ କୋଟି ଟଙ୍କା ଲାଞ୍ଚ ନେଇ ଘରୋଇ ଅନୁଷ୍ଠାନକୁ ଲାଭ ଯୋଗାଇଛନ୍ତି । ଅନ୍ୟପକ୍ଷରେ ଆମ୍ ଆଦମୀ ପାର୍ଟି ଏହି ଅଭିଯୋଗକୁ ଖଣ୍ଡନ କରି କହିଛି ଯେ ଦୁଇ ବର୍ଷର ତଦନ୍ତରେ ଗୋଟିଏ ବି ଟଙ୍କା ଉଦ୍ଧାର କରାଯାଇ ନାହିଁ । ▶▶ପୃଷ୍ଠା ୭

## କାର୍ ଭିତରୁ ମିଳିଲା ପୁଳା ପୁଳା ସୁନା: ୨ ଗିରଫ

ନୂଆଦିଲ୍ଲୀ, ୨୧/୧୨ : କାର ଭିତରୁ ମିଳିଲା ପୁଳା ପୁଳା ସୁନା । କିଲୋ କି ଦୁଇ କିଲୋ ନୁହେଁ ପାଖାପାଖି ୧୫ କିଲୋଗ୍ରାମ ସୁନା ମିଳିଛି । ଏହି ମାମଲାରେ ପୁଲିସ ୨ ଜଣଙ୍କୁ ବାନ୍ଧିଛି । ଗୁଜରାଟର ସୁରଟରେ ଗାଡ଼ି ଯାଞ୍ଚ ବେଳେ ଏଭଳି କିଛି ଘଟଣା ସାମ୍ନାକୁ ଆସିଛି । ଏଠାରେ ପୁଲିସ ଏକ ଚେକ୍ ପୋଷ୍ଟରେ ଗାଡି ଯାଞ୍ଚ କରୁଥିଲା । ଏହି ସମୟରେ ଏକ କାର ଭିତରୁ ୧୫ କେଜି ସୁନା ଜବତ ହୋଇଛି । କପଡା ଭିତରେ ଲୁଚାଇ ଅଭିଯୁକ୍ତମାନେ ଏହି ସୁନାକୁ ନେଇ ଯାଉଥିଲେ । ଏତିକି ବେଳେ ପୁଲିସ ଧରିଛି । ପୁଲିସ ଘଟଣାସ୍ଥଳରୁ ଦୁଇ ଜଣଙ୍କୁ ଗିରଫ କରିଛି । ପୋଲିସର ପ୍ରାରମ୍ଭିକ ପଚରାଉଚରା ବେଳେ ଗିରଫ ବ୍ୟକ୍ତି ଜଣକ କହିଛନ୍ତି ଯେ ସେ ଏହି ସୁନାକୁ ମହିଧରପୁରରୁ ଉମ୍ବେଲର ଏକ କାରଖାନାକୁ ନେଉଯାଉଥିଲେ । ତେବେ ଏହା କାହାର ସୁନା ଏବଂ କାହିଁକି ଉକ୍ତ କାରଖାନାକୁ ନିଆଯାଉଥିଲା ସେ ନେଇ ପୁଲିସ ବର୍ତ୍ତମାନ ତଦନ୍ତ ଜାରି ରଖିଛି । ମାମଲାର ତଦନ୍ତ କରୁଥିବା ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି, ପାଟ୍ରୋଲିଂ ବେଳେ କିଛି ଲୋକ ସେଲେରିଆ କାରରେ ବିପୁଳ ପରିମାଣର ସୁନା ନେଇ ଯାଉଥିବା ନେଇ ସାସୋରି ▶▶ପୃଷ୍ଠା ୭

# ଡୁଙ୍ଗୁରା ଦର୍ଶନ ପ୍ରସାଦ ହାଇସ୍କୁଲର ବାର୍ଷିକୋତ୍ସବ

ଖଇରା, ୨୧/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ଡୁଙ୍ଗୁରାସ୍ଥିତ ଦର୍ଶନ ପ୍ରସାଦ ହାଇସ୍କୁରେ ବାର୍ଷିକୋତ୍ସବ ବୁଧବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନଶିକ୍ଷକ ମାୟାଧର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ମୁଖ୍ୟ ଅତିଥି,ବେଦ ପ୍ରଚାରକ ପଣ୍ଡିତ ଡଃ ବିରେନ୍ଦ୍ର ପଣ୍ଡା ମୁଖ୍ୟବକ୍ତା, ଅବସରପ୍ରାପ୍ତ ଚିକିତ୍ସାଧିକାରୀ ଡା ଶ୍ରୀକାନ୍ତ ମହାନ୍ତି, ସରପଞ୍ଚ ପ୍ରକାଶ କୁମାର ଲେଙ୍କ, ଆଲୁମିନି ସଭାପତି ମାୟାଧର ନାୟକ, ଏସଇଆରଟିର ଅବସରପ୍ରାପ୍ତ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟରେ ବିଭିନ୍ନ ବିଷୟରେ ପାରଦର୍ଶୀତା ଲାଭ କରିଥିବା ଛାତ୍ରୀଚାତ୍ର ମାନଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନୀତ କରାଯାଇଥିଲା । କ୍ରୀଡା ଚାମ୍ପିୟନ ଚିନ୍ମୟ ବେହେରା,ସାଂସ୍କୃତିକ ଚାମ୍ପିୟନ ତନ୍ମୟ ପୃଷ୍ଟିଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ର ନିର୍ମଳ କୁମାର ପଣ୍ଡା ଓ ନନ୍ଦ କିଶୋର ପୃଷ୍ଟି ଙ୍କ ସମେତ ସମସ୍ତ ଶିକ୍ଷୟତ୍ରୀ,ଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଶିକ୍ଷୟତ୍ରୀ ଅର୍ଚ୍ଚନା ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ପିଲାମାନଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷଣ କରାଯାଇଥିଲା ।

# ପୁରୀ ଶଙ୍କରାଚାର୍ଯ୍ୟଙ୍କ ଗସ୍ତ ନେଇ ପ୍ରସ୍ତୁତି ବୈଠକ

ମାଲକାନଗିରି, ୨୦/୧୨ (ନି.ପ୍ର): ଆସନ୍ତା ବର୍ଷ ମାର୍ଚ୍ଚ ମାସରେ ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମାଲକାନଗିରି ଜିଲ୍ଲାର ଗୋବିନ୍ଦପାଲି ସ୍ଥିତ ଜଗନ୍ନାଥ ମନ୍ଦିର ଗସ୍ତରେ ଆସିବେ। ଏହାକୁ ଦୃଷ୍ଟିରେ ରଖି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଗୋବର୍ଦ୍ଧନ ମଠର ଆଦିତ୍ୟ ବାହିନୀ ଅଧ୍ୟକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ମହନ୍ତ ମାଧବ ଚୈତନ୍ୟ ମହାରାଜ, ସ୍ୱାମୀ ବିଶ୍ୱମିତ୍ରାନନ୍ଦ ଗିରି ମହାରାଜ, ଈଶ୍ୱର ରଥ,ଏ. ରାବନ୍ନା, ତ୍ରିପାଠୀ ବାବୁ, ଏ. ଭାସ୍କର ରାଓ, ଗୁପ୍ତେଶ୍ୱର ବ୍ରହ୍ମା, ହରି ଗୌଡ଼ ଓ ଅର୍ଜୁନ ମାଝୀ ପ୍ରମୁଖ ଉପସ୍ଥିତ ରହି ଶଙ୍କରାଚାର୍ଯ୍ୟଙ୍କ ମାଲକାନଗିରି ଜିଲ୍ଲା ଗସ୍ତ ସମ୍ପର୍କରେ ସବିଶେଷ ବିବରଣୀ ଦେବା ସହ କହିଥିଲେ ଯେ, ଏହି ଗସ୍ତ ସମୟରେ ଜିଲ୍ଲାର ସମସ୍ତ ସନାତନ ହିନ୍ଦୁ ନିଜ ନିଜର ଘର ସମ୍ମୁଖରେ ପୂର୍ଣ୍ଣ କଳସ ସ୍ଥାପନ କରି ଶଙ୍କରାଚାର୍ଯ୍ୟଙ୍କ ସ୍ୱାଗତ କରିବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ତତ୍ ସହିତ ଏକ ବିଶାଳ ମହାସଭାରେ ଶଙ୍କରାଚାର୍ଯ୍ୟଙ୍କ ଉଦବୋଧନ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ପାଇଁ ଅନୁରୋଧ କରିଥିଲେ ।

# ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଭତ୍ତା ବୃଦ୍ଧି ନକଲେ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ତୀବ୍ର ଆନ୍ଦୋଳନ

ଭବାନୀପାଟଣା, ୨୦ ଡିସେମ୍ବର (ହି.ସ.)- ମୁଇ ଇଣ୍ଡିଆ ଫର କଳାହାଣ୍ଡି ସଂଗଠନ ତରଫରୁ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଥିଲା ବିଜେପି ସରକାର ନିର୍ବାଚନ ସମୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଭତା ୩୦୦୦ ଟଙ୍କାକୁ ବୃଦ୍ଧି କରିବା ପ୍ରତିଶୃତି ଦେଇଥିଲେ। ତାପରେ ସରକାର ଗଠନର ପ୍ରଥମ ବଜେଟ୍ ରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ବାର୍ଦ୍ଧକ୍ୟ ଏବଂ ୮୦ ପ୍ରତିଶତ ଉର୍ଦ୍ଧ୍ୱ ଭିନ୍ନକ୍ଷମମାନଙ୍କୁ ଭତା ୩୫୦୦ଟଙ୍କା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ କିନ୍ତୁ ଆଜିକୁ ୬ ମାସ ପରେ ବି ହିତାଧିକାରୀ ହତାଶ ହେଇଛନ୍ତି। ତେଣୁ ଗତକାଲି ଭବାନୀପାଟଣା ମୁନିସିପାଲିଟିର ୱାର୍ଡ ନଂ-୨୦ ର ୬୦ରୁ ଉର୍ଦ୍ଧ୍ୱ ଭତା ହିତାଧିକାରୀଙ୍କୁ ନେଇ ମନ୍ଦାରବଗିଚାପଡା ଦୂର୍ଗା ମଣ୍ଡପ ଠାରେ 'ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି' ସଂଗଠନ ତରଫରୁ ଏକ ବୈଠକ ହୋଇଯାଇଅଛି । ଯଦି ସରକାର ଇଂରାଜୀ ନବ ବର୍ଷ ୨୦୨୫ ଭିତରେ ଭତା ୩୦୦୦-୩୫୦୦ ଟଙ୍କା ଘୋଷଣା ନ କରନ୍ତି ତାହେଲେ ଆଗାମୀ ଦିନରେ ତିବ୍ର ଆନ୍ଦୋଳନ ହେବା ପାଇଁ ସଂଗଠନ ତରଫରୁ ସଜବାଜ ହେଉଛି ବୋଲି ସଂଗଠକ ଲକ୍ଷ୍ମୀନାରାୟଣ ପଣ୍ଡା କହିଛନ୍ତି । ସଭାପତି ସୁରେଶ ସଂଗ୍ରାମ, ନାରୀ ନେତ୍ରୀ କବିତା ରାଉତ, ଭତାଧିକାରୀଙ୍କ ସଭାପତି ନିରୋଦ କୁମାର ରାଉତ, ଚାଷୀନେତା ଲିଙ୍ଗରାଜ ପ୍ରଧାନ ପ୍ରମୁଖ ଉଦବୋଧନ ଦେଇଥିଲେ ଏବଂ ଭତାଧିକାରୀମାନେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ । ସଦସ୍ୟ ବିଶ୍ୱନାଥ ବାଗଙ୍କ ନେତୃତ୍ୱରେ ବୈଠକର ଆୟୋଜନ ହେବା ସହ ସୁଭାସିନୀ ରଣା, ପୂର୍ଣ୍ଣ ଚନ୍ଦ୍ର ଗଉଡ, ଅକ୍ରୁର ବାଗ, ଉମାକାନ୍ତ ବାଗ, ଭବାନୀ ଶଙ୍କର ରାଉତ, ନିରଞ୍ଜନ ନାଗ, ମିନାକ୍ଷୀ ନାୟକ ଓ ଶଶୀ ଆଚାର ପ୍ରମୁଖ ସହଯୋଗ କରିଥିଲେ।

# ଜାନୁଆରୀ ୩ରେ ପାରାଦ୍ୱୀପ ମାରାଥନ

ପାରାଦ୍ୱୀପ, ୨୧/୧୨ (ନି.ପ୍ର): ଜାନୁୟାରୀ ୩ ରେ ପାରାଦ୍ୱୀପ ବନ୍ଦରର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏକ ମାରାଥନର ଆୟୋଜନ କରାଯାଇଛି ।ଏନେଇ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ପାରାଦ୍ୱୀପ ମାରାଥାନ ଜାନୁୟାରୀ ୩ ଅନୁଷ୍ଠିତ ହେବ। ୩ ତାରିଖ ସକାଳେ ମାରାଥନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିବେ ପାରାଦ୍ୱୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ । ପାରାଦ୍ୱୀପ ସମୁଦ୍ରକୂଳ ଗେଟ୍ ନମ୍ବର-୫ ନିକଟରେ ଥିବା ହନୁମାନ ମନ୍ଦିର ନିକଟରୁ ଏହି ମାରାଥାନ ଆରମ୍ଭ ହୋଇ ୧୪ କିଲୋମିଟରକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅତିକ୍ରମ କରି ପ୍ରତିଯୋଗୀମାନେ ଗୋପବନ୍ଧୁ ଷ୍ଟାଡିୟମରେ ପହଂଚିବେ । ସେଠାରେ ସଫଳ ପୁରୁଷ ଓ ମହିଳା ପ୍ରତିଯୋଗୀମାନଙ୍କୁ ପାରାଦ୍ୱୀପ ବନ୍ଦର ଅଧକ୍ଷ ପିଏଲ ହରନାଦ ପୁରସ୍କୃତ କରିବେ। ପ୍ରତିଯୋଗୀ ମାନଙ୍କର ବୟସ ସୀମା ୧୮ ବର୍ଷରୁ ଉର୍ଦ୍ଧ ଓ ୪୦ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ପ୍ରତିଯୋଗୀମାନେ ଉତ୍ତମ ସ୍ୱାସ୍ଥ୍ୟର ପ୍ରମାଣପତ୍ର ସରକାରୀ ଡାକ୍ତଖାନା କିମ୍ବା ପାରାଦ୍ୱୀପ ବନ୍ଦର ଚିକିତ୍ସାଳୟରୁ ଆଣିବା ପାଇଁ ଜରୁରୀ । ପୁରୁଷ ପ୍ରତିଯୋଗୀମାନେ ପ୍ରବେଶ ଦେୟ ୫୦ଟଙ୍କା ଓ ମହିଳା ପ୍ରତିଯୋଗୀମାନଙ୍କ ନିମନ୍ତେ ୩୦ଟଙ୍କା ଧାର୍ଯ୍ୟ କରାଯାଇଛି । ପାରାଦ୍ୱୀପ ମ୍ୟୁନିସିପାଲିଟି ଅଂଚଳର ପ୍ରତିଯୋଗୀମାନେ ଜାନୁୟାରୀ ୧ ତାରିଖ ଦିନ ଗୋପବନ୍ଧୁ ଷ୍ଟାଡିୟମରେ ସମସ୍ତ କାଗଜପତ୍ର ଓ ପ୍ରମାଣପତ୍ର ସହିତ ନାମ ପଂଜୀକରଣ କରିବେ, ସେହିପରି ସେହି ଦିନ ଏବଂ ୨ତାରିଖ ଦିନ ପାରାଦୀପ ମ୍ୟୁନିସିପାଲିଟି ବାହାରର ପ୍ରତିଯୋଗୀମାନେ ନାମ ପଂଜୀକରଣ କରିପାରିବେ । ପୁରୁଷ ବର୍ଗରେ ୬୦୦ ଓ ମହିଳା ବର୍ଗରେ ୧୦୦ ପ୍ରତିଯୋଗୀମାନଙ୍କୁ ମାରାଥାନ୍‌ରେ ସାମିଲ କରାଯିବ । ୩ତାରିଖ ସକାଳ ୬.୩୦ରୁ ୭.୩୦ ମଧ୍ୟରେ ପଂଜୀକରଣ କରିଥିବା ପ୍ରତିଯୋଗୀମାନଙ୍କ ଉପସ୍ଥିତି ଯାଂଚ କରାଯିବ। ପରେ ପ୍ରତିଯୋଗିତା ଆରମ୍ଭ ହେବ । ସଫଳ ପ୍ରତିଯୋଗୀ ମାନଙ୍କୁ ନଗଦ ଅର୍ଥରାଶି ସହିତ ମାନପତ୍ର ପ୍ରଦାନ କରାଯିବ।

# ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ କେନ୍ଦ୍ରାପଡ଼ା ଗସ୍ତ

କେନ୍ଦ୍ରାପଡ଼ା, ୨୦/୧୨ (ନି.ପ୍ର): ଗତକାଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଗୋପବନ୍ଧୁ ଏକାଡ଼େମୀର ମହାନିର୍ଦ୍ଦେଶକ ଜି. ମାଥିଭାଥନନ୍ କେନ୍ଦ୍ରାପଡ଼ା ଗ୍ରସ୍ତରେ ଆସି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ଓ ସ୍ୱାସ୍ଥ୍ୟ, ପଂଚାୟତରାଜ ଓ ପାନୀୟଜଳ, ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ, ସ୍କୁଲ ଓ ଗଣଶିକ୍ଷା, ମହିଳା ଓ ଶିଶୁ ବିକାଶ, ମଙ୍ଗଳ ବିଭାଗ, ବେସାମରିକ ଯୋଗାଣ ବିଭାଗ, ସମବାୟ, ସାମାଜିକ ସୁରକ୍ଷା, ଶକ୍ତି, ଶିଳ୍ପ, ଆଦି ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ପାୱାର ପଏଂଟ ମାଧ୍ୟମରେ ନିଜନିଜ ବିଭାଗର ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ସମ୍ପର୍କରେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଇଥିଲେ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ଅବାସ ଯୋଜନା(ଗ୍ରାମୀଣ), ଜାତୀୟ ଖାଦ୍ୟ ମିଶନ, ଅନ୍ତୋଦୟ ଗୃହ ଯୋଜନା ଓ ପରିମଳ ବ୍ୟବସ୍ଥା, ସ୍ୱଚ୍ଛ ଭାରତ ମିଶନ, ହର ଘର ଜଳ, ବସୁଧା, ଜଳ ଜୀବନ ମିଶନ, ସେତୁ ବନ୍ଧନ ଯୋଜନା, ପଂଚସଖା ଶିକ୍ଷା ସେତୁ ଯୋଜନା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ପିଏମଶ୍ରୀ ଯୋଜନା, ନିପୂଣ ଓଡ଼ିଶା, ସୁଭଦ୍ରା ଯୋଜନା, ପୋଷଣ ଅଭିଯାନ, ମଧୁବାବୁ ପେନସନ ଯୋଜନା ଆଦି ସମ୍ପର୍କରେ ବିସ୍ତୃତ ତଥ୍ୟ ସମ୍ପୃକ୍ତ ବିଭାଗ ପକ୍ଷରୁ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା ଓ ସ୍ୱଚ୍ଛ ଭାରତ ମିଶନ ଅଧିନରେ ୧୪୨୩ ଗ୍ରାମ ମଧ୍ୟରୁ ବ୍ଲକୱାରି ୧୧୪୬ ଗୋଟି ପ୍ଲସ୍ ମଡେଲ ଗ୍ରାମ ସ୍ୱୀକୃତ ହୋଇଅଛି। ମେଗା ପାନୀୟ ଜଳ ପ୍ରୋଜେକ୍ଟ ମାଧ୍ୟମରେ ଜିଲ୍ଲାରେ ଥିବା ଜଳକ୍ଲିଷ୍ଟ ଗ୍ରାମଗୁଡ଼ିକୁ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦର୍ଶାଯାଇଥିଲା ଯେ ଏପ୍ରିଲ ଠାରୁ ନଭେମ୍ବର ମାସ ମଧ୍ୟରେ ୯୩୪ ଗୋଟି ରୋଗୀଙ୍କୁ ଉନ୍ନତ ଚିକିତ୍ସା ପାଇଁ ବାହାର ଚିକିତ୍ସାଳୟକୁ ପ୍ରେରଣ କରାଯାଇଛି। ସେତୁବନ୍ଧନ ଯୋଜନାରେ ମଞ୍ଜୁର ହୋଇଥିବା ୪୬ ଗୋଟି ପ୍ରୋଜେକ୍ଟ ମଧ୍ୟରୁ ୨୮ଗୋଟି ସମାପ୍ତ ହୋଇଥିବାବେଳେ ଅନ୍ୟଗୁଡ଼ିକର କାର୍ଯ୍ୟ ଚାଲୁ ରହିଛି। ଅଙ୍ଗନବାଡ଼ି କେନ୍ଦ୍ରର କୋଠା ନିର୍ମାଣ, ଶୌଚାଳୟ, ବିଦ୍ୟୁତ ସଂଯୋଗ ସମ୍ପର୍କରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ଠାରୁ ବୁଝିଥିଲେ। କେନ୍ଦ୍ରାପଡ଼ାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ହେଉଥିବା ଜମି ଅଧିଗ୍ରହଣ ସମ୍ପର୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି ପଚାରି ବୁଝିଥିଲେ।

# ନାଟ୍ୟ ମହୋତ୍ସବରେ ପ୍ରକାଶ ପାଇବ ଆମ ରଙ୍ଗମଂଚ

କେନ୍ଦ୍ରାପଡ଼ା, ୨୧/୧୨ (ନି.ପ୍ର): କେନ୍ଦ୍ରାପଡ଼ାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ ଅବସରରେ ଏକ ସତନ୍ତ୍ର ତଥ୍ୟଭିତିକ ପତ୍ରିକା "ଆମ ରଙ୍ଗମଂଚ" ପ୍ରକାଶ ପାଇବାକୁ ଯାଉଛି। ନାଟକର ସର୍ବ ଭାରତୀୟ ସଂକ୍ଷିପ୍ତ ଆକଳନଠାରୁ ଆରମ୍ଭ କରି ଆଧୁନିକ ଓଡ଼ିଆ ନାଟକର ବିବିଧ ପର୍ଯ୍ୟାୟ ବିଶେଷ କରି ଏହି କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲାର ସ୍ଥିତିକୁ ନେଇ ଏହି ସଚିତ୍ର ସତନ୍ତ୍ର ସଂଖ୍ୟାଟି ପ୍ରକାଶ ପାଇବ ବୋଲି ଏହାର ସମ୍ପାଦକ ଡ଼.ବିରଜା ରାଉତରାୟ ପ୍ରକାଶ କରିଛନ୍ତି। ରାଜ୍ୟ ଓ ଜାତୀୟସ୍ତରର ଅଭିଜ୍ଞ ନାଟ୍ୟବିତ୍ ଓ ବିଶେଷଜ୍ଞମାନଙ୍କ ଲେଖାରେ ସମୃଦ୍ଧ ଏହି ସଂଗ୍ରହଣୀୟ ପତ୍ରିକାଟିରେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ସମୁଦାୟ କୋଡିଏ ଗୋଟି ଆଲେଖ୍ୟ ରହିଛି । ଭାଷା ସାହିତ୍ୟ ଅଧୟନରତ ଛାତ୍ରଛାତ୍ରୀଙ୍କ ବ୍ୟତୀତ ଆଗ୍ରହୀ ପାଠକମାନଙ୍କ ଦ୍ୱାରା ଏହା ବେଶ୍ ଆଦୃତ ହେବ ବୋଲି ସିମ୍ଫୋନିର ସମ୍ପାଦକ ଡ.ବିନାୟକ ପ୍ରସାଦ ପ୍ରଧାନ ଓ ସଂଯୋଗିକ ସ୍ୱପ୍ନାଂଶୁ କୁମାର ଦାସ ଓ କୋଷାଧ୍ୟକ୍ଷ ବଂଶୀଧର ମହାନ୍ତି ସୂଚାଇଛନ୍ତି। ଡିସେମ୍ବର ୨୮ ଓ ୨୯ ଦ୍ୱି-ଦ୍ୱିବସୀୟ ନାଟ୍ୟ ମହୋତ୍ସବ ବ୍ୟତୀତ ୨୭ ଡିସେମ୍ବର ସିମ୍ଫୋନି ଦ୍ୱାରା କେନ୍ଦ୍ରାପଡା ସହର ଉପକଣ୍ଠ ଜିଲ୍ଲା ସଂସ୍କୃତି ଭବନ ଠାରେ ପ୍ରଥମ ଥର ପାଇଁ ଆୟୋଜନ କରାଯାଉଥିବା ଜିଲ୍ଲା ସାଂସ୍କୃତିକ ମହୋତ୍ସବ 'ଯୁବତରଙ୍ଗ' ନିମନ୍ତେ ଜିଲ୍ଲାର ଯୁବ ସୃଜନ ଶିଳ୍ପୀ ଓ ବିଭିନ୍ନ ମହାବିଦ୍ୟାଳୟର ଯୁବ ପ୍ରତିଭାମାନଙ୍କ ମଧ୍ୟରେ ଖୁବ୍ ଉତ୍ସାହଜନକ ଆଗ୍ରହ ପ୍ରକାଶ ପାଇଛି ବୋଲି ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ.ହିମାଂଶୁ କୁମାର ପରିଡା ସୂଚାଇଛନ୍ତି।

# ୨ ଭାଇଙ୍କ ଟାଙ୍ଗିଆ ଚୋଟରେ ଯୁବକ ମୃତ

ଭବାନୀପାଟଣା, ୨୦/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସିନ୍ଧିପଦର ଗ୍ରାମ ପଂଚାୟତ ଅଧିନସ୍ଥ ଟେଭାକଲମ ଗାଁରେ ରାତିରେ ଜଣେ ବିବାହିତ ଯୁବକଙ୍କୁ ନୃଶଂସ ଭାବେ ହତ୍ୟା କରାଯାଇଥିବା ନେଇ ଥୁଆମୂଳ ରାମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ମୃତକଙ୍କ ସ୍ତ୍ରୀ।ସୂଚନା ମୁତାବକ, ମୃତ ଯୁବକ ଜଣକ ହେଉଛନ୍ତି ଉକ୍ତ ଗ୍ରାମର ସୁନାଧର ମାଝୀଙ୍କ ବିବାହିତ ପୁଅ ପାନି ମାଝୀ ବୋଲି ଜଣାପଡିଛି। ବୁଧବାର ରାତିରେ ଶୋଇଥିବା ବେଳେ ଉକ୍ତ ଗ୍ରାମର କୁମୁଡା ମାଝୀଙ୍କ ଦୁଇ ପୁଅ ଲାକମୁ ମାଝୀ ଏବଂ ସାରଥୀ ମାଝୀ ଉଭୟ ଦୁଇ ଭାଇ ପାନି ମାଝୀଙ୍କ ଘର ପାଖରେ ଯାଇ ଅଶାଳୀନ ଭାଷାରେ ଗାଳି ଗୁଲଜ କରିଥିଲେ। ଯେଉଁଥିରେ ପାନୀ ମାଝୀ ଉତ୍ୟକ୍ତ ହୋଇ ଘରୁ ବାହାରି ଥିଲେ। ଏହି ସମୟରେ ଦୁଇ ଭାଇ ଲାକମୁ ମାଝୀ ଏବଂ ସାରଥୀ ପାନି ମାଝୀଙ୍କୁ ଘର ନିକଟରୁ କିଛିଦୂର ଟାଣି ନେଇ ଟାଙ୍ଗିଆରେ ନୃଶଂସ ଭାବେ ହତ୍ୟା କରି ଚାଲିଯାଇଥିଲେ। ଗୁରୁବାର ସକାଳେ ମୃତ ପାନୀ ମାଝୀର ସ୍ତ୍ରୀ କୁନି ମାଝୀ ଏନେଇ ଥୁଆମୂଳ ରାମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପରେ ସାଇଂଟିଫିକ୍ ଟିମ୍ ସହିତ ଥୁଆମୂଳ ରାମପୁର ଥାନା ଅଧିକାରୀ କୈବଲ୍ୟ ସେଠ ଏବଂ ସବ୍ ଇନ୍ସପେକ୍ଟର ରଶ୍ମିରଞ୍ଜନ ବାଗ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ବେଳେ ଜମିବାଡ଼ି କଳହ ନେଇ ଏଭଳି ହତ୍ୟା କାଣ୍ଡ ଘୋଟି ଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ଶୁକ୍ରବାର ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଶବ ବ୍ୟବଚ୍ଛେଦ କରାଯିବ। ବର୍ତ୍ତମାନ ଥୁଆମୂଳ ରାମପୁର ଥାନା କେସ୍ ନମ୍ବର ୧୦୪/୨୪ ରେ ତଦନ୍ତ ଜାରି ରଖିବା ସହିତ ଦୁଇ ଅଭିଯୁକ୍ତଙ୍କୁ ପଚରାଉଚରା ପାଇଁ ଥାନାରେ ଅଟକ ରଖିଛି ପୋଲିସ।

# ବଲାଙ୍ଗିରରେ ଅମିତ ଶାହାଙ୍କ ମନ୍ତବ୍ୟ ବିରୋଧରେ ଜିଲ୍ଲା ଯୁବ କଂଗ୍ରେସର ଜୋରଦାର୍ ବିରୋଧ ପ୍ରଦର୍ଶନ

ବଲାଙ୍ଗିର, ୨୦/୧୨ (ନି.ପ୍ର): ଜିଲ୍ଲା ଯୁବ କଂଗ୍ରେସ ଆଜି ବଲାଙ୍ଗିର ଜିଲ୍ଲାପାଳଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଡ. ବି.ଆର. ଆମ୍ବେଦକରଙ୍କ ସମ୍ପର୍କରେ ଦେଇଥିବା ମନ୍ତବ୍ୟର ତିବ୍ର ବିରୋଧ କରିବା ସହ ଶ୍ରୀ ଶାହାଙ୍କର କୁଶପୁତଳିକା ଦାହ କରିଛି । ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ମୁଖପାତ୍ର ଅଙ୍କିତ ସାହୁଙ୍କ ନେତୃତ୍ୱରେ ଏହି ପ୍ରତିବାଦରେ ଯୁବ କଂଗ୍ରେସର ସଦସ୍ୟମାନେ ଭାରତୀୟ ସମ୍ବିଧାନର ସ୍ରପତି ବାବା ସାହାବ ଆମ୍ବେଦକରଙ୍କୁ ଅସମ୍ମାନ କରିଥିବା ଅଭିଯୋଗ କରି କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନନ ଦେଇଥିଲେ । ଏହି ପ୍ରତିବାଦରେ ଅମିତ ଶାହା ତୁରନ୍ତ କ୍ଷମା ମାଗିବା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା । ଡକ୍ଟର ଆମ୍ବେଦକରଙ୍କ ପ୍ରତି ହୋଇଥିବା ଅପମାନକୁ ଭାରତର ଯୁବକମାନେ ବରଦାସ୍ତ କରିବେ ନାହିଁ ବୋଲି ଯୁବ କଂଗ୍ରେସର ସଦସ୍ୟମାନେ କହିଥିଲେ । ଏହା କେବଳ ଆମ୍ବେଦକରଙ୍କ ଉପରେ ନୁହେଁ ବରଂ ସମ୍ବିଧାନ ତଥା ଗଣତାନ୍ତ୍ରିକ ମୁଲ୍ୟବୋଧ ଉପରେ ମଧ ଆକ୍ରମଣ ବୋଲି ଗଣମାଧ୍ୟମକୁ ସଦସ୍ୟମାନେ କହିଥିଲେ । ଏହି ବିକ୍ଷୋଭରେ ବହୁ ଦଳୀୟ କର୍ମୀ ଏବଂ ଯୁବ କାର୍ଯ୍ୟକର୍ତା ଅଂଶଗ୍ରହଣ କରିଥିଲେ । ଯଦି ଶ୍ରୀ ଶାହା କ୍ଷମା ପ୍ରାର୍ଥନା ନ କରନ୍ତି ତେବେ ଓଡିଶା ସାରା ଏହି ଆନ୍ଦୋଳନକୁ ଆହୁରି ଜୋରଦାର କରିବାକୁ ଯୁବ କଂଗ୍ରେସ ଶପଥ ନେଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ କମିଟି ସଭପାତି ଅଶୋକ ନନ୍ଦ, ଜିଲ୍ଲା ଉପ-ସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ବଲାଙ୍ଗିର ନଗର କଂଗ୍ରେସ ସଭାପତି ଦିନେଶ ପ୍ରସାଦ ଦାନୀ, ବରିଷ୍ଠ କଂଗ୍ରେସ ନେତା ଉମା ଶଙ୍କର ପଣ୍ଡା, ଜିଲ୍ଲା କଂଗ୍ରେସ କମିଟି କୋଷାଧ୍ୟକ୍ଷ ଜୁଲୁ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ମୁଖ୍ୟ ଓମ୍ ପ୍ରକାସ କୁମ୍ଭାର, ଜିଲ୍ଲା କିଶାନ କଂଗ୍ରେସ କମିଟି ସଭାପତି ସାନନ୍ଦ ମିଶ୍ର, ଜିଲ୍ଲା କଂଗ୍ରେସ କମିଟି ପ୍ରବକ୍ତା ଅଜୟ ବାଲି, ଜିଲ୍ଲା ମହିଳା କଂଗ୍ରେସ କମିଟି ସଭାନେତ୍ରୀ ମିଳନୀ ସାହୁ, ବରିଷ୍ଠ କଂଗ୍ରେସ ନେତା କୈଳାସ ମିଶ୍ର, କିଶୋର ସିଂ ନିନା, ସଞ୍ଜୟ ମିଶ୍ର, ଜ୍ୟୋତିଷ ମୁଗ୍ରୀ, ଅବୁଦୁଲ ରଜାକ, କୁଳମଣି ସାହୁ, ବଜରଙ୍ଗ ବନଛୋର, ଅନ୍ତ ମଛଖଣ୍ଡ, ଅଜିତ ମହାନନ୍ଦ, ଲୋପନ ମିଶ୍ର, ବିରେନ୍ଦ୍ର ବାବୁ, ଚିନ୍ମୟ ବେହେରା, ଶ୍ରୀତମ ରାଜ ମିଶ୍ର, ପଂଚାନନ ଷାଣ୍ଡ, ଅମୀୟ ବରର୍ତି, ଅଶ୍ୱିନ ରାଉତ, ରାଜେଶ ଭୋଇ, ଅମରମ କଷ୍ୟପ, ସୁଡୁ ନାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ତୁମରିଖୋଲ ଜଙ୍ଗଲରେ ଅବକାରୀ ଚଢ଼ଉ: ଧରା ପଡୁନାହାଁନ୍ତି ମଦ ପ୍ରସ୍ତୁତକାରୀ

ମୁଖୀଗୁଡା, ୨୦/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ତୁମରିଖୋଲ ଜଙ୍ଗଲରେ ଜୟପାଟଣା ଅବକାରୀ ବିଭାଗ ଓ ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ ମିଳିତ ଭାବେ ଚଢ଼ଉ କରି ବିପୁଳ ପରିମାଣର ଦେଶୀ ହାତରନ୍ଧା ମଦ ସହ ମହୁଲପୋଚ ନଷ୍ଟ କରିଛନ୍ତି। ଉକ୍ତ ଜଙ୍ଗଲରେ ବେଆଇନ ମଦ ପ୍ରସ୍ତୁତ ନେଇ ଖବର ପାଇ ଅବକାରୀ ବିଭାଗ ଚଢ଼ଉ କରିଥିବା ବେଳେ ୨୮୦ ଲିଟର ଦେଶୀ ହାତ ରନ୍ଧା ମଦ, ୪ ହଜାର କେଜି ମହୁଲପୋଚ ଏବଂ ମଦ ରନ୍ଧା ସାମଗ୍ରୀ ନଷ୍ଟ କରିଛନ୍ତି । ହେଲେ କାହାରିକୁ ଗିରଫ କରାଯାଇନାହିଁ । ଉକ୍ତ ଅଞ୍ଚଳରେ ଦୀର୍ଘ ବର୍ଷ ଧରି ବେଆଇନ ମଦ ପ୍ରସ୍ତୁତି ହେଉଛି, କିନ୍ତୁ ଅବକାରୀ ବିଭାଗ କାହାକୁ ଧରି ପାରୁ ନାହିଁ।

# ମଲ୍ଲାରୀ-ଧନିଆବନ୍ଧ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା



ଖଇରା, ୨୧/୧୨ (ନି.ପ୍ର): ବାଲେଶ୍ୱର ଓ କେନ୍ଦୁଝର ୨ଜିଲାକୁ ସଂଯୋଗ କରୁଥିବା ମଲ୍ଲାରୀ-ଧନିଆବନ୍ଧ ରାସ୍ତା ଚୁକ୍ତି ଅନୁଯାୟୀ କରାଯାଉନାହିଁ । ଠିକାଦାର ନିଜ ଇଛାରେ ଚୁକ୍ତିକୁ ଅବମାନନା କରି ବେଆଇନ ଭାବେ ରାସ୍ତା କାମ ଆରମ୍ଭ କରିଛନ୍ତି । ଚୁକ୍ତିର ୮ମାସ ପରେ ଠିକାଦାର ଆରମ୍ଭ କରିଥିବା ବେଳେ କଛପ ଗତିରେ ନିର୍ମାଣ କରାଯାଉଛି । ଯେଉଁ ମୁଣ୍ଡରୁ ଆରମ୍ଭ ହେବା କଥା ସେହିମୁଣ୍ଡରୁ ଆରମ୍ଭ କରାନଯାଇ ଇଛା ଅନୁସାରେ କରାଯାଉଛି । ପ୍ରତିବାଦରେ ରଟିଣା ପଞ୍ଚାୟତବାସୀ କାର୍ଯ୍ୟର ତଦନ୍ତ ପାଇଁ ଗ୍ରାମ୍ୟଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଏହାର ନକଲ ଅଧିକ୍ଷଣ ଯନ୍ତ୍ରୀ,ନିର୍ବାହୀ ଯନ୍ତ୍ରୀ ଓ ମାର୍କୋଣା ସହକାରୀ ଯନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି । ପାଖାପାଖି ୧ବର୍ଷ ତଳେ ଏହି ରାସ୍ତାର ଶିଳାନ୍ୟାସ କରାଯଇଥିଲା । ରାସ୍ତା ସମ୍ପୁର୍ଣ୍ଣ ଲାଗି ସମ୍ପ୍ରସାରଣ ଆବଶ୍ୟକତା ଲାଗି ଗ୍ରାମବାସୀଙ୍କୁ ଉପରଅଧିକାରୀଙ୍କୁ ଅଭିଯୋଗ କରିବାକୁ କହି ଠିକାଦାର ଏହି ଆଳରେ ଦିନ ଗଡାଇ ଚାଲିଲେ । ଏବେ ୮ମାସ ପରେ ଠିକାଦାର ରାକେଶ କୁମାର ପଣ୍ଡା କାମ ଆରମ୍ଭ କରିଥିବା ବେଳେ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟି ନଦେଇ କାମ କରୁଥିବା ଗ୍ରାମବାସୀ ମାନେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ଏଥିସହ ଠିକାଦାର ଗ୍ରାମବାସୀଙ୍କୁ ଭୟଭୀତ କରୁଥିବାରୁ ବାଧ୍ୟହୋଇ ଗ୍ରାମବାସୀ ମାନେ ଅଧିକାରୀଙ୍କୁ ଜଣାଉଥିବା ପ୍ରକାଶ କରିଛନ୍ତି । ଠିକାଦାରଙ୍କ ଲାଇସେନ୍ସ ବାତିଲ ପାଇଁ ଦାବୀ କରିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାମନ୍ତଙ୍କୁ ଯୋଗାଯୋଗ କରିବାରେ ଗ୍ରାମବାସୀ ଗୋଟିଏ ଗ୍ରାମକୁ ସମ୍ପ୍ରସାରଣ ପାଇଁ ଚାହୁଁଥିବା ବେଳେ ଏହା ହୋଇନପାରିବାରୁ ସେମାନେ ଏଭଳି ଅଭିଯୋଗ କରୁଥିବା କହିଛନ୍ତି ।

# ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୨୦/୧୨ (ନି.ପ୍ର): ଆଜି କେନ୍ଦ୍ରାପଡ଼ା ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜାତୀୟ ଭଲିବଲ୍ ଖେଳାଳୀ ଶେଖ୍ ନିଜାମ୍ ଅଲ୍ଲୀ କୃତି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଜାତୀୟ ଭଲି ଖେଳାଳି ସେକ୍ ଇନ୍‌ତିୟାଜ୍ ଅଲ୍ଲୀ ଓ ସାମ୍ବାଦିକ ଲକ୍ଷ୍ମୀକାନ୍ତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କୃତି ପିଲାମାନଙ୍କୁ ମେଡାଲ ଓ ଟ୍ରଫି ପ୍ରଦାନ କରିଥିଲେ। ଚାରି ସଦନରେ ବିଭକ୍ତ ସମସ୍ତ ଛାତ୍ରଛାତ୍ରୀ ପ୍ୟାରେଡ୍ ପ୍ରଦର୍ଶନ କରିଥିଲେ। ତାହା ପରେ ଦୌଡ଼ ପ୍ରତିଯୋଗୀତା, ଲମ୍ଫଡିଆଁ, ଖୋ-ଖୋ, କବାଡ଼ି, ସଟ୍‌ଫୁଟ୍ ଫିଙ୍ଗା, ଡିସ୍‌କସ୍ ଥ୍ରୋ। ଇତ୍ୟାଦି ପ୍ରତିଯୋଗୀତାର ଆୟୋଜନ କରାଯାଇଥିଲା। ବାଳକ ବିଭାଗରେ ସର୍ବଶ୍ରେଷ୍ଠ ଖେଳାଳୀ ଭାବେ ବିଶ୍ୱରଞ୍ଜନ ମଲ୍ଲିକ ଏବଂ ବାଳିକା ବିଭାଗରେ ଅନନ୍ୟା ବିଶ୍ୱପ୍ରୀତି ମଲ୍ଲିକ ନିଜର ସ୍ଥାନ ଅଧିକାର କରିଥିଲେ। ଅଶୋକ ସଦନ ଚମ୍ପିଆନ ହୋଇଥିବାବେଳେ ସୁବାଷ ସଦନ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଖେଳରେ ବିଦ୍ୟାଳୟର ୧୧୩ଜଣ କୃତକାର୍ଯ୍ୟ ହୋଇଥିଲେ। ବିଦ୍ୟାଳୟ ପ୍ରାଚାର୍ଯ୍ୟ ଶଶି କୌଶଳ ପିଲାମାନଙ୍କୁ କ୍ରୀଡ଼ାର ମହତ୍ୱ ବିଷୟରେ ବୁଝାଇଥିଲେ। ପ୍ରଧାନ ଶିକ୍ଷକ ଶିବରଞ୍ଜନ ସାହୁ କ୍ରୀଡ଼ା କ୍ଷେତ୍ରରେ ଉତମ ପ୍ରଦର୍ଶନ ପାଇଁ ଅଭ୍ୟାସ ଶୃଙ୍ଖଳା ଏବଂ ଦୃଢ ଇଚ୍ଛାଶକ୍ତିର ଆବଶ୍ୟକତା ଅଛି ବୋଲି କହିଥିଲେ। ବିଳାସ ଓ ଆଳସ୍ୟ ଠାରୁ ଦୂରରେ ରହିଲେ ପଦକ ହାସଲ କରିପାରିବ ବୋଲି ବୁଝାଇଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଦେବପ୍ରସାଦ ଦାଶ ଓ ଅନ୍ୟ ଶିକ୍ଷକମାନେ ମିଶି ଏହି କ୍ରୀଡ଼ା ଉତ୍ସବକୁ ପରିଚାଳନା କରିଥିଲେ।

# ଦୁର୍ଗମ ବଣ୍ଡା ଘାଟିରେ ପଟ୍ଟା ବଂଟନ ସହ ସ୍ଥିତି ପରଖିଲେ ଉପ ମୁଖ୍ୟମନ୍ତ୍ରୀ

ମାଲକାନଗିରି, ୨୦/୧୨ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତମୁଦୁଲିପଡା, ବଡଡୁରାଲ, ଅଣ୍ଡରାହାଲ, ମାଡକାପଦର ଭଳି ଦୁର୍ଗମ ବଣ୍ଡା ଅଂଚଳରେ ବସୁନ୍ଧରା ଯୋଜନା ଅନ୍ତର୍ଗତ ଘରବାଡ଼ି ପଟ୍ଟା ଓ ଗୋଷ୍ଠୀଗତ ଜଙ୍ଗଲ ଜମି ପଟ୍ଟା ବଂଟନ ସହ ବଣ୍ଡା ଜନଜାତିଙ୍କ ଜୀବନଶୈଳୀରେ ପରିବର୍ତନ ସ୍ଥିତିକୁ ପରଖିଛନ୍ତି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା । ଏକ ବିରାଟ ଶୋଭାଯାତ୍ରାରେ ବଣ୍ଡା ମହିଳାମାନେ ପାରମ୍ପରିକ ବେଶଭୂଷା ପରିଧାନ କରି ବଣ୍ଡାନୃତ୍ୟର ତାଳେତାଳେ ଉପ ମୁଖ୍ୟମନ୍ତ୍ରୀଙ୍କୁ ମଂଚ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ପୂର୍ବତନ ବିଧାୟିକ ଡମ୍ବରୁ ସୀସା, ମାଲକାନଗିରି ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଖଇରପୁଟ ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନୀ ପ୍ରମୁଖ ଉପସ୍ଥିତ ରହି ଜଗନ୍ନାଥଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହ ପୂଜାର୍ଚ୍ଚନା କରିଥିଲେ। ଆଜିର ସଭାରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା, ଆଜିର ନିଆରା ସମ୍ବର୍ଦ୍ଧନା ପାଇଁ ଆଦିମ ବଣ୍ଡା ମହିଳା ମାନଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ, ଏହି ଅଂଚଳର ଉନ୍ନତି ଓ ବଣ୍ଡା ସମ୍ପ୍ରଦାୟର ଜୀବନଶୈଳୀରେ ସକରାତ୍ମକ ପରିବର୍ତନ ଆଣିବା ପାଇଁ ରାଜ୍ୟ ସରକାର ପ୍ରାଥମିକତା ଭିତିରେ କାର୍ଯ୍ୟ କରୁଛନ୍ତି । ଖାସ୍ କରି ବଣ୍ଡା ମହିଳା ମାନେ ସୁଭଦ୍ରା ଯୋଜନାରେ ଅର୍ଥ ପାଇନଥିବାରୁ ସେ ଦୁଃଖିତ ଅନୁଭବ କରି କହିଥିଲେ ଯେ, ଆସନ୍ତା ସମୟରେ ସମସ୍ତ ବଣ୍ଡା ମହିଳା ମାନେ ଶତପ୍ରତିଶତ ସୁଭଦ୍ରା ଅର୍ଥ ପାଇବେ ବୋଲି ମଂଚରୁ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଥିଲେ । ତତ୍ ସହିତ ଘୋଷଣା କରିଥିଲେ ଯେ, ଏହି ଦୁର୍ଗମ ଅଂଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ପ୍ରତ୍ୟେକ ଗୃହକୁ ଅତିରିକ୍ତ ୫୦୦୦୦/- ଟଙ୍କାର ପ୍ରୋତ୍ସାହନ ରାଶି ଯୋଗାଇବା, ପଡେଇଗୁଡା ସ୍ଥିତ ସୀତାକୁଣ୍ଡ ଓ କେନ୍ଦୁଗୁଡା ସ୍ଥିତ ଆମାକୁଣ୍ଡ ର ବିକାଶ ତ୍ୱରାନ୍ୱିତ କରିବା ସହ ପର୍ଯ୍ୟଟନ ସ୍ଥଳୀ ର ମାନ୍ୟତା ପ୍ରଦାନ ପାଇଁ ଚେଷ୍ଟା ଜାରି ରଖିବେ । ଆଦିମ ବଣ୍ଡା ଜନଜାତିଙ୍କ ପାରମ୍ପରିକ ବେଶଭୂଷା, ଅସ୍ତ୍ରଶସ୍ତ୍ର ଓ ଆଭୂଷଣ ଅଳଙ୍କାରର ରକ୍ଷଣାବେକ୍ଷଣ ଓ ପ୍ରଚାର ପ୍ରସାର ନିମନ୍ତେ ଏକ ସ୍ଥାୟୀ ସଂଗ୍ରହାଳୟ ସ୍ଥାପନ, ପିଇବା ପାଣି ସମସ୍ୟାର ସମାଧାନ ନିମନ୍ତେ ପ୍ରତ୍ୟେକ ଘରକୁ ନଳ ମାଧ୍ୟମରେ ପାନୀୟ ଜଳର ସୁବିଧା, ଜନଜାତି ବସବାସ କରୁଥିବା ଅଂଚଳରେ ଭାଷାଗତ ଶିକ୍ଷକ ନିଯୁକ୍ତି ଓ ବିଡ଼ିଏ ଜରିଆରେ ମୁଦୂଲୀପଡା ଠାରେ ଏକ ସାପ୍ତାହିକ ହାଟର ସ୍ଥାପନା ନିମନ୍ତେ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା

ଭାଗ-୮୦

(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଅଶୋକବେଦୀ ମୂଳରେ ଥାଇ ମୁଁ ଦେଖେ ତ, ଆଗେ ଆଗେ ଚାଲିଛନ୍ତି ରାଜପୋଷାକ ଧାରୀ ବ୍ୟକ୍ତି ଜଣେ । ସେ ନିଶ୍ଚୟ ମହାରାଜ ବିଭୀଷଣ ହେବେ । ତାଙ୍କ ପଛକୁ ନିରାଡ଼ମ୍ବର ବେଶରେ ଶୁଷ୍କ ମନରେ ଚାଲିଛନ୍ତି ପ୍ରଭୁ ମୋର । ତାଙ୍କ ପଛକୁ ଲକ୍ଷ୍ମଣ, ହନୁମାନ, ଆହୁରି କେତେଜଣ । ତାଙ୍କୁ ପଥ କଢ଼ାଇ ଆଣୁଛନ୍ତି ମା' ତ୍ରିଜଟା । ଆଗେଆଗେ ପରିଚାରିକା ମାନେ ପୁଷ୍ପ ବିଞ୍ଚି ବିଞ୍ଚି ଚାଲିଛନ୍ତି । ଚାମର ବ୍ୟଜନ କରି ଚାଲିଥାନ୍ତି କିଛି ପରିଚାରିକା। ଏ ଦୃଶ୍ୟ ଦେଖି ମୁଁ କ'ଣ କରିବି କିଛି ଚିନ୍ତା କରିପାରୁ ନଥାଏ । ଅଶୋକବନର ପଥର ବେଦୀ ମୂଳରେ ପଥରଟାଏ ପାଲଟି ଯାଇଥାଏ ମୁଁ । ସତେଯେମିତି ମୋର କୌଣସି ସତ୍ତା ନାହିଁ । ବେନି ନୟନରୁ ବହି ଯାଉଥାଏ ଧାରଧାର ଅଶ୍ରୁ । ସେ ଅଶ୍ରୁ ଆନନ୍ଦର ନା ନିରାନନ୍ଦର । ସୁଖର ନା ଦୁଃଖର। ଭାବର ନା ଭକ୍ତିର ତାହା ମୁଁ ଜାଣିପାରୁ ନଥାଏ।

ପରିଚାରିକା ମାନେ ପ୍ରଭୁଙ୍କ ପାଦ ତଳକୁ ମୋର ପୁଷ୍ପ ଚନ୍ଦନ ଫିଙ୍ଗି ଚାଲୁଥାନ୍ତି । ଶଙ୍ଖ ଶବ୍ଦ ସାଂଗକୁ ମୋ ପ୍ରଭୁଙ୍କ ନାମର ଜୟଧ୍ୱନି ମୋତେ ବିବଶ କରି ପକାଉଥାଏ । ଚାହୁଁ ଚାହୁଁ ମା' ତ୍ରିଜଟା ସେମାନଙ୍କୁ ଆଣି ଅଶୋକବେଦୀ ନିକଟରେ ପହଞ୍ଚାଇ ଦେଇଥିଲେ । ଆଗରେ ଥିବା ମହାରାଜ ବିଭୀଷଣ ମୋ ପ୍ରଭୁଙ୍କ ସମ୍ମୁଖରୁ ଦୂରେଇ ଯାଆନ୍ତେ ପ୍ରଭୁ ମୋର ଅଶୋକବୃକ୍ଷ ମୂଳରେ ଉଭା ହୋଇ ରହିଲେ । କିଂକର୍ତ୍ତବ୍ୟ ବିମୂଢ଼ ମୁଁ । ଏବେ କ'ଣ କରିବି । ସିଧା ହୋଇ ପ୍ରଭୁଙ୍କ ମୁହଁକୁ ମୁଁ ଅନାଇ ପାରୁନଥାଏ । କେବଳ ଦେଖୁଥାଏ ପ୍ରଭୁଙ୍କର ସେହି ଆରକ୍ତ ଚରଣ ଯୁଗଳକୁ । କି ସୁନ୍ଦର, କି କମନୀୟ, କି ନମନୀୟ, ଶରତ ପଦ୍ମତୁଲ୍ୟ ପ୍ରଭୁଙ୍କର ପାଦଦୁଇଟି । ଅନେକ ଦିନରୁ ମୁଁ ଯେ ଏ ପାଦ ସେବାରୁ ବଞ୍ଚିତ ହୋଇଛି । କାଳବିଳମ୍ବ ନକରି ସହସା ଜଳଘଟ ନେଇ ମୁଁ ବସିପଡ଼ିଥିଲି ତାଙ୍କ ପାଦତଳେ । ଧୀରେଧୀରେ କଳସରୁ ଝରାଇ ଦେଇଥିଲି ଚନ୍ଦନ ପୁଷ୍ପ ମିଶ୍ରିତ ଜଳର ଧାର । ଏ କ'ଣ ଠପ୍ ଠପ୍ ହୋଇ ଜଳଧାର ଉପରୁ ଖସିପଡୁଛି ? କେଉଁଠୁ ଆସୁଛି ଏ ଜଳବିନ୍ଦୁ । ସକାଳେ ଆକାଶ ନିର୍ମଳ ଥିଲା । ହଠାତ୍ କ'ଣ ମେଘ ମାଡ଼ି ଆସିଲାକି ? ପ୍ରଭୁଙ୍କ ପାଦ ଧୋଉ ଧୋଉ ଚକ୍ଷୁ ଦୁଇଟି ମୋର ଊର୍ଦ୍ଧ୍ୱମୁଖୀ ହୋଇ ଦେଖେ ତ ପ୍ରଭୁ ମୋର ନୟନରୁ ଝରାଇ ଚାଲିଛନ୍ତି ଅଶ୍ରୁର ଶ୍ରାବଣ । ମୁଁ ଆଉ ନିଜକୁ ସମ୍ଭାଳି ପାରିଲି ନାହିଁ ପ୍ରୀତିଦା । ପ୍ରଭୁ ପ୍ରଭୁ କହି, ମୋ ମସ୍ତକକୁ ଲୋଟାଇ ଦେଇଥିଲି ପ୍ରଭୁଙ୍କ ପାଦତଳେ । ସହସା ମୋତେ ତଳୁ ଉଠାଇ ନେଇ, ମୋ ଚକ୍ଷୁରୁ ଝରୁଥିବା ଜଳଧାରାକୁ ପୋଛିଦେଇ ସେ କହିଥିଲେ, କାହିଁକି ଏ ପଦ୍ମପଳାଶ ନୟନରୁ ଅଶ୍ରୁ ଝରାଉଛ ଦେବୀ । ଭାଗ୍ୟ ଆମ କର୍ମରେ ଯାହା ଲେଖିଥିଲା, ଆମେ ତାହା ଭୋଗୁଛେ ।

ପ୍ରଭୁଙ୍କ କଥା ପଦକ ଶୁଣି ମୋ ହୃଦୟରେ ଲେପି ହୋଇ ଯାଇଥିଲା କର୍ପୂର ଚନ୍ଦନର ଶୀତଳ ଧାରା । ଗୁନ୍ଥି ରଖିଥିବା ପୁଷ୍ପମାଳାଟିକୁ ଆଣି ମୁଁ ତାଙ୍କ ଗଳାରେ ଲମ୍ବାଇ ଦିଅନ୍ତେ, ସେ ମୋତେ ଜାନକୀ ବୋଲି କହି କୋଳାଇ ନେଇଥିଲେ । ପାଖରେ ଥିବା ପରିଚାରିକା ମାନେ ଏହି ସମୟରେ ଆମ ଉପରେ ବୃଷ୍ଟି କରିଦେଇଥିଲେ ରାଶି ରାଶି ଫୁଲ । ବୃକ୍ଷରେ ଥାଇ ପକ୍ଷୀମାନେ ସୃଷ୍ଟି କରିଥିଲେ ମଧୁର କୂଜନ । ମୟୂର ହୋଇଥିଲେ ନୃତ୍ୟରତ । ମୃଗ ଶାବକମାନେ ଗ୍ରୀବା ଟେକି ଏଣେ ତେଣେ ଧାଇଁ ବୁଲିଥିଲେ । ମୋ ପ୍ରଭୁଙ୍କ ଛାତିରେ ମୁଣ୍ଡ ଗୁଞ୍ଜି କଇଁ କଇଁ କାନ୍ଦି ଉଠିଥିଲି ମୁଁ । ମୋର ଆଲୁଳାୟିତ କେଶ ରାଶିରେ ହସ୍ତ ଚାଳନା କରି, ପ୍ରଭୁ ମୋର କହିଥିଲେ, "ଆଉ କାନ୍ଦନା ବୈଦେହୀ । ଦୁଇବର୍ଷ ଧରି ଏ ଅଶୋକବନରେ ତୁମେ ଅନେକ ଅଶ୍ରୁବର୍ଷଣ କରିଛ । ଆଉ ଏ ଅଶ୍ରୁକୁ ଝରିବାକୁ ଦିଅନା । ଏ ଅଶ୍ରୁ ହିଁ ହେବ ଅଭାଗା ରାମର ଶେଷ ସମ୍ବଳ ।" ଏହାକହି ସ୍ୱାମୀ ମୋର ତାଙ୍କର ଦୁଇକୋମଳ ହସ୍ତ ପାପୁଲିରେ ମୋ ମୁଖମଣ୍ଡଳକୁ ଟେକି ଧରିଥିଲେ । ମୁଁ ଅନାଇ ରହିଥିଲି ତାଙ୍କ ମୁଖମଣ୍ଡଳକୁ । ସେ ଅନାଇ ରହିଥିଲେ ମୋତେ । ଆମେ ଦୁଇଜଣ ଦୁଇଜଣଙ୍କୁ ଅନାଇ ଏମିତି କେତେ ସମୟ ରହି ଯାଇଥିଲୁ, ତାହା ଆମେ ଜାଣିପାରୁ ନଥିଲୁ । ଆମ ଦୁଇଜଣଙ୍କ ନୟନରୁ ଦୁଇ ଦୁଇ ଧାର ଅଶ୍ରୁଜଳ ଝରି ପ୍ରଭୁଙ୍କ ଆଞ୍ଜୁଳା ଭେଦକରି ତିନ୍ତାଇ ଦେଉଥାଏ ତାଙ୍କ ବକ୍ଷସ୍ଥଳକୁ ।

ପରିଚାରିକାମାନେ ଆମ ଉପରକୁ ପୁଷ୍ପଚନ୍ଦନ ପକାଇ ଚାଲିଥାନ୍ତି । ଏମିତି ଭାବରେ କିଛି ସମୟ ବିତିଯିବା ପରେ ଲକ୍ଷ୍ମଣ ଆସି ଆମ ପାଦ ଛୁଇଁ ପ୍ରଣାମ କରନ୍ତେ ଆମ ଧ୍ୟାନ ଭଗ୍ନ ହୋଇଥିଲା । ଲକ୍ଷ୍ମଣ ପରେ ହନୁମାନ ତାଙ୍କ ପଛକୁ ଅନ୍ୟ କେତେକ ଆସି ଆମ ପାଦ ଛୁଉଁଥାନ୍ତି । ମୋ ସ୍ୱାମୀ ଜଣଜଣ କରି ମୋତେ ଚିହ୍ନାଇ ଦେଉଥାନ୍ତି । ଅଙ୍ଗଦ, ଜାମ୍ବବାନ, ସୁଗ୍ରୀବ ଆଦି ମୋ ପ୍ରଭୁଙ୍କ ଅନୁଗତ ମାନେ ଆସି ଆମକୁ ପ୍ରଣାମ କରି ଯାଉଥା'ନ୍ତି । ଶେଷରେ ଆସିଲେ ଲଙ୍କାର ଅଧୀଶ୍ୱର ବିଭୀଷଣ । ସେ ଆମ ପାଦ ଛୁଅନ୍ତେ, ସ୍ୱାମୀ ମୋର କହିଥିଲେ, ବୈଦେହୀ ଏ ମୋର ପରମବନ୍ଧୁ, ମିତ୍ର, ବିଭୀଷଣ । ଏବେ ଲଙ୍କାର ଅଧିଶ୍ୱର । ତାଙ୍କ ପରେ ଅନେକ ଅସୁର ଅସୁରୀମାନେ ମଧ୍ୟ ଆସି ଆମକୁ ପ୍ରଣାମ କରିଥିଲେ । ଏହିଭଳି କିଛିସମୟ ଅଶୋକବନରେ ବିତିଯିବା ପରେ ମାତା ତ୍ରିଜଟା କହିଥିଲେ, ମା' ଜାନକୀ ପ୍ରଭୁ ଶ୍ରୀରାମ ତଥା ତାଙ୍କ ସହିତ ଆସିଥିବା ତାଙ୍କର ସମସ୍ତ ଅନୁଗତ ମାନଙ୍କ ନିମିତ୍ତ ଏଠାରେ ଭୋଜନ ନିମିତ୍ତ ଆମେ କିଛି ଫଳମୂଳର ଆୟୋଜନ କରିଛୁ । ମୋର ଆଶା ପ୍ରଭୁ ଶ୍ରୀରାମ ଆମର ଆଶାକୁ ଅପୂର୍ଣ୍ଣ ରଖିବେ ନାହିଁ ।

ତାଙ୍କ କଥା ଶୁଣି ମୋ ସ୍ୱାମୀ କହିଥିଲେ, ମାତା ତ୍ରିଜଟା ଆପଣ ଶ୍ରଦ୍ଧାରେ ଆମକୁ ଯାହା ଦେବେ ଆମେ ତାହା ଭୋଜନ କରିବୁ ।

ମୋ ସ୍ୱାମୀଙ୍କ ତୁଣ୍ଡରୁ ମାଆ ସମ୍ବୋଧନ ଶୁଣି ତ୍ରିଜଟା କାନ୍ଦି ପକାଇ କହିଥିଲେ, ପ୍ରଭୁ ! ଛାର ଏ ଅସୁରୁଣୀଟାକୁ ଆପଣ ମାଆ ବୋଲି ସମ୍ବୋଧନ କରୁଛନ୍ତି କାହିଁକି ?

ତାଙ୍କ ପାଟିରୁ କଥା ନସରୁଣୁ ମୋ ସ୍ୱାମୀ କହିଥିଲେ, କିଏ କହେ ମାତା ତୁମେ ଅସୁରୁଣୀ ବୋଲି । ତୁମେ ତ ମୋ ମା କୌଶଲ୍ୟା, କୈକେୟୀ, ସୁମିତ୍ରା ମାଙ୍କ ଭଳି ଜଣେ ମା । ଏ ଅଶୋକବନରେ ଦୁଇବର୍ଷ ଧରି ମୋ ପ୍ରାଣପ୍ରିୟାର ତୁମେ ମାଆ ଠାରୁ ଅଧିକ ଯତ୍ନ ନେଇଛ । ତାର ସମସ୍ତ ଦୁଃଖର ସାଥୀ ଆପଣ ହୋଇଛ । ମୋ ସୀତାର ମାଆ ହୋଇଥିବାବେଳେ ମୋର ମାଆ ନହେବେ କେମିତି ? ଏହାକହି ମୋ ସ୍ୱାମୀ ତାଙ୍କୁ ପ୍ରଣାମ କରନ୍ତେ, ସେ ରାମ, ରାମ କହି କାନ୍ଦିକାନ୍ଦି ତାଙ୍କୁ କୋଳେଇ ନେଇ କହିଥିଲେ, ମୋ ଜୀବନ ଧନ୍ୟ ହୋଇଗଲାରେ ପୁଅ । ରାମ ଭଳି ପୁଅ ପାଇ ମୁଁ ଆଜି ଅସୁରୀ ଜନ୍ମରୁ ତରିଗଲି ।

(କ୍ରମଶଃ)


♥ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


## ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ପ୍ରଭାବଶାଳୀ ସ୍ରଷ୍ଟା ମହାପାତ୍ର ନୀଳମଣି ସାହୁ

### ବିପିନ ବିହାରୀ ରାଉତ



ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ପ୍ରଭାବଶାଳୀ ସ୍ରଷ୍ଟା ମହାପାତ୍ର ନୀଳମଣି ସାହୁ। ସେ ଏକଧାରରେ ଔପନ୍ୟାସିକ, ଗାଳ୍ପିକ ଓ ପ୍ରାବନ୍ଧିକ। ସମାଲୋଚନା, ରମ୍ୟ ରଚନା, ଶିଶୁ ସାହିତ୍ୟ, କବିତା, ଅନୁବାଦ, ଆଧ୍ୟାତ୍ମିକ ରଚନା ଓ ସଂପାଦନ କ୍ଷେତ୍ରରେ ମଧ୍ୟ ତାଙ୍କର ଶକ୍ତିଶାଳୀ ଉପସ୍ଥିତି ସ୍ପଷ୍ଟ ଅନୁଭବ କରାଯାଏ। ତାଙ୍କ ଗଳ୍ପର ଭାଷା ଚିତ୍ରମୟ, ବର୍ଣ୍ଣମୟ ଓ ମନନଧର୍ମୀ। ତାଙ୍କ ଗଳ୍ପଗୁଡ଼ିକର କଥାବସ୍ତୁର ବ୍ୟାପକତା ଦେଖିଲେ, ବିସ୍ମିତ ହେବାକୁ ହୁଏ। ସେ ବାସ୍ତବବାଦୀ ସାହିତ୍ୟିକ। ତାଙ୍କ ନିଜ ଭାଷାରେ 'ମୋର ବିଶ୍ୱାସ, ମୁଁ ମୋର ଜୀବନରେ ଯାହା କିଛି ଲେଖେଁ କିଛି ମିଛ ଲେଖେନାହିଁ। ମୋ ମନରୁ ଗୋଟେ କିଛି ଫାନ୍ଦିକରି ଲେଖେନାହିଁ। ଜଗତ୍‌ରେ ଯାହାଘଟେ, ତାହା ମୁଁ ନିଜେ ଅନୁଭବ ନକରି ଲେଖେନାହିଁ। ଆଉ ମଧ୍ୟ ଆମର ଏ ଜଗତରେ ଯାହା କିଛି ଘଟିବା ଉଚିତ ବୋଲି ମୁଁ ମନେକର, ତାହା ବି ମୁଁ ନିଜେ ମୋ ଜୀବନରେ ପ୍ରଥମେ ପ୍ରୟୋଗ ନ କରି ଲେଖେନାହିଁ। ମୁଁ ମୋ ଜୀବନରେ ଅନେକ ମିଛ କଥା ପାଟିରେ କହିଛି। କିନ୍ତୁ ଗୋଟିଏ ହେଲେ ବି ମିଛ ଶବ୍ଦ ମୋ ଲେଖନୀରୁ ବାହାରିନାହିଁ।' ମହାପାତ୍ର ନୀଳମଣି ଲେଖୁଥିଲେ ଓଡ଼ିଆ ଭାଷାଭାଷୀଙ୍କ ପାଇଁ। ନିଜ ଲେଖାଗୁଡ଼ିକର ହିନ୍ଦୀ ବା ଇଂରେଜୀ ଅନୁବାଦ ପାଇଁ ତାଙ୍କର ଆଗ୍ରହ ନଥିଲା।



**ତାଙ୍କ ଗଳ୍ପର ଭାଷା ଚିତ୍ରମୟ, ବର୍ଣ୍ଣମୟ ଓ ମନନଧର୍ମୀ। ତାଙ୍କ ଗଳ୍ପଗୁଡ଼ିକର କଥାବସ୍ତୁର ବ୍ୟାପକତା ଦେଖିଲେ, ବିସ୍ମିତ ହେବାକୁ ହୁଏ। ସେ ବାସ୍ତବବାଦୀ ସାହିତ୍ୟିକ। ତାଙ୍କ ନିଜ ଭାଷାରେ 'ମୋର ବିଶ୍ୱାସ, ମୁଁ ମୋର ଜୀବନରେ ଯାହା କିଛି ଲେଖେଁ କିଛି ମିଛ ଲେଖେନାହିଁ। ମୋ ମନରୁ ଗୋଟେ କିଛି ଫାନ୍ଦିକରି ଲେଖେନାହିଁ।**

କେବଳ ଓଡ଼ିଆ ପାଠକ ପାଠିକାଙ୍କର ଅଭିମତ ଶୁଣିବା ଲାଗି ସେ ସର୍ବଦା ବ୍ୟଗ୍ର ଥିଲେ। ସେ ସମାଜ ସଚେତନ ଲେଖକ। ସତ୍ୟ ପଛରେ ଧାଇଁଲା ବେଳେ ସେ ଦାର୍ଶନିକ ଓ ଯୋଗୀ। ଶିବ ବା ମଙ୍ଗଳ ପଛରେ ଧାଇଁଲା ବେଳେ ସେ କର୍ମୀ। ସୁନ୍ଦର ପଛରେ ଧାଇଁଲା ବେଳେ ପ୍ରେମୀ ଏବଂ ମହତ୍ ପଛରେ ଧାଇଁଲା ବେଳେ ଭକ୍ତ। ତାଙ୍କ ରଚନାରେ ମିଳେ ଜ୍ଞାନ, କର୍ମ, ପ୍ରେମ ଓ ଭକ୍ତିର ଉପାଦାନ ଏବଂ ସେଥି ଲାଗି ପ୍ରେରଣା। ୧୯୮୧ରେ ଆକାଶ ପାତାଳ ପାଇଁ ସେ ଲାଭ କରିଥିଲେ ଓଡ଼ିଶା ସାହିତ୍ୟ ଏକାଡ଼େମି ପୁରସ୍କାର ଏବଂ ୧୯୮୪ରେ ଅଭିଶପ୍ତ ଗନ୍ଧର୍ବ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମି ପୁରସ୍କାର। ୧୯୬୫-୧୯୬୯ ଝଙ୍କାର ପତ୍ରିକାର ସଂପାଦକ ଦାୟିତ୍ୱ ତୁଲାଇଥିଲେ। ଅଧ୍ୟାପନା ଥିଲା ତାଙ୍କର ବୃତ୍ତି। ରାଜ୍ୟର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରି ୧୯୮୪ରେ ବିଜେପିରୁ ଉପାଧ୍ୟକ୍ଷ ଭାବେ ଅବସର ନେଇଥିଲେ। ଧରା ଓ ଧାରା, ତାମସୀ ରାଧା, ରାନୁ ଅପାଠାରୁ ପୁଷି ପର୍ଯ୍ୟନ୍ତ, ସୁମିତ୍ରାର ହସ, ଆମେ ଓଡ଼ିଆ, ଯାଆ ନିଶା ସର୍ବଭୂତେଷୁ ଆଦି ତାଙ୍କର ଶ୍ରେଷ୍ଠ କୃତି ତାଲିକା ଅନ୍ତର୍ଭୁକ୍ତ। ୧୯୨୬ ଡିସେମ୍ବର ଆଜିର ଦିନରେ ନିଆଳିରେ ସେ ଜନ୍ମ ହୋଇଥିଲେ।


♥ ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ


## କବିତା...

### ମୁହୂର୍ତ୍ତେ ବଂଚିବା ପାଇଁ
#### ଯାଦବେନ୍ଦ୍ର ସାହା



ପ୍ରିୟତମା !
ଆଜିକାଲି ଏବେ ତୁମେ ଅଛ କେଉଁଠି,
ବିଳାସପୂର୍ଣ୍ଣ ତୁମ ରାଜଉଆସର ଚାକଚକ୍ୟ
ଅଟ୍ଟାଳିକାରେ
ନା, ଆଉ ପୁଣି କାହା ମାୟା କି ମୋହରେ ?

ତୁମ ସହ ମୋର ବହୁଦିନ ହେଲା ଭେଟ
ହୋଇ ନାହିଁ
ଥରେ ହେଲେ ବୁଲି ଆସ ଆମଘର ଆଡେ
ହେଲେ, ନିଶ୍ଚିତ ରୁହ ଯେ
ମୁଁ ପ୍ରେମର କଥା କହିବିନି କି
କି ଓଠରେ ଓଠ ଯୋଡି
ଦେହରେ ଦେହ ମିଶାଇ
କେମିତି ଗାଇବାକୁ ହୁଏ ଗୀତ...
ବରଂ ମୁଁ ତୁମକୁ ଦେଖାଇ ଦେବି
ତୁମର ସେଇ ରାଜଉଆସ ପଛପଟେ
ବୁଢୀଟିଏ ଭୋକ ଉପାସରେ ରହିରହି
କେମିତି ଗତକାଲି ଅସମୟରେ ଗଲାମରି

ତୁମ ଉଆସ ପଛପଟ ଗଳିରେ
ଶେଷ ମୁଣ୍ଡେ ରହୁଥିବା ବଇଠାରୁ
ଦାଦନ ଖଟିବାକୁ ଗଲା ତିନିମାସ ପାଇଁ ଯେ
ଆଉ ଘରକୁ ଫେରିବା ହେଲାନି !

ତମ ଘରେ ହଳିଆ ଥିବା
ସେ ମଙ୍ଗଳୁ ମାଝୀର
ଅବସ୍ଥା କ'ଣ ହେଲା ହାଇଦ୍ରାବାଦରେ
ବନ୍ଧା ପଡ଼ିଥିବା କଣ୍ଟ୍ରାକ୍ଟର ପାଖରେ...
ଜାଣିଛ ?

ଆସ ପ୍ରିୟତମା !
ମୁଁ ତୁମକୁ ଭଲଭାବେ ଦେଖାଇଦେବି
ମକାରୁ ବଢୁର ନ ବଢିଲା ଝିଅକୁ
ଏଇ ଗତ କିଛି ମାସ ତଳେ
ସେଇ ଘୋର କଳାରାତିରେ
ତୁମ ଉଆସର
କେଉଁ ଗୋଟାଏ ଅନ୍ଧାରୀ କୋଣରେ
କ 'ଣ ସବୁ ଘଟିଗଲା ତା'ସହ ?

ଥରୁଟିଏ ଖାଲି ହେଲେ ଆସ,
ତୁମର ମୂଲ୍ୟବାନ କିଛି ସମୟକୁ ଅଳିଆ
ଗଦାରେ ଫିଙ୍ଗି ଦେଇ
ଆମ ଘର ଆଡ଼କୁ ବୁଲି ଆସ ଥରେ...
ତୁମର ସେଇ ବିଳାସପୂର୍ଣ୍ଣ ରାଜଉଆସ ଭୁଲି
ମୁଁ ତୁମକୁ ଠିକ୍‌ଠିକ୍ ଦେଖାଇ ଦେବି...
ମରିମରି କେମିତି ଜୀଇଁବାକୁ ହୁଏ
ପୁଣି, ସେଇ ମୁହୂର୍ତ୍ତ ଟିକକ ଜିଇଁ ଯିବା ପାଇଁ
ମଣିଷମାନଙ୍କୁ କେମିତି
ପ୍ରତି ମୁହୂର୍ତ୍ତରେ ମରିବାକୁ ହୁଏ ।


♥ କେସିଙ୍ଗା, କଳାହାଣ୍ଡି
(ମୋ) ୯୯୩୮୭୧୧୭୦୫


### କାଶୀପୁର
#### ନିରଞ୍ଜନ ନାୟକ



ଏହାର ମନ୍ଦିର ଦେହରେ ଅତୀତକୁ ଦେଖିହୁଏ
ଚମ୍ପା ଫୁଲର ମହକରେ ସକାଳ ସୂରୁଜ ଉଏଁ
ଢେମସା ନାଚରେ ସଞ୍ଜ ଆସେ
ଟାମକ ନିଶାନ ସାଙ୍ଗ ଲୋଡି ସାଥେ
ରାତି ସରେ
ପ୍ରତି ପାହାଡ ଛାତିରେ ପ୍ରକୃତି ହସେ

ଅତୀତର ଲକ୍ଷେ ଚମ୍ପାଫୁଲର ଅଞ୍ଚଳ
ଏଠି କିଛି ଚମ୍ପାଗଛ ବଞ୍ଚିଛି
କିନ୍ତୁ ଚମ୍ପାଗଛରେ
ବିଅର୍ଥ ବାସହୀନ ଫୁଲମାନଙ୍କ ଭିଡ
ନିଆଁ ଧୂଆଁର ଲଣ୍ଡା ଡଙ୍ଗର
ବେସାହାରା ଜୀବନ
ଜୀବନର ସେଇ ଠିକଣାମାନ ବିପଦପୂର୍ଣ୍ଣ
ମାଟି ପାଣି ଡଙ୍ଗର ଅକ୍ତିଆର ପରେ
ଜୀବନ ଫୁ !!!

ଅସୁରକ୍ଷିତ ତା'ର
ଜଳ ଜମି ଜଙ୍ଗଲ ପବନ ଡଙ୍ଗର
ଭୂମି ଗଗନ ପବନରେ ସ୍ୱାର୍ଥାନ୍ଧର ସ୍ପର୍ଶ
ସବୁଠି ଶୁଭୁଛି ବିକଟାଳ ହସ
କ୍ଷଣ କ୍ଷଣରେ ଶ୍ୱାସରୁଦ୍ଧ ହୁଏ ମାଟିର ମଣିଷ

ସବୁଠି ଚରିଛି ନିଆଁ ଧୂଆଁର ବଳୟ
ଭୂମି ଠାରୁ ଭୂମାଯାଏଁ ଲମ୍ବି ଚାଲିଛି
ମିଛ ପ୍ରତିଶୃତିର ସୁଅ
ଶୁଭୁଛି ସବୁଠି ଜିନ୍ଦାବାଦ, ପଡୁଛି ଗେଣ୍ଡୁମାଳ
ଶୁଭୁଛି ଜୟଜୟକାର

କିନ୍ତୁ ଏଇଠି ଅପହଞ୍ଚ ହୁଏ ବିକାଶ
ଅନିଶ୍ଚିତ ଭବିଷ୍ୟତ
ପ୍ରାଚୁର୍ଯ୍ୟର ରତ୍ନଗର୍ଭା କାଶୀପୁର ତା'ର
ଫଟାକପାଳରେ ନିଇତି ହାତମାରି
ଦୁଃଖ ସାଉଁଟୁଥିବ
ପ୍ରତିବର୍ଷ.....
ମେଞ୍ଚାଏ ମିଛ ପ୍ରତିଶୃତି ସାଇତି ରଖୁଥିବ
ତା ଭାଗ୍ୟ କେବେ ବଦଳୁନଥିବ !


♥ ରାୟଗଡ
ମୋ-୯୪୩୭୩୧୭୪୧୭




### ମିତ ପାଇଁ ଗୀତଟିଏ
#### ବିଦ୍ୟୁତଲତା ଦାସ

ଜୀବନର ସବୁକଥା ସବୁ ସ୍ୱପ୍ନ
ବ୍ୟଥାର ବୀଣାରେ ତୋଳେ ସୁମଧୁର ତାନ
ତଥାପି ସ୍ୱର ଉତ୍ତାଳ
ତରଙ୍ଗ ଚଳଚଞ୍ଚଳ
ଜୀବନର ମିଛ ଜୟଗାନ ।

ଏହି ସେ ଜୀବନ ଯିଏ
ତୀବ୍ର ବରଷାର ଛନ୍ଦେ
ହଜିଯାଏ ଅଜଣା ଆବେଗେ
ତେଣୁ ସେ ସପନ ସବୁ ଅହରହ ଝୁରୁଥାନ୍ତି
ଏହି ମନ ବୃନ୍ଦାବନ ବେସୁରା ବୈରାଗେ ।

ତେଣୁ ତୁମେ ବଂଧୁ ମୋର
ହାରିନାହଁ ପରାଜୟେ
ହଜିନାହିଁ ଏ ଜୀବନ ଜୟର ସରଣୀ
ଏଠି କିନ୍ତୁ ହାହାକାର ଅସରନ୍ତି ସୀମାହୀନ
ହତାଶ ହୁତାସନର ଉଠାଣି ଗଡାଣି,
ତାକୁ ତମେ ପାରିହେବ
ମନର ବୋଇତ ତେଣୁ
ନହେଉ ଗୋ ପଥଭ୍ରଷ୍ଟ ବିକଳ ବିହ୍ୱଳ
ଏଠି ସବୁ ସୁଅ ଚାଲେ
ଏମିତି ପଛକୁ ଠେଲି
ନାଚିକୁଦି ଫେରିବାରେ, ଯନ୍ତ୍ରଣା ଅପାର
ଅଝାଲ ହୋଇଛି ମେଲା
ବିବେକର ଶୂନ୍ୟ ଡାଲା
ପୂର୍ଣ୍ଣ କରି ଯାତ୍ରାପଥେ ହୁଅ ଜ୍ୟୋତିଷ୍ମାନ୍
ଶୋଚନା ରହୁ ଗୋ ଦୂରେ
ଅଭିମାନ ଅନ୍ତଃପୁରେ
ସଂଗ୍ରାମ ଏ ଫୁଲଶେଯ ନୁହଁଇ ଜୀବନ ।


♥ ମଙ୍ଗଳପୁର, ଯାଜପୁର-୭୫୫୦୧୧
(ମୋ) ୯୪୩୭୧୮୮୦୫୯


### ଗୋଟିଏ ଏକପଦୀ
#### ଡ. ରଜନୀ ରଂଜନ



ଏତେଦିନ ରଖିଛି ସାଇତି
ତମ ହାତ ତିଆରି ଲୁଣି ଚା
ତାରିଖ ନଥିବା ତମ ଚିଠି
ତମ ଅଗଣାର ବିତିଥିବା
ଜୋଛନା ପଖଳା ରାତି
ମୁଠାଏ ଚୋରା ଚଇତି
ଯେତେ ସ୍ମୃତି ଅନୁଭୂତି
ସବୁ ମୋର ସାଇତା ସମ୍ପତ୍ତି ।
ଶେଷବେଳେ ଆଉ କଣ ସାଥୀରେ ନେବି ?
ଯଦି କହିବ ସବୁ ଫେରାଇଦେବି ।


♥ ବାଲକାଟୀ, ଖୋର୍ଦ୍ଧା
(ମୋ) ୯୩୩୭୨୬୧୦୭୫


### ଈଶ୍ୱର
#### କ୍ଷମାନିଧି ଭୋଇ



ବେଳେବେଳେ ଈଶ୍ୱର ବି
ହୋଇଯାଆନ୍ତି ନିହାତି ନିଷ୍ଠୁର
ପୁଣି ବେଳେବେଳେ
ଭକ୍ତର ନିଷ୍କପଟ ଭକ୍ତିରେ ସାଜନ୍ତି
ଅତ୍ୟନ୍ତ ନିଜର ।

କାହାକୁ କିଛି ନ କହି
ନୀରବରେ ସବୁ ଦେଖୁଥାଆନ୍ତି
ଭେଳିକି ଭର୍ତ୍ତି ପୂର୍ବକ
ରହସ୍ୟାବୃତ ସଂସାର ସର୍ବତ୍ର ।

ଜ୍ଞାତ ଅଜ୍ଞାତ
ଈଶ୍ୱରଙ୍କ ସୃଷ୍ଟିରେ ସବୁକିଛି ଅଦ୍ଭୁତ
ଲୋଭ ମୋହରେ ପରିପୂର୍ଣ୍ଣ
ଜୀବନର ପରିଧି ଟିକକ ।

ନିଜଲୋକଙ୍କୁ ବି ଦୁଃଖ ଦିଅନ୍ତି ଈଶ୍ୱର
ସେଇଥିପାଇଁ ତ ସିଏ
ବର୍ଷ ବର୍ଷର ସମ୍ପର୍କ ତୁଟାଇ
ଚାଲି ଯାଆନ୍ତି ମଥୁରାପୁର
ଗୋପପୁରବାସୀଙ୍କ ନୟନେ ଭରି
ଅସରନ୍ତି ଲୁହଧାର ।

ତଥାପି, ଈଶ୍ୱର ସର୍ବବିଦିତ
ଓ ସର୍ବମଙ୍ଗଳମୟ
ଆଉ ତାଙ୍କ ଇଚ୍ଛାରେ ତ
ଏ ସଂସାରରେ ସଂଘଟିତ ସକଳ
ଠିକ୍ ଯେମିତି
ଆକାଶର ମେଘମାଳ
ସମୁଦ୍ରର ତରଙ୍ଗାୟିତ ନୀଳ ଜଳ
ଗ୍ରହ ନକ୍ଷତ୍ରମାନଙ୍କ ଆତଯାତ
ପ୍ରେମିକ ପ୍ରେମିକାମାନଙ୍କ
ମଧୁ ପ୍ରେମାଳାପ ।

ତେଣୁ, ହେ ଈଶ୍ୱର !
ଆମ୍ଭ ଭକ୍ତି ନୈବେଦ୍ୟକୁ
ତୁମ୍ଭେ ଘେନାକର.. ଘେନାକର ।




♥ ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ନାକଟିଦେଉଳ
ଜି: ସମ୍ବଲପୁର ( ଓଡ଼ିଶା )
ପିନ୍ : ୭୬୮୧୧୮
ମୋ : ୯୪୩୮୨୯୨୯୩୩

# ଉଦାରତା ଭାବ ରହିଲେ ସ୍ରଷ୍ଟାର ସୃଷ୍ଟି ଆହୁରି କମନୀୟ, ନମନୀୟ ହୋଇ ପାରିବ : ଗୌରାଙ୍ଗ ଚନ୍ଦ୍ର ଦାଶ

**ଗୌରାଙ୍ଗ ଚନ୍ଦ୍ର ଦାଶ** ଓଡିଆ ସାହିତ୍ୟ ଜଗତରେ ଗୋଟେ ପରିଚିତ ନାଁ । ସେ କେବଳ କବିତାରେ ନୁହେଁ, ଗଳ୍ପ, ନାଟକ, ପ୍ରବନ୍ଧ ଲେଖି ତିଆରି କରିଛନ୍ତି ସ୍ୱପରିଚୟ । ଅଭିନୟ ଓ କ୍ରୀଡା କ୍ଷେତ୍ରରେ ମଧ ରଖିଛନ୍ତି ନିଜର ସ୍ୱଷ୍ଟ ପାଦଚିହ୍ନ । ବେଦବ୍ୟାସ ସାହିତ୍ୟ ସଂସ୍କୃତି ପରିଷଦ ପ୍ରତିଷ୍ଠା କରିବା ସହ ବେଦବ୍ୟାସ ପତ୍ରିକାର ସମ୍ପାଦନା ଦାୟିତ୍ୱ ନିର୍ବାହ କରି ପ୍ରଦର୍ଶିତ କରିଛନ୍ତି ନିଜର ପାରଦର୍ଶିତା । ଭାଷା ସାହିତ୍ୟର ପ୍ରଚାର ପ୍ରସାରରେ ଯୋଡି ଦେଇଛନ୍ତି ତାଙ୍କର ସ୍ୱପ୍ନ । ତାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ ଅଳ୍ପରେ ଗୌରାଙ୍ଗ ଚନ୍ଦ୍ର ଦାଶ



ଜନ୍ମ ତାରିଖ - ୦୫/୦୪/୧୯୫୩
ପିତା : ସ୍ୱାଧୀନତା ସଂଗ୍ରାମୀ ୰ ଗୋବିନ୍ଦ ଚନ୍ଦ୍ର ଦାଶ
ମାତା : ସ୍ୱର୍ଗତ ଲକ୍ଷ୍ମୀପ୍ରିୟା ଦେବୀ
ଜନ୍ମସ୍ଥାନ: କାଠିଆପଡା, ପୋ: ବଡପଡା
ଥାନା - ପଟ୍ଟାମୁଣ୍ଡାଇ,
କେନ୍ଦ୍ରପଡା-୭୫୪୨୪୫
ବର୍ତ୍ତମାନର ଠିକଣା : ସି/୯୨
ସେକ୍ଟର ୨୨(ସାରନଗରୀ)
ରାଉରକେଲା- ୭୬୯୦୦୭
(ମୋ) ୯୪୩୮୦୦୨୭୧୬

**ପ୍ରକାଶିତ ପୁସ୍ତକ-**

କବିତା
୧- ପଥର
୨- ଜହ୍ନ ପରି ଦିଶୁଥିବା ମୁହଁ
୩- ଗାଁକୁ ଚାଲ ଜହ୍ନ ଦେଖିବା



ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି ଗୌରାଙ୍ଗ ଚନ୍ଦ୍ର...

■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ସୃଜନଶୀଳ ସଂସାରରେ କବିତା ଏକ ସୂକ୍ଷ୍ମକଳା । ଏହା ଯେତେବେଳେ ଚିତ୍ରକଳ୍ପ ଶବ୍ଦ ସଂଯୋଜନାରେ ବିମଣ୍ଡିତ ହୁଏ, ଏହାର ରୂପ ଲାବଣ୍ୟରେ ଝଲସିଯାଏ ସାରା ଦୁନିଆ । କ୍ଷଣିକ ଭିତରେ ପାଠକ ଆକର୍ଷିତ ହୁଏ କବିତା ଆଡ଼କୁ । ବିନ୍ଦୁ ଭିତରେ ସିନ୍ଧୁର ଦର୍ଶନ ଲଭେ ପାଠକ । ମନକୁ ପାଏ । ହୃଦୟକୁ ଛୁଏଁ କବିତା । ସାରସ୍ୱତ ଜଗତର ଆଦ୍ୟ ଓଁକାର ହେଉଛି କବିତା। ଅତି ସୂକ୍ଷ୍ମ ଚେତନାର ବିଶାଳ ପଟ୍ଟଭୂମି କବିତା । ଜୀବନର ପ୍ରତ୍ୟେକ ପାହାଚରେ କବିତା ସହିତ ହୋଇଯାଏ ଭେଟ ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋର ପ୍ରେରଣା ଆକାଶବାଣୀ କଟକ । ଅଷ୍ଟମ ଶ୍ରେଣୀରେ ପାଠ ପଢ଼ିବା ବେଳର କଥା । ରେଡିଓ ପ୍ରତି ଦୁର୍ବଳତା । ପ୍ରାୟ ସକାଳ, ଦ୍ୱିପହର ଓ ସଂଧ୍ୟା ସମୟରେ ରାତି ୧୧ଟା ପର୍ଯ୍ୟନ୍ତ ରେଡିଓ ଶୁଣେ । ବିଭିନ୍ନ ଗାୟକ ଗାୟିକାଙ୍କର ଗୀତ ଓ ଗୀତିକାରମାନଙ୍କର ଗୀତ ଶୁଣେ । ମୁଁ ଭାବିଲି, ଚିନ୍ତା କଲି ମୁଁ କଣ ଏମିତି ଗୀତ ଲେଖି ପାରିବି ନାହିଁ ? ଚେଷ୍ଟା କରି ବହୁତ ଲେଖିଛି । ମନକୁ ପାଏନି, ପୁନଶ୍ଚ ଲେଖେ । ଲେଖୁ ଲେଖୁ କବିତା ହେଇଯାଏ । ହାଇସ୍କୁଲର ଶିକ୍ଷକମାନଙ୍କୁ ଦେଖାଏ । ସେମାନେ ଆଶ୍ୱସନା ଦିଅନ୍ତି, ଆହୁରି ଲେଖ । ଲେଖା ଚାଲିଲା । ଲେଖୁ ଲେଖୁ ଯାଇ ପହଞ୍ଚିଲା ରେଡିଓ ଅଫିସରେ, ଦୁଇ ଚାରିଥର ଲେଖା ଫେରି ଆସିଲା ରେଡିଓ ଅଫିସରୁ । ସେମାନେ ମନବଳ ବଢ଼ାଇ ଚାଲିଲେ । ରେଡିଓରେ 'ଜାଗରଣ' ନାମକ କବିତା ପ୍ରକାଶ ପାଇଛି । ତା' ପରେ ସ୍କୁଲ ମାଗାଜିନ୍‌ରେ କବିତା ପ୍ରକାଶ ପାଇଛି। ସାହିତ୍ୟର ଆଦ୍ୟଗୁରୁ ମୁଁ ନିଜେ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ?କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?

■■ ମୁଁ ୧୯୭୨ରେ ମାଟ୍ରିକ ପରୀକ୍ଷା ଦେଇ ରାଉରକେଲା ଚାଲି ଆସିଲି, ଘରର ଅଭାବ ପରିସ୍ଥିତି ପାଇଁ । ରାଉରକେଲା, କୋଇଡାର ପେଟ୍ରୋଲ ପମ୍ପରେ କାମ ମିଳିଗଲା । କିଛି ପଇସା ସଂଚୟ କରି ପତ୍ର ପତ୍ରିକା କିଣି ପଢ଼ିବାକୁ ଲାଗିଲି । 'ସପ୍ତର୍ଷି' ପତ୍ରିକା ସମ୍ବଲପୁରରୁ ପ୍ରକାଶ ପାଉଥିଲା ସେଠାକୁ ବହୁତ ଲେଖା ପଠାଇଛି। ତା' ପରେ ରାଉରକେଲାରୁ ସମ୍ବାଦପତ୍ର 'କୁରୁକ୍ଷେତ୍ର' ପରେ 'ଉତ୍କଳ ମେଲ' ପ୍ରକାଶ ପାଉଥିଲା । ସେଥିରେ କବିତା, ପ୍ରବଂଧ ପ୍ରକାଶ ପାଇଛି । କେବଳ ସମାଜକୁ ଠିକଣା ବାଟକୁ ଆଣିବାକୁ ମୋର ଏହି ଯାତ୍ରା । ଏଠାରେ ଓଡ଼ିଆମାନଙ୍କର ସ୍ଥିତି ଭଲ ନଥିଲା । ଏଠି ସେମାନେ କେବଳ ହିନ୍ଦୀରେ କଥାବାର୍ତ୍ତା କରୁଥିଲେ । ଓଡ଼ିଆମାନେ ବି ହିନ୍ଦୀରେ କହୁଥିଲେ । ମୁଁ ବୁଝିପାରୁ ନଥିଲି । ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦେବା ପାଇଁ ମୋର ଲେଖନୀ ଗର୍ଜି ଉଠିଲା । ନୀଳଚକ୍ରରେ ଯୋଗ ଦେଲି । ମୋର ଆଦର୍ଶ, ଓଡ଼ିଆ ଭାଷା ପ୍ରୀତି । ତାହାହିଁ ମୋତେ ଆଗକୁ ଯିବାକୁ ବାଧ କରିଥିଲା ।

■ ସୃଜନଶୀଳତା କ୍ଷେତ୍ରରେ ଉଦରତାର ଅଭାବ ଏକ ବିରୋଧାଭାସ ଭଳି ମନେହୁଏ, କଣ କହିବେ ?

■■ ସୃଜନଶୀଳତା କ୍ଷେତ୍ରରେ ଉଦାରତାର ଅଭାବ ଦେଖିବାକୁ ମିଳୁଛି । ପ୍ରାୟତଃ ସୃଜନଶୀଳ ବ୍ୟକ୍ତିଟି ଯେଉଁ ସୃଷ୍ଟି ସମ୍ଭାର ସମାଜକୁ ଭେଟି ଦିଏ, ତା'ର ବୀପରିତ ଆଚରଣ ତାର ବ୍ୟକ୍ତିତ୍ୱରେ ଦେଖିବାକୁ ମିଳେ। ଉଚ୍ଚାରଣ ଓ ଆଚରଣରେ ସମାଞ୍ଜସ୍ୟ ରୁହେ ନାହିଁ । ମୋ ମତରେ ଉଦାରତା ଭାବ ରହିଲେ ସ୍ରଷ୍ଟା ଯାହା ସୃଷ୍ଟି କରିବାକୁ ଚାହେଁ, ତାହା ଆହୁରି କମନୀୟ, ନମନୀୟ ହୋଇ ପାରିବ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମୋ ମତରେ ମାତୃଭାଷାର ସଂକଟ ଦୂର କରିବାରେ ସାହିତ୍ୟର ସାମର୍ଥ୍ୟ ସୀମିତ । ହୁଏତ ସାହିତ୍ୟ କିଛି ମାତ୍ରାରେ ପାଠକକୁ, ସମାଜକୁ ପ୍ରେରଣା ଯୋଗାଇ ପାରେ । କିନ୍ତୁ ମାତୃଭାଷା ସମସ୍ତ ସଂକଟ ଦୂର କରିବା ପାଇଁ ସମାଜକୁ ଦୃଢ଼ ବାର୍ତ୍ତାଟିଏ ଦେଇପାରେ, ସତର୍କ କରାଇପାରେ। ଭାଷାର ଅସ୍ମିତା ବଞ୍ଚାଇ ରଖିବାକୁ ହେଲେ, ପ୍ରତ୍ୟେକ ବ୍ୟକ୍ତିର ଦୃଢ଼ ଇଚ୍ଛାଶକ୍ତି, ସଚେତନତା ଏବଂ ସରକାର ଓ ପ୍ରଶାସନ ସ୍ତରରେ ଦୃଢ଼ ପଦକ୍ଷେପ ଆନ୍ତରିକତାର ଆବଶ୍ୟକତା ଅଛି ।

■ କବିତାର ଭବିଷ୍ୟତକୁ ନେଇ କେତେ ଆଶାବାଦୀ ? କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ କବିତାର ଭବିଷ୍ୟତକୁ ନେଇ ମୁଁ ତ ଆଶାବାଦୀ । ଆଶା ଓ ବିଶ୍ୱାସ ନ ରହିଲେ ସୃଷ୍ଟି ସର୍ଜନା କରିବାର ପ୍ରେରଣା କେଉଁଠୁ ମିଳିବ ? ଅନ୍ୟର ମାନସିକତାକୁ ପରିବର୍ତ୍ତନ କରିବାର ସମ୍ଭାବନା କବିତାର ଅଛି, କିନ୍ତୁ ଜାଣିବା କଷ୍ଟକର ।

■ ଓଡିଆ ସାହିତ୍ୟ ବିଶେଷ କରି କବିତାର ପାଠକଙ୍କୁ ନେଇ ଆପଣ କେତେ ଆଶ୍ୱସ୍ତ ? ପାଠକ ସାହିତ୍ୟ ପାଖରୁ ନା ସାହିତ୍ୟ ପାଠକଙ୍କ ପାଖରୁ ଦୂରାଉଛି ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?

■■ ସାହିତ୍ୟ ପାଠକ ପାଖରୁ ନା ପାଠକ ସାହିତ୍ୟ ପାଖରୁ ଦୂରେଇବାକୁ ଚାହାଁନ୍ତି ନାହିଁ କି ଦୂରେଇ ପାରିବେ ନାହିଁ । ଆମେ ଖାଲି ସାହିତ୍ୟର ପୁସ୍ତକ ପଠନକୁ ମୂଲ୍ୟାୟନ କରି ସାହିତ୍ୟ ଓ ପାଠକର ଦୂରତାକୁ ଦେଖୁଛନ୍ତି । କିନ୍ତୁ ସାହିତ୍ୟ ଭିନ୍ନ ଭିନ୍ନ ରୂପ ସହିତ ପ୍ରତ୍ୟେକ ମୁହୂର୍ତ୍ତରେ ଆମର ଭେଟ ହେଉଛି । ସାହିତ୍ୟର ବିଭିନ୍ନ କର୍ମଶାଳା ଓ ଆଲୋଚନା ମାଧମରେ ଆମେ ସାଧାରଣ ଲୋକଙ୍କ ପାଖ ପହଞ୍ଚି ପାରିବା ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱକୁ ଅସ୍ୱୀକାର କରାଯାଇ ନପାରେ । ପ୍ରଶଂସା, ପୁରସ୍କାର, ପ୍ରେରଣା ଖାଲି ଲେଖକକୁ ପ୍ରେରଣା ଯୋଗାଏନି ବରଂ ନୂତନ ପିଢ଼ିକୁ ଆକୃଷ୍ଟ କରେ । ଲେଖକ ଜଣେ ସମାଜ ସଂସ୍କାରକ । ତା'ର ଲେଖା ମାଧମରେ ପାଠକକୁ ସୂଚିତ କରିବାକୁ ଚେଷ୍ଟା କରେ, ସୁନ୍ଦର ପ୍ରକୃତି ମଧରେ ଏକ ସୁସ୍ଥ ସମାଜ କିପରି ଗଠନ କରାଯାଇ ପାରିବ, ସେଥିପାଇଁ ଅହରହ ଯତ୍ନଶୀଳ ହେବା ଆବଶ୍ୟକ ।

♥♥



କବି ଗୌରାଙ୍ଗ ଚନ୍ଦ୍ରଙ୍କ ଦୁଇ ଯମଜନାତୁଣୀ...



ଦୁଇ ଯମଜ ସନ୍ତାନଙ୍କ ସହ କବିଙ୍କ ପୁତ୍ର ଓ ପୁତ୍ରବଧୂ...



ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ...



ନିଜ ପରିବାର ତଥା ପତ୍ନୀ ଓ ତିନି ପୁତ୍ରଙ୍କ ସହ କବି ଗୌରାଙ୍ଗ ଚନ୍ଦ୍ର ଦାଶ..




ନିଜ ସମ୍ପାଦିତ 'ବେଦବ୍ୟାସ' ପତ୍ରିକାର ଉନ୍ମୋଚନ ଉତ୍ସବରେ କବି ଗୌରାଙ୍ଗ ଚନ୍ଦ୍ର ଦାଶ..

# ମୋ ଝର୍କାରୁ ଆମେରିକା

ଭାଗ-୨

ନନ୍ଦିତା ମହାନ୍ତି

# ପ୍ରଥମ ବିଦେଶ ଯାତ୍ରା

ବାହାରେ ପ୍ରବଳ ବର୍ଷା ଓ ପବନ ଜାରି ରହିଥିଲା । ଆମର ପ୍ଲେନଟି ମଝିରେ ମଝିରେ ଦୋହଲି ଯାଉଥିଲା ପବନ ମାଡରେ । ଗୋଟେ ଅଜ୍ଞାତ ଭୟ ମାଡି ବସୁଥିଲା । କିଛି ଅଘଟଣ ଘଟିବନି ତ । ପରବର୍ତ୍ତୀ ସମୟରେ ବିଭିନ୍ନ ଦଲିଲ ଦେଇ ମନକୁ ସାବାଡ କରିବାକୁ ଚେଷ୍ଟା କରୁଥିଲି ମୁଁ । ହେଲେ ମନର ପ୍ରକୃତି ତ ଆପଣମାନେ ଜାଣନ୍ତି । ତାକୁ ଯାହା ମନା କରିବ ସିଏ ବେଶୀ ବେଶୀ ସେଇ ଆଡେ ଧାଇଁବ ।

(ପୂର୍ବ ପ୍ରକାଶିତ ଉତ୍ତାରୁ) ସୁନ୍ଦରୀ ଏୟାର ହୋଷ୍ଟେସ ଜଣକ ଘୁରି ବୁଲୁଥିଲେ ଫ୍ଲାଇଟ ସାରା । ଦେହରେ କଳା ୟୁନିଫର୍ମ । ଧଳା ସାର୍ଟ ଉପରେ କଳା କୋଟ୍, ଆଣ୍ଠୁ ଯାଏଁ ଲମ୍ବିଥିବା କଳା ମିନି ସ୍କର୍ଟ, ଗୋଡରେ ଜଙ୍ଘ ଉପର ଯାଏଁ ଲଂବିଥିବା ଟ୍ରାନ୍ସପରେଣ୍ଟ କଳା ମୋଜା ଓ ବେକରେ କଳା ରଙ୍ଗର ସ୍କାର୍ଫ । କାନରେ ଛୋଟ ଛୋଟ ଧଳା ମୋତିର ଇୟର ଷ୍ଟର୍ଡସ । ସମସ୍ତଙ୍କ ଓଠ କୋଣରେ ଝୁଲୁଥିଲା ସରୁ ହସର ଏକ କ୍ଷୀଣ ଫୁଆରା । ସେମାନେ ଘୁରି ବୁଲୁଥିଲେ ଉଡାଜାହାଜ ସାରା । ଯାତ୍ରୀମାନଙ୍କୁ ସିଟ ଉପରିସ୍ଥ ସ୍ଥାନମାନଙ୍କରେ ସେମାନଙ୍କର ଜିନିଷପତ୍ର ରଖିବାରେ ସାହାଯ୍ୟ କରୁଥିଲେ । ସେଇ ବାର୍ବୀ ଡଲ ପରି ପରିଚାରିକାମାନଙ୍କୁ ଦେଖି ମୋତେ ମୋ ଶାଶୁଙ୍କ କଥା ମନେ ପଡିଗଲା ।

ମୋର ଚଉସ୍ତରୀ ବର୍ଷିୟା ଶାଶୁ ସବୁବେଳେ କହୁଥିଲେ, "ବୁଝିଲୁନା ବୋହୂ, ମୁଁ ତ ପାଚିଲା ପାଟର । କେତେବେଳେ ମରିମାରି ଯିବି । ଜୀବନରେ ସବୁ କିଛି ଦେଖିଲି, ଜାଣିଲି । ହେଲେ କେବଳ ଗୋଟିଏ ଆଶା ରହିଗଲା ମନରେ। ମରିବା ଆଗରୁ ଖାଲି ଥରେ ଉଡାଜାହାଜରେ ବସିଥାନ୍ତି । ବଡ ଇଚ୍ଛା ଥରେ ମାତ୍ର ଉଡାଜାହାଜ ପକ୍ଷୀ ପେଟରେ ବସି ଆକାଶରେ ଉଡିବାକୁ ।"

ଶେଷରେ ଶାଶୁଶ୍ୱଶୁରଙ୍କୁ ନେଇ ଉଡାଜାହାଜରେ ଦିଲ୍ଲୀ ବୁଲି ଯିବା କଥା ସ୍ଥିର ହେଲା । ଆମର ପ୍ରଥମ ଉଡାଜାହାଜ ବୁଲା ଏୟାରଇଣ୍ଡିଆ ଫ୍ଲାଇଟରେ ଭୁବନେଶ୍ୱରରୁ ଦିଲ୍ଲୀ । ସେଠାରେ ଗାଡି ବୁକ୍ କରି ବାକି ସବୁ ବୁଲାବୁଲି ।

ଭୋର ପାଞ୍ଚଟାରେ ଥିଲା ଭୁବନେଶ୍ୱର ବିଜୁ ପଟ୍ଟନାୟକ ଏୟାରପୋର୍ଟରୁ ଦିଲ୍ଲୀ ପାଇଁ ପ୍ରଥମ ଫ୍ଲାଇଟ । ଚେକ୍ଇନ୍ ପରେ ଆମେ ବସରେ ବସି ଏରୋପ୍ଲେନ ଯାଏଁ ଗଲୁ। ଗେଟରେ ପଶିଲା ବେଳକୁ ଆମକୁ ସ୍ୱାଗତ କରିବା ପାଇଁ ଛିଡା ହେଇଥିଲେ ଇଣ୍ଡିଗୋ ଫ୍ଲାଇଟର ସୁନ୍ଦରୀ ଏୟାର ହୋଷ୍ଟେସ । ଦେହରେ ଗାଢ ନୀଳ ରଙ୍ଗର ସ୍କଟ-ବ୍ଲାଉଜ, ବେକରେ ଧଳା ସ୍କାର୍ଫ, ପାଲିସ କରା ମୁହଁ, ଓଠରେ ଗାଢ ଲିପଷ୍ଟିକ। ଯିଏ ଦେଖିବ ଘଡିଏ ଚାହିଁ ରହିବାଟା ଥୟ । ଝିଅଟି ମୁହଁରେ ଏକ ମଲ୍ଲୀ ଫୁଲିଆ ହସ ନେଇ, ହାତ ଯୋଡି ନମସ୍କାର କଲା ଆମକୁ। ଶାଶୁମାଆ ସବୁବେଳ ପରି ଖୁବ୍ ଅବେଗରେ ସ୍ନେହଶୀଳ ଶିରାଳ ହାତ ବଢେଇ ଦେଲେ ତାର ଗାଲ ଆଡକୁ, ତାକୁ ଟିକେ ସ୍ନେହର ପରଶ ଦେବାକୁ । ଝିଅଟି ମୁହଁକୁ ଦୁଇ ଇଞ୍ଚ ଦୂରେଇ ନେଲା ପଛକୁ । ମାଆ କିନ୍ତୁ ଯେମିତି ମୋହିତ ହେଇ ଯାଇଥିଲେ ତାର ଆଚରଣରେ । ସିଏ ବାରମ୍ବାର ପଛକୁ ବୁଲି ତାକୁ ଦେଖୁଥିଲେ । ବୋଧହୁଏ ତା ସହିତ କିଛି କଥା ହେବାକୁ ଚାହୁଁଥିଲେ । ହେଲେ ସେତେବେଳକୁ ଆମ ପଛରେ ଲୋକ ଛିଡା ହେଇ ଗଲେଣି । ବାଧ ହେଇ ମୁଁ ମାଆଙ୍କ ହାତ ଧରି ତାକୁ ଆମ ସିଟ ପାଖକୁ ନେଇଗଲି । ସିଟରେ ବସିଲା ପରେ ବି ମାଆ କହି ଚାଲିଥିଲେ, "ଦେଖିଲୁ , କେଡେ ସୁନ୍ଦର ଝିଅଟେ , ଟିକେ ହେଲେ ଗର୍ବ ଗୌରବ ନାହିଁ । ଚିହ୍ନା ନାହିଁ, ଜଣା ନାହିଁ, କେଡେ ସୁନ୍ଦର ହସି ହସି ନମସ୍କାର କରୁଛି । ମୁଁ ବା ତାର କିଏ କହିଲୁ ଦେଖି ? ହେଲେ ଝିଅଟାର ଟିକେ ହେଲେ ପର ଆପଣା ନାହିଁ । ତା ସଙ୍ଗେ ଆଉ ଟିକେ କଥା ହେଇଥାନ୍ତି । ତାର ଘର କଉଠି, ଘରେ ଆଉ କିଏ ସବୁ ଅଛନ୍ତି ପଚାରିଥାନ୍ତି । ଝିଅଟା ବାହା ହେଇଛି ନା ନାହିଁ କେଜାଣି ! ତୁ ତ ଟାଣି ଟାଣି ନେଇ ଆସିଲୁ, ନ ହେଲେ ଆଉ ଟିକେ କଥା ହେଇଥାନ୍ତି ତା ସାଙ୍ଗେ ।" ଶେଷ ଆଡକୁ ତାଙ୍କର କଥା ଶ୍ଳେଷାତ୍ମକ ଶୁଭୁଥିଲା । ମୋ ପାଖରେ ଏ କଥାର ଉତ୍ତର ନ ଥିଲା । କାରଣ ତାଙ୍କ ପରି ଜଣେ ସରଳା ନାରୀଙ୍କୁ ମୁଁ କେମିତି ବୁଝେଇଥାନ୍ତି ଯେ, ସେଇ ଝିଅଟି ଯାହା କରୁଛି, ତାହା ତାର ଚାକିରୀର ଏକ ଅଂଶ ମାତ୍ର । ଯାହା ପାଇଁ ସିଏ ଦରମା ପାଏ। ମୁହଁରେ ହସ ଫୁଟେଇ ସମସ୍ତଙ୍କୁ ସମ୍ଭାଷଣ ଜଣେଇବା ପାଇଁ ସିଏ ଏକ ମୋଟା ଅଙ୍କର ପାଉଣା ପାଏ ମାସ ଶେଷରେ । ସେଇ ହସ ଯେ କେବଳ ଜୀବିକାର ଦାୟ, ସେଥିରେ ଜୀବନ ନାହିଁ ସେକଥା ବା ତାଙ୍କୁ କେମିତି ବୁଝେଇଥାନ୍ତି ମୁଁ । ମନେ ମନେ ଭାବିଲି ମିଛ ହେଉ ପଛେ ବଞ୍ଚିଥାଉ ଏପରି ଏକ କୋମଳ ଧାରଣା ତାଙ୍କ ମନରେ । ଅଗତ୍ୟା ଚୁପ ରହିଲି ମୁଁ ।

କକପିଟରୁ ଭାସି ଆସୁଥିବା ପାଇଲଟଙ୍କର ରୋବଦାର ସ୍ୱରରେ ପ୍ରକୃତିସ୍ଥ ହେଲି ମୁଁ । ସମସ୍ତଙ୍କୁ ଅଭିବାଦନ ଜଣାଇଲା ପରେ ସିଏ ଇଂରାଜୀରେ ଘୋଷଣା କଲେ, ଆଜିର ଫ୍ଲାଇଟରେ ପାଇଲଟ ଓ କୋ-ପାଇଲଟ ଅଛନ୍ତି ରାକେଶ ସିସୋଦିଆ ଓ ସରୋଜ ସାଙ୍ଗଭି। ବାହାରେ ପାଗ ଖରାପ । ତେଣୁକରି ଫ୍ଲାଇଟ ମୁମ୍ବାଇରେ ପହଞ୍ଚିବାକୁ ଦୁଇ ଘଣ୍ଟା ପଇଁତିରିଶ ମିନିଟ ପରିବର୍ତ୍ତେ ଦୁଇ ଘଣ୍ଟା ପଇଁଚାଳିଶ ମିନିଟ ସମୟ ନେବ । ପରେ ପରେ ଫ୍ଲାଇଟ ଆଟେଣ୍ଡାଣ୍ଟ ସେଫଟି ଟିପ୍ସ ଦେବାକୁ ଲାଗିଲେ । ଫ୍ଲାଇଟ ଉଡାଣ ଭରିବାର ଘୋଷଣା ହେଲା, ଆଉ ପର ମୂହୁର୍ତ୍ତରେ ଆମର ଫ୍ଲାଇଟ ଘର୍ଘର ନାଦ କରି ଲମ୍ଫ ପ୍ରଦାନ କଲା ଆକାଶ ଗର୍ଭକୁ ।





ଛୋଟବେଳର ଗୋଟେ ଅନୁଭୂତି ମନେ ପଡିଗଲା ମୋର । ଆମେ ଛୋଟ ଥିଲା ବେଳେ ଉଡାଜାହାଜର ଏତେ ବେଶୀ ଚଳପ୍ରଚଳ ନ ଥିଲା । ବାର ଛଅ ମାସରେ ଥରେ ଅଧେ କେବେ ଆମ ସହର ଉପର ଦେଇ ଉଡି ଯାଉଥିଲା ଗୋଟେ ଗୋଟେ ଉଡାଜାହାଜ । ଆମେ ପିଲାମାନେ ମେଳି ହେଇ ହାତ ହଲେଇ ହଲେଇ ଦଉଡୁଥିଲୁ ତା ପଛେ ପଛେ, ଉଡାଜାହାଜ ଦୃଷ୍ଟି ଆଢୁଆଳକୁ ନ ଚାଲିଯିବା ପର୍ଯ୍ୟନ୍ତ । ଆମର ଧାରଣା ଥିଲା ଉଡାଜାହାଜରେ ବସିଥିବା ଯାତ୍ରୀମାନେ ସେଥିରେ ଯେଉଁ ଛୋଟ ଛୋଟ ଝରକା ଅଛି, ସେଇ ଝରକା ଦେଇ ଆମକୁ ଦେଖିପାରିବେ । କିନ୍ତୁ ଆଜି ଉଡାଜାହାଜରେ ବସିଲା ପରେ ଜାଣିପାରୁଛି ଜାହାଜ ଥରେ ଉପରକୁ ଉଠିଗଲେ ମଣିଷ ତ ମଣିଷ ବଡ ବଡ ଇମାରତ ବି ଆଉ ଦିଶନ୍ତି ନାହିଁ ଆଖିକୁ ।

ଝରକା ଆଡୁ ଆଖି ଫେରେଇ ଆଣିଲି ମୁଁ । ଟ୍ରଲିରେ ବିଭିନ୍ନ ସ୍ନାକ୍ସ ଓ ବେଭେରେଜେସ ନେଇ ଏବେ ଏବେ ଏୟାରହୋଷ୍ଟେସମାନେ ଜାହାଜ ମଧ୍ୟରେ ବୁଲିବା ଆରମ୍ଭ କରିଥିଲେ । ଗୋଏୟାରରେ କୌଣସି କମ୍ପ୍ଲିମେଣ୍ଟାରି ଖାଦ୍ୟ ପରିବେଷଣ କରାଯାଏ ନାହିଁ । ଯାହା ବି ଖାଇବାକୁ ବା ପିଇବାକୁ ଚାହିଁବ ସବୁ କିଛି କିଣିବାକୁ ପଡିବ, କେବଳ ପାଣିକୁ ଛାଡି । ଯେହେତୁ ମୁଁ ଖାଇପିଇ ଘରୁ ବାହାରିଥିଲି ତେଣୁକରି କେବଳ ପାଣି ନେଇ ପିଇଲି ।

ବାହାରେ ପ୍ରବଳ ବର୍ଷା ଓ ପବନ ଜାରି ରହିଥିଲା । ଆମର ପ୍ଲେନଟି ମଝିରେ ମଝିରେ ଦୋହଲି ଯାଉଥିଲା ପବନ ମାଡରେ । ଗୋଟେ ଅଜ୍ଞାତ ଭୟ ମାଡି ବସୁଥିଲା । କିଛି ଅଘଟଣ ଘଟିବନି ତ । ପରବର୍ତ୍ତୀ ସମୟରେ ବିଭିନ୍ନ ଦଲିଲ ଦେଇ ମନକୁ ସାବାଡ କରିବାକୁ ଚେଷ୍ଟା କରୁଥିଲି ମୁଁ । ହେଲେ ମନର ପ୍ରକୃତି ତ ଆପଣମାନେ ଜାଣନ୍ତି । ତାକୁ ଯାହା ମନା କରିବ ସିଏ ବେଶୀ ବେଶୀ ସେଇ ଆଡେ ଧାଇଁବ । ଏବେ ଖବରକାଗଜ ଓ ପତ୍ରପତ୍ରିକାରେ ପଢିଥିବା ବା ଶୁଣିଥିବା ବିଭିନ୍ନ ଲୋମହର୍ଷଣକାରୀ ପ୍ଲେନ କ୍ରାସ କଥା ମୋର ବେଶୀ ବେଶୀ ମନେ ପଡୁଥିଲା । ଧେତ୍...

ଅଗତ୍ୟା ମୁଁ ସାମ୍ନା ପକେଟରେ ଥିବା ଗୋଏୟାରର ମାଗାଜିନ ଟାଣି ଆଣି ଗୋ-ଗେଟରକୁ ଟାଣି ନେଇ ପୃଷ୍ଠା ପରେ ପୃଷ୍ଠା ଓଲଟେଇବାକୁ ଲାଗିଲି ।

କିଛି ସମୟ ପରେ ଉଡାଜାହାଜ ଏୟାରପୋର୍ଟରେ ଓହ୍ଲେଇବାର ଘୋଷଣା ହେଲା । ଆମେ ସମସ୍ତେ ସିଟ ବେଲ୍ଟ ବାନ୍ଧି ନେଇ ଅପେକ୍ଷା କଲୁ ଫ୍ଲାଇଟ ଲ୍ୟାଣ୍ଡ କରିବାକୁ । ଝରକା ବାହାରେ ମୁମ୍ବାଇ ଆକାଶରେ ଥିଲା କଳାହାଣ୍ଡିଆ ମେଘର ପଟୁଆର ଆଉ ତଳେ ନିଅନ ଆଲୋକର ରୋଷଣୀ । ଆମର ଉଡାଜାହାଜ ଛତ୍ରପତି ଶିବାଜୀ ମହାରାଜ ଏୟାରପୋର୍ଟ ଟର୍ମିନାଲ – ୧ ରେ ଓହ୍ଲେଇଲା ।

ଆମେରିକା ଯିବା ପାଇଁ ମୋର କୁଓ୍ୱେତ ଏୟାରଓ୍ୱେଜରେ ଟିକେଟ ହୋଇଥିଲା । କୁଓ୍ୱେତ ଏୟାରଓ୍ୱେଜରେ ମୁମ୍ବାଇରୁ କୁଓ୍ୱେତ, ଆଉ ସେଠାରୁ ଆମେରିକାର ଜନ ଏଫ କେନେଡି ଏୟାରପୋର୍ଟ , ନ୍ୟୁୟର୍କ ।

(ଆରଥରକୁ...)




♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

## ପଢ଼ିଲା ପରେ...

# ବାପାଙ୍କ ସହ ଶେଷ ଜହ୍ନରାତି






ପିତା ଧର୍ମଃ ପିତା ସ୍ୱର୍ଗଃ
ପିତାହି ପରମଂ ତପଃ ।
ପିତରି ପ୍ରୀତିମାପନ୍ନେ
ପ୍ରିୟନ୍ତେ ସର୍ବ ଦେବତାଃ ।

ଅଧୁନା ସମାଜରେ ଏହି ମହାନ୍ କଥାଟିର ମୂଲ୍ୟବୋଧ ସମ୍ପୂର୍ଣ୍ଣ ଅମୂଳକ ମନେହୁଏ ।

ବାପା ଏଭଳି ଏକ ବିସ୍ମୟ ଚରିତ୍ର ଯିଏକି ଆମର ଖାଇବା, ପିନ୍ଧିବା, ନାଇବା, ପାଠପଢ଼ିବା, ଦେହ-ପା' ସହିତ ଅନ୍ୟାନ୍ୟ ଭଲମନ୍ଦ କଥା ବୁଝିବା, ମଣିଷହେଇ ନିଜଗୋଡ଼ରେ ଠିଆ ହେବାଠୁ ଆରମ୍ଭକରି ଯାବତୀୟ ଅଳି-ଅର୍ଦ୍ଦଳିର ବୋଝ ସହିତ ସାରା ପରିବାରର ବୋଝ ସମ୍ଭାଳୁଥିଲେ ମଧ୍ୟ ଏତେଟିକେ ବି ଅନୁଭବ କରିବାକୁ ଦିଅନ୍ତିନାହିଁ କେବେ ତା'ଙ୍କର କଷ୍ଟ, ଯନ୍ତ୍ରଣାର କଥା ।

ଏତେସବୁ ପରେ ବି କି' କି' ଭାର ସେ ଆମର ବୋହି ନଚାଲନ୍ତି ଆଜୀବନ...!

ବାପାମାନେ ସେଇଦିନ ଯାଏ ନିଜକଥା, ନିଜର ସଉକ୍ କଥା ଭାବିଥାଆନ୍ତି, ନିଜପାଇଁ ବଞ୍ଚିଥାଆନ୍ତି ଯେପର୍ଯ୍ୟନ୍ତ ସେ ନିଜେ ବାପା ହୋଇ ନଥା'ନ୍ତି ! ଥରେ ବାପାଡାକ ଶୁଣିଦେବା ପରେ ହୃଦୟ ତା'ଙ୍କର ସେ ଡାକର ଆକର୍ଷଣରେ ଏତେ ମୋହାଚ୍ଛନ୍ନ, ଏତେ ଅଭିଭୂତ, ବିଗଳିତ ହୋଇଯାଏ ଯେ ସେ ନିଜପାଇଁ ବଞ୍ଚିବା ଭୁଲିଯାଆନ୍ତି...! ସମଗ୍ରଜୀବନ ଏବଂ ସଂସାର ତା'ଙ୍କର କେବଳ ସନ୍ତାନମୟ ହେଇଯାଏ ।

ହେଲେ ସେମାନଙ୍କ ପାଇଁ ଆମେ କରନ୍ତି କ'ଣ ? ଖାଇବାକୁ ତିନି ଓଳି, ଦେହ ଅସୁସ୍ଥ ହେଲେ ଔଷଧପତ୍ର, ଟିକେ ଆଦର, ଯତ୍ନ ! ଏତିକି ତ ! ଇଏ ଏମିତି କେତେ ଭାରି ହେଇଯାଏ ଯେ, ଆମେ ବହନ କରିବାକୁ କୁଣ୍ଠିତ ହେଉ ! ବୋଝ ବୋଲି ଭାବି ଅଶାନ୍ତି ହେଉ ! ବାର୍ଦ୍ଧକ୍ୟଜନିତ ନାନା ଶାରୀରିକ, ମାନସିକ ପୀଡ଼ାସହିତ ବେଢ଼ି ଉପରେ କୋରଡ଼ା ପରି ପ୍ରତି କଥାରେ ଝିଙ୍ଗାସୁ ! ମରିବାପୂର୍ବରୁ ହିଁ ପଳ ପଳ ମରିବାର ସ୍ୱାଦ ଚଖେଇଦେଉ !

ଅଥଚ ବାପା ଯେବେ ବୟସ ଭାରରେ ଦବି ଦବି ଯାଆନ୍ତି, ତା'ଙ୍କର କାଣିଚାଏ ଭାର ମଧ୍ୟ ସହିବାକୁ ପିଲାମାନେ ସକ୍ଷମ, ସମର୍ଥ ହୋଇ ପାରନ୍ତିନି । ବୟସ ତାଙ୍କର ଯେତେ ବଢ଼ି ବଢ଼ି ଯାଏ,ପ୍ରତ୍ୟେକ କଥା ତା'ଙ୍କର ସେତେ କମି କମି ଯାଏ - ଏଇ ଯେମିତି ଶରୀରର ଓଜନ, ଖାଦ୍ୟର ପରିମାଣ, ଭଲ ପିନ୍ଧିବା, ଖାଇବା, ନାଇବା, ବୁଲାବୁଲି କରିବା, ଅଧିକାର ଜାହିରକରିବା, ଶାସନ, ଅନୁଶାସନ, ଆଶା-ଆକାଂକ୍ଷା ଏବଂ ଏମିତି ଆହୁରି ଅନେକ...! ସର୍ବୋପରି ଆୟୁଷ ମଧ୍ୟ ! ଏତେ ସବୁ ହାଲୁକାପଣ; ତଥାପି ପିଲାମାନଙ୍କ ପାଇଁ ଏତେ ଭାରୀ ହେଇଯାଆନ୍ତି ସଂସାରର ସବୁଠୁ ଦୁର୍ଲ୍ଲଭ ଏ ପ୍ରାଣୀ...!

ତା'ଙ୍କର ପ୍ରତ୍ୟେକଟି କାର୍ଯ୍ୟକଳାପ, ପ୍ରତ୍ୟେକ ପଦକ୍ଷେପ, ପରିଶ୍ରମ, ତ୍ୟାଗ, ତିତୀକ୍ଷା, ଯନ୍ତ୍ରଣା ପଛରେ ଯେ ନିଜ ସନ୍ତାନର ଭବିଷ୍ୟ ନିହିତ ଥାଏ, ଏ କଥା କ'ଣ କେବେ ଆମେ ଗଭୀର ଭାବେ ଚିନ୍ତାକରନ୍ତି ??

ଏହିଭଳି କିଛି ଦରଦଭରା କାହାଣୀର ସମଷ୍ଟି ହେଉଛି ସୁପରିଚିତ ଗାଳ୍ପିକ ବିପ୍ଳବ'ଙ୍କର ସଦ୍ୟତମ ଗଳ୍ପ ସଂକଳନ – 'ବାପାଙ୍କ ସହ ଶେଷ ଜହ୍ନରାତି', ଯାହାକୁ ପ୍ରକାଶ କରିଛନ୍ତି ଭୁବନେଶ୍ୱରର ସୁନାମଧନ୍ୟ ପ୍ରକାଶକ ପଶ୍ଚିମା ପବ୍ଲିକେଶନ୍ସ ।

ଯେଉଁ ବାପା କାନ୍ଧରେ ବସେଇ ଦିନେ ଆମକୁ ଆକାଶ ଆଡକୁ ଆଙ୍ଗୁଳି ଦେଖେଇ ଜହ୍ନକୁ ଦେଖାନ୍ତି, ସେଇ ବାପା ଆକାଶର ଅସଂଖ୍ୟ ତାରା ଭିତରେ କୁଆଡ଼େ ହଜିଯାଆନ୍ତି। କେବେ କେବେ ସେଇ ଜହ୍ନ ଭିତରେ ତା'ଙ୍କୁ ବ୍ୟାକୁଳ ହୋଇ ଯେତେ ହାତ ବଢ଼େଇ ଖୋଜିଲେ ବି ବାପା ଆଉ ମିଳନ୍ତିନାହିଁ ।

ସଙ୍କଳନଟିରେ ବାପାଙ୍କୁ ନେଇ ଅନେକ ଗପ ରହିଚି :

'ବାପାଙ୍କ ନଥିବା ପୃଥିବୀ' : ବାପାଙ୍କ ଅବର୍ତ୍ତମାନରେ ଝିଅମାନେ ସହୁଥିବା ଅସହଣୀ ଦୁଃଖର କାହାଣୀ

\+ + + +

'ବାପାଙ୍କ ସହ ଶେଷ ଜହ୍ନରାତି' :

ପ୍ରେମିକା ବା ପତ୍ନୀ ସହିତ କେହି ଜହ୍ନରାତି କାଟିବାର ଶୁଣାଯାଏ,ହେଲେ ବାପାଙ୍କ ଇଚ୍ଛା ଶୀତରାତିରେ ଆକାଶରେ ଜହ୍ନ ଦେଖିବାକୁ, ଯେଉଁଠି ପତ୍ନୀ ତାରା ହୋଇ ରହିଛନ୍ତି ବୋଲି ତା'ଙ୍କର ଦୃଢ଼ ବିଶ୍ୱାସ। ବାପାଙ୍କ ଅନ୍ତିମ ଇଚ୍ଛା ତଥା ଜିଦ୍'କୁ ପୂରଣ କରିବାକୁ ପିଲାମାନେ କେମିତି ଦ୍ୱନ୍ଦ୍ୱରେ ପଡିଛନ୍ତି ତା'ର ଏକ କରୁଣ ଚିତ୍ର ଦେଖିବାକୁ ମିଳେ ।

\+ + + +

ଅମଣିଷ :

ବିଦେଶରେ ରହୁଥିବା ଶିକ୍ଷିତପୁଅ ଆଉ ସହରରେ ଏକଲା ରହି ପିଲାଙ୍କପାଇଁ ଶୁଭ ମନସୁଥିବା ହଳେଦମ୍ପତିଙ୍କ ଜୀବନ କିପରି ଲାଞ୍ଛିତ, ଅବହେଳିତ ଅବସ୍ଥାରେ ଘରଭିତରେ ସଢ଼ି ଯାଇଛି ତା'ର ଏକ ମର୍ମନ୍ତୁଦ କାହାଣୀ ।

\+ + + +

ବିଜ୍ଞାପନ:

ଚାକିରୀ ଖୋଜି ଦଲାଲଙ୍କ ହାବୁଡ଼ରେ ପଡ଼ି ମୁଣ୍ଡ ଜାମିନି ରଖି ହତ୍ୟାର ଶିକାର ହେବାପରେ ପାଗଳ ହୋଇଯାଇଥିବା ବାପାଙ୍କ କାହାଣୀ ହିଁ ବିଜ୍ଞାପନ ।

\+ + + +

ବାପା :

ବାପ-ପୁଅ ସମ୍ପର୍କର ଏକ ନିଆରା କାହାଣୀ ଗପ 'ବାପା' ରେ ରହିଚି,ଯେଉଁଠି ସାମାନ୍ୟ ସେବାଯତ୍ନ ଏବଂ ସମୟ ଟିକେ ଦେବା ବି ବାପାଙ୍କପାଇଁ ଅମୃତତୁଲ୍ୟ ପ୍ରତୀୟମାନ ହୋଇଛି।

\+ + + +

ପ୍ରତ୍ୟେକଟି ଘଟଣା କୋହ ମୋହରେ ଆଚ୍ଛନ୍ନ କଲାପରି ପରି ଏକ ସମ୍ବେଦନଶୀଳ ଚରିତ୍ରକୁ ନେଇ ତଥା ବାପାଙ୍କ ଅବର୍ତ୍ତମାନରେ ଭୋଗୁଥିବା ଯନ୍ତ୍ରଣାର ଏକ କରୁଣ ଇସ୍ତାହାର ଗଳ୍ପ ସଂକଳନ - 'ବାପାଙ୍କ ସହ ଶେଷ ଜହ୍ନରାତି'।

ଏଥିରେ ମୋଟ ସତରଟି ଗଳ୍ପ ରହିଛି।



ଆଲେଖ୍ୟ :
ସୁନନ୍ଦା ବି. ମହାପାତ୍ର
ଭୁବନେଶ୍ୱର

# ଶବ୍ଦଗନ୍ଧ

## ପୂଜା ପତ୍ରିକା ସମୀକ୍ଷା

**ମନୀଷା**
ସମ୍ପାଦକ **ବୈକୁଣ୍ଠନାଥ ସାହୁ**

ଠିକଣା : ୧୪୪୦, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୭୫୧୦୧୩
(ମୋ) : ୯୪୩୭୧୪୮୮୫୫
ମୂଲ୍ୟ : ୧୩୦/-




'ଇତିହାସର ସେଇ ପୃଷ୍ଠାସବୁ ସଜେଇ
ରେଭେନ୍ସା କଲେଜରେ
ପାଠ ପଢ଼ିଲାବେଳକୁ
ମହାନଦୀ, କାଠଯୋଡ଼ିରେ
ଅନେକ ସ୍ରୋତ ବହିସାରିଥାଏ,
କେତେ ଦୂରରେ ରହିଯାନ୍ତି
ସାବରମତି, ସେବାଘର,
ଓ୍ୱର୍ଦ୍ଧା, ଅଳକାଶ୍ରମ ଓ ହିମାଳୟର
ପାଦଦେଶରେ ଅବସ୍ଥିତ ଆଶ୍ରମସବୁ।'

\+ + + + +

'ଯେଉଁ ପୃଷ୍ଠାରେ ଉତ୍କୀର୍ଣ୍ଣ
ଏକ ଦେଶର ବିଶାଳ ଅବୟବ
ତ୍ୟାଗ, ତପସ୍ୟା, ସାଧନା ଓ
ବିପ୍ଳବର ମଞ୍ଜୁଳମନ୍ତ୍ରୋଚାରଣ।'

'ଇତିହାସର ପ୍ରଥମ ପୃଷ୍ଠା' ଶୀର୍ଷକରେ ସମ୍ପାଦକୀୟ ସ୍ତମ୍ଭରେ ସୁନ୍ଦର କବିତାଟିଏ ରଖିଛନ୍ତି ମନୀଷାର ସମ୍ପାଦକ ବୈକୁଣ୍ଠନାଥ ସାହୁ।

୨୨୬ ପୃଷ୍ଠା ସମ୍ବଳିତ ଏହି ଶାରଦୀୟ ସଂଖ୍ୟା ୨୦୨୪ରେ କାଚ ଉଆସର ବାଦ୍ଶାହା: ଅମିତାଭ ଘୋଷଙ୍କ ଉପରେ ଅଭୟ ଦ୍ୱିବେଦୀ ଏକ ଉପାଦେୟ ଫିଚର ପ୍ରସ୍ତୁତ କରିଥିବାବେଳେ କବି ଡ. ହୃଷୀକେଶ ମଲ୍ଲିକ 'ଯହିଁରେ ଲେଖକ ସର୍ବଜ୍ଞ, ପାଠକ ଅଜ୍ଞ- ସେ ବହି ମୁଁ ଲେଖେନାହିଁ: ଗୀତା ମେହେଟ୍ଟା' ଶୀର୍ଷକରେ ଏକ ଆଲେଖ୍ୟ ସ୍ଥାନ ପାଇଛି। ନୋବେଲ ସାହିତ୍ୟ କ୍ରମରେ ଯାଯାବରଙ୍କ 'ଶରଣାର୍ଥୀର ସାହିତ୍ୟ ମାନବତାର ତଥ୍ୟ ଚିତ୍ର ଅବଦୁଲ୍ ରଜକ ଗୁରନାହ', ଜିତେନ୍ଦ୍ର କୁମାର ନାୟକଙ୍କ 'ସ୍ୱାଧୀନତାର ନିର୍ଭୀକ ସ୍ୱର : ନର୍ଗିସ ମହମ୍ମଦି'ଙ୍କ ଉପରେ ଲେଖିଛନ୍ତି। ମୋ ଜୀବନ ମୋ ସାହିତ୍ୟ ଶୀର୍ଷକରେ ଦାସ ବେନହୁରଙ୍କ 'ବିଭୋର ଭାବ ମୋ ସାହିତ୍ୟ', ଦାମୋଦର ତ୍ରିପାଠୀଙ୍କ 'କିଛି କ୍ଷଣ', ଗୌର ପଟ୍ଟନାୟକଙ୍କ 'ସ୍ମୃତିରୁ କିଛି', ସ୍ୱଦେଶ ସୁନ୍ଦର ପଟ୍ଟନାୟକଙ୍କ 'ଶବ୍ଦ ମାନଙ୍କ ଲୁଚକାଳି ଖେଳ', ଡ. ବିନୋଦିନୀ ପାତ୍ରଙ୍କ 'ଗୋଟିଏ ଆତ୍ମମଗ୍ନା ଲେଖିକାର ଜୀବନ ମୋର', ଡ. ପ୍ରବୀଣା ମହାନ୍ତିଙ୍କର 'ମୋ ସୃଜନ ମୋ ଜୀବନ' ସ୍ଥାନିତ ହୋଇଛି। ସ୍ମୃତି ଚିନ୍ତନରେ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ, ସ୍ୱୟଂପ୍ରଭା ରଥ, ହଂସନାଳ ମୁଦୁଲି ଓ ଡକ୍ଟର ରମେଶ ଚନ୍ଦ୍ର ପାଣିଙ୍କର ଭାବଗର୍ଭକ ଲେଖା ସ୍ଥାନିତ ହୋଇଛି। ପ୍ରବନ୍ଧ ଆଲୋଚନାରେ ଡ. ବାବାଜୀ ପଟ୍ଟନାୟକ, ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ଡ. ଦିଗମ୍ବର ଗିରି, ଡ. ସରୋଜିନୀ ଷଡ଼ଙ୍ଗୀ, ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ, ରାଜୀବ ପାଣି ପ୍ରମୁଖଙ୍କ ପ୍ରବନ୍ଧ ସ୍ଥାନ ପାଇଥିବାବେଳେ ଆତ୍ମସ୍ମୃତି ସ୍ତମ୍ଭରେ ଶାନ୍ତନୁ ରଥ, ରଘୁନାଥ ମିଶ୍ର, ଗୁରୁକଲ୍ୟାଣ ମହାପାତ୍ର, ରୀତା ଅପରାଜିତା ମହାନ୍ତି, ଦୁର୍ଯ୍ୟୋଧନ ସାମଲଙ୍କ ଲେଖା ସ୍ଥାନ ପାଇଛି।

ପୀତବାସ ରାଉତରାୟଙ୍କ ଗୋଟିଏ ଏକାଙ୍କିକା ସ୍ଥାନ ପାଇଥିବାବେଳେ କଥା କାହାଣୀରେ ନକୁଳ ଚନ୍ଦ୍ର ସାହୁ, ଅଧ୍ୟାପକ ବିଶ୍ୱରଂଜନ, ବିରଜା ନାୟକ, ପ୍ରଦୀପ ନାୟକ, ରବି ପଣ୍ଡା, କବିତା ବାରିକ, ରୁମଝୁମ ନାୟକ ପ୍ରମୁଖଙ୍କ ଗଳ୍ପ ସ୍ଥାନିତ ହୋଇଛି। କବିତାରେ ଡ. ରବିନାରାୟଣ ସେନାପତି, ଆଶୁତୋଷ ପରିଡ଼ା, ଅମ୍ଳେଶ ବିଶ୍ୱାଳ, ରକ୍ଷକ ନାୟକ, ଡ. ଦେବାଶିଷ ପାତ୍ର, ଡ. ଶ୍ରୀହରୀ ଧଳ, ରତ୍ନାକର ରାଉତ, ହୃଦାନନ୍ଦ ପାଣିଗ୍ରାହୀ, ନିରାକାର ଦାସ, ସୁରେନ୍ଦ୍ର ପାଣିଗ୍ରାହୀ, ମାତୃପ୍ରସାଦ ଶତ୍ରୁଜିତ୍, ସୁଷମା ମିଶ୍ର, ନିରୂପମା ରାୟ, ସୌଦାମିନୀ ବେହେରା, ମମତା ପଟ୍ଟନାୟକ, ସରୋଜିନୀ ମିଶ୍ର, ଅଙ୍ଗୁରବାଳା ପରିଡ଼ା, ମାଧୁରୀ ନନ୍ଦ, ଡ. ଜୟନ୍ତୀ ରଥ, ସଦାଶିବ ଦାସ, ସଚ୍ଚିଦାନନ୍ଦ ମିଶ୍ର, ରବି ଶତପଥୀ, ପ୍ରମୋଦ ମଲ୍ଲିକ, ଚମକଚାନ୍ଦିନୀ ଦାସ, ଇପସିତା ଷଡ଼ଙ୍ଗୀ, ଅଜୟ କୁମାର ସାହୁ, ଗଗନ ବିହାରୀ ସାହୁ, ସଂଜୟ ମିଶ୍ର, ପ୍ରସନ୍ନ କୁମାର ସ୍ୱାଇଁ, ନରେଶ ମଣ୍ଡଳ, ମନୋରମା ବିଶ୍ୱାଳ ମହାପାତ୍ର, ସ୍ୱୟଂପ୍ରଭା ରଥ, ବିପ୍ଳବ, ପ୍ରଦୀପ ବିଶ୍ୱାଳ, ପ୍ରବୀର ମହାନ୍ତି, ସୁଧାକର ମହାନ୍ତିଙ୍କର କବିତା ପ୍ରକାଶ ପାଇଛି।

ବହି ବିଚାରରେ ରବି ଶତପଥୀଙ୍କ 'ଅବୁଝା ପକ୍ଷୀର ଗୀତ'ବହିର ସୁନ୍ଦର ସମୀକ୍ଷା କରିଛନ୍ତି ହୃଷିକେଶ ପୃଷ୍ଟି, ଶେଷ ସ୍ମୃତିରେ 'ନିଜସ୍ୱ ଶୈଳୀ ଓ ନିଆରା ଶବ୍ଦ ପ୍ରୟୋଗଶାଳାରେ ପ୍ରଫେସର କେଶବ ରାଉତରାୟ' ଶୀର୍ଷକରେ ଅଧ୍ୟାପକ ବିଜୟ ଓଝା କେଶବ ରାଉତଙ୍କ ସାହିତ୍ୟକୃତି ଉପରେ ଉପାଦେୟ ଆଲୋଚନା କରିଛନ୍ତି। ବିଳମ୍ବରେ ପ୍ରକାଶ ପାଇଲେ ମଧ୍ୟ 'ମନୀଷା'ର ଶାରଦୀୟ ସଂଖ୍ୟାଟି ନିଶ୍ଚିତ ଭାବରେ ପାଠକାଦୃତ ହେବ ଏଥିରେ ସନ୍ଦେହ ନାହିଁ। ସୁନ୍ଦର କାଗଜ ଓ ଅଳଙ୍କରଣ, ସୁନ୍ଦର ପ୍ରଚ୍ଛଦ ପରିକଳ୍ପନା ପତ୍ରିକାର ମର୍ଯ୍ୟାଦା ବଜାୟ ରଖିଛି। ଏ/୪ ସାଇଜର ଏହି ପତ୍ରିକାଟିର ମୂଲ୍ୟ ୧୬୦ଟଙ୍କା ରଖାଯାଇଛି।

♥ ସମୀକ୍ଷା:
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

## ଚେତନାର ଦର୍ପଣ - ୫୩
# ଚିନ୍ତା ଓ ଚିନ୍ତନ



♥ ଲଳିତ ମୋହନ ମିଶ୍ର

ଭାରତୀୟ ଦର୍ଶନ ପରମ୍ପରାରେ ଚିନ୍ତାକୁ ଚିତା ଏବଂ ଚିନ୍ତନକୁ ଗଙ୍ଗା ସମାନ ବର୍ଣ୍ଣନା କରାଯାଇଅଛି । ଚିନ୍ତାରେ ମନ ବାହ୍ୟ ପରିସ୍ଥିତିର ନକାରାତ୍ମକ ଭାବକୁ ନେଇ ଆମର କ୍ଷତି ପହଞ୍ଚାଇଥାଏ, କିନ୍ତୁ ଚିନ୍ତନ ଆମକୁ ସକାରାତ୍ମକ ବିଚାର ଓ ସମାଧାନ ଦିଗରେ ଆଗେଇ ନେଇ ନକାରାତ୍ମକ ଭାବକୁ ଦୂର କରିଥାଏ । ଯେମିତି ଗଙ୍ଗାର ପବିତ୍ର ଜଳ ମନକୁ ଶୁଦ୍ଧ ଓ ପବିତ୍ର କରିଥାଏ, ଠିକ୍ ସେହିପରି ସାର୍ଥକ ଚିନ୍ତନ ଦ୍ୱାରା ମନ ଓ ବୁଦ୍ଧି ଶୁଦ୍ଧ ହୋଇଥାଏ । ଏହା ଦ୍ୱାରା କଠିନ ସମସ୍ୟାର ମଧ୍ୟ ସହଜ ସମାଧାନ ହୋଇଥାଏ । ମାତା ସୀତାଙ୍କୁ ଖୋଜିବା ପାଇଁ ବହୁ ଦୂର ଯାଇଥିବା ବାନର ଦଳ ଯେତେବେଳେ କିଛି ଚିନ୍ତା କରି ପାରିଲେ ନାହିଁ, ସେତେବେଳେ ବିବେକଶୀଳ ଜାମ୍ବବନ୍ତ ଚିନ୍ତନ କଲେ । ସେ ହନୁମାନଙ୍କୁ ତାଙ୍କର ଶକ୍ତି ବିଷୟରେ ମନେ ପକାଇଦେଲେ । ଏଥିରେ ପ୍ରେରିତ ହୋଇ ହନୁମାନ... ନିଜ ଶକ୍ତିର ଉପଲବ୍ଧି ଦ୍ୱାରା ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିଥିଲେ । ଚିନ୍ତନ ଦ୍ୱାରା ବଡ ବଡ ସମସ୍ୟାର ସମାଧାନ ହୋଇପାରିବ । ଚିନ୍ତନ ପାଇଁ ଆବଶ୍ୟକ, ଆମର ସ୍ଥିର ବୁଦ୍ଧି । ଶାନ୍ତ ଓ ପରିପକ୍ୱ ମସ୍ତିଷ୍କ ଦ୍ୱାରା ସମସ୍ୟାକୁ ଚିହ୍ନିତ କରିବା ଏବଂ ତାକୁ ଆତ୍ମଜ୍ଞାନ ଦ୍ୱାରା ଦୂର କରିବାକୁ ପ୍ରୟାସ କରିବା ମୂଖ୍ୟ ଉଦ୍ଦେଶ୍ୟ । ଯେତେବେଳେ ଆମେ ସମସ୍ୟାକୁ ବିବେକସମ୍ମତ ବିଚାର କରିଥାଉ, ସେତେବେଳେ ସମାଧାନ ପନ୍ଥା ସହଜ ହୋଇଯାଏ । ଜୀବନରେ ଅନେକ ସମସ୍ୟା ଭୟଙ୍କର ମନେ ହୁଏ, କିନ୍ତୁ ଯଦି ସେହି ସମସ୍ୟା ଗୁଡ଼ିକୁ ପ୍ରଶାନ୍ତ ମନରେ ବିଚାର କରାଯାଏ, ତେବେ ତାହାର ସମାଧାନ ଅତି ସହଜ ହୋଇଯାଏ । ଚିନ୍ତନର ନିରନ୍ତର ଅଭ୍ୟାସ ଦ୍ୱାରା , ଆମେ ଅନୁଭବ କରିଥାଉ ଯେ ଯାହାକୁ ଆମେ ଏକ ବଡ଼ ସମସ୍ୟା ବୋଲି ବିବେଚନା କରୁଥିଲୁ ତାହା ଏକ ଛୋଟିଆ ପ୍ରତିବନ୍ଧକ । ଚିନ୍ତନ ପ୍ରକ୍ରିୟା କେବଳ ଜଟିଳ ସମସ୍ୟାର ସମାଧାନ କରେ ନାହିଁ, ବରଂ ତିହା ଆମର ଆତ୍ମବୋଧ ଆତ୍ମସଚେତନତା ଏବଂ ଆତ୍ମବିଶ୍ୱାସ ଗୁଣକୁ ବଢ଼ାଇଥାଏ । ଚିନ୍ତନ ମନୁଷ୍ୟ ଜୀବନକୁ ସକାରାତ୍ମକ ଦିଶା ଦେବା ପାଇଁ ଏକ ପ୍ରଭାବଶାଳୀ ମାଧ୍ୟମ । ସେ ଆମକୁ ଶିକ୍ଷା ଦେଇଥାଏ ଯେ ପ୍ରତ୍ୟେକ ସମସ୍ୟାର ସମାଧାନ ହୋଇପାରିବ, କିନ୍ତୁ ଏହାକୁ କେବଳ ଶାନ୍ତ ମସ୍ତିଷ୍କ ଏବଂ ସ୍ଥିର ମନରେ ବିଚାର କରିବା ଆବଶ୍ୟକ ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# ବସୁଧୈବ କୁଟୁମ୍ବକମ୍...

## ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ



ପରିବାର, ମନୁଷ୍ୟର ଦେହ, ଗୃହ ଓ କୁଟୁମ୍ବରେ ଆସକ୍ତି ଚିନ୍ତନକୁ ନେଇ ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ରହିଛି - 'ଦେହ କଳତ୍ର ସୁତ ଘର, ପଶୁ ଇତ୍ୟାଦି ବନ୍ଧୁ ମୋର। ମନକୁ ଏଣେ ଦୃଢ଼ କରେ, ସୁଖ ମଣଇ ଦୁଃଖ ଘୋରେ। ମଣଇ କୃତାର୍ଥ ହୋଇଲି, ଅନେକ ସୁଖ ମୁଁ ପାଇଲି। ମୋ ତୁଲ୍ୟ ନାହିଁ ଭାଗ୍ୟବନ୍ତ, କେ ଅଛି ମୋ ସମ ମହତ। ତହିଁରେ ଯେତେ ଦୁଃଖ ହୁଏ, ନ ବୁଝେ ପଡ଼ି ମାୟାମୋହେ।' ଉଦାର ଚିତ୍ତ ବ୍ୟକ୍ତି ନିମିତ୍ତ ଏ ସମ୍ପୂର୍ଣ୍ଣ ପୃଥିବୀ ଗୋଟିଏ କୁଟୁମ୍ବ ସଦୃଶ । ଉଦାର ବ୍ୟକ୍ତି ମୋର, ତୋର ବୋଲି କହି ନଥାନ୍ତି । ତାଙ୍କର ଜୀବନ ପର ସେବାରେ ନିୟୋଜିତ ରହେ । ଯେପରି ବୃକ୍ଷରେ ଫଳ ଆସିଲେ ନଇଁ ପଡ଼େ ତାହା ଅନ୍ୟର ସ୍ୱାର୍ଥରେ ଲାଗିଥାଏ, ଉଦାରବ୍ୟକ୍ତି କେବଳ ଅନ୍ୟର କଲ୍ୟାଣ ନିମିତ୍ତ ଚେଷ୍ଟାକରନ୍ତି । ସାଧୁ ମହାମାନବ ଏବଂ ସଜ୍ଜନ ଗଣ ବୃକ୍ଷ ସଦୃଶ । ବୃକ୍ଷ ନିଜେ ବହୁ କଷ୍ଟ ସ୍ୱୀକାରକରି ଫଳ ଧରେ ସେହି ଫଳକୁ ନିଜେ ଖାଏନା, ଅନ୍ୟକୁ ଦିଏ । ସେମିତି ଉଦାର ବ୍ୟକ୍ତିମାନେ ନିଜେ କଷ୍ଟ ସହି ଅନ୍ୟର ଉପକାର କରିଥାନ୍ତି । ଯେପରି ଫଳିଥିବା ବୃକ୍ଷକୁ ପଥର ଫିଙ୍ଗିଲେ ସେ ପଥର ମାଡ ସହି ମଧ ଫଳଦାନ କରିଥାଏ, ହିଂସାର ଉତ୍ତର ହିଂସା ନୁହେଁ କ୍ଷମା । ପରାର୍ଥେ ପ୍ରାଜ୍ଞ ପ୍ରାଣ ଉତ୍ସୃଜେତ୍ । କ୍ଷମା ହେଉଛି ମହତ୍ ଲୋକର ଲକ୍ଷଣ । କ୍ଷମା ଅର୍ଥ ଦୁର୍ବଳତା ବା ଭୀରୁତା ନୁହେଁ, କ୍ଷମାର ଅର୍ଥ ଉଦାରତା ଏବଂ ସହିଷ୍ଣୁତା । ଉଦାର ମନୁଷ୍ୟ ନିମିତ୍ତ ଧନ, ବୀର ପୁରୁଷଙ୍କ ନିମିତ୍ତ ମୃତ୍ୟୁ, ବିରକ୍ତଙ୍କ ନିମିତ୍ତ ସ୍ତ୍ରୀ ଓ ନିସ୍ପୃହଙ୍କ ନିମିତ୍ତ ସଂସାର ତୃଣ ସମାନ ବୋଧ ହୁଏ । ଅର୍ଥାତ୍ ଅତି ତୁଚ୍ଛ ଅଟେ । ଉଦାର ବ୍ୟକ୍ତି ପରର ନିନ୍ଦାକୁ ମୂକ, ପରଦୋଷ ଦେଖିବାରେ ଅନ୍ଧ, ଚୁଗୁଲି କରିବାରେ ବଧିର ଭଳି ହୋଇଥାଆନ୍ତି । ପରନିନ୍ଦା କରିବା ଅର୍ଥ ପରର ଦୋଷକୁ କୁଢ଼ାଇ ଆଣି ନିଜେ କଳଙ୍କିତ ହେବା। ଚନ୍ଦନ ବୃକ୍ଷକୁ କୁରାଢ଼ିରେ କାଟିଲେ ଯେପିର କାଟିବା ଯନ୍ତ୍ରକୁ ସେ ବାସ ବିତରଣ କରେ ବରଂ ବାରଣ କରେ ନାହିଁ ଯେ ମୋତେ କାଟିଛି ୟାକୁ ବାସ୍ନା ଦେବି ନାହିଁ, ସେହିପରି ଉଦାର ବ୍ୟକ୍ତିର ଅହିତ କରୁଥିବା ଲୋକକୁ କ୍ଷମାପ୍ରଦାନ କରନ୍ତି ଏବଂ ଭଲ ପାଇଥାଆନ୍ତି । ଯେପରି ଦାନବୀର କର୍ଣ୍ଣ ଜାଣିଥିଲେ କୁଣ୍ଡଳଟି ଚାଲିଗଲେ ମୃତ୍ୟୁ ସୁନିଶ୍ଚିତ ତଥାପି ନିଜର କୁଣ୍ଡଳକୁ, ଦାନ କରିଛନ୍ତି । ସେହିପରି ଶିବିରାଜା ଗୋଟିଏ ପକ୍ଷୀକୁ ବଞ୍ଚାଇବାକୁ ଯାଇ ନିଜର ମାଂସକୁ ମଧ୍ୟ ପ୍ରଦାନ କରିଥିଲେ । ଦେବତାମାନଙ୍କ ଦୁର୍ଦ୍ଦଶାକୁ ଦୂର କରିବାକୁ ଦଧିଚୀ ଋଷି ନିଜର ଶରୀରକୁ ତିଳ ତିଳ କରି କ୍ଷୟ କରିଥିଲେ ଏବଂ ନିଜର ଅସ୍ଥିକୁ ସମଗ୍ର ଜଗତ ପାଇଁ ଦାନ କରିଥିଲେ । ଯେଉଁ ଅସ୍ଥିରୁ ଜୀମୂତ ବାହନ ଇନ୍ଦ୍ରଙ୍କ ବଜ୍ରନିର୍ମିତ ହୋଇଥିଲା । ସାରା ସଂସାରରେ ମହାତ୍ମାଙ୍କ ନିକଟରେ କିଛି ଅଦେୟ ନଥାଏ । ବିଶ୍ୱାସ ପରି ଆଉ ସିଦ୍ଧି ନାହିଁ ଓ ଜ୍ଞାନ ପରି ଆଉ ଦୃଷ୍ଟି ନାହିଁ।

ଲୋଭୀ ଲୋକ ଧନଲୋଭରେ ପଡ଼ି ସମସ୍ତ ଧନ ସମ୍ପତ୍ତିକୁ ମାଟିରେ ପୋତି ଦେଇଥାଏ । ସେହି ଧନ ତା ନିଜ କାର୍ଯ୍ୟରେ ଲାଗେ ନାହିଁ କିମ୍ବା ଅନ୍ୟର ଉପକାରରେ ମଧ ଲାଗେନାହିଁ । କିନ୍ତୁ ଯିଏ ଦାତା, ଜୀବନରେ ଅନ୍ୟର ଉପକାର କରି ନିଃସ୍ୱ ହୋଇଯାଇଥାଏ । ତଥାପି ତା'ର ମନ ଅତି ଆନନ୍ଦିତ । କାରଣ ତାର ଧନ ଅନ୍ୟର ଉପକାରରେ ଲାଗିଲା । ସେ ଭାବେ ଦାତା ଏକ ରାମ ଔର ଭିକାରୀ ସାରେ ଦୁନିଆଁ । ସବକୋ ଦେତା ହୈ ଏକହି ଦାତା । ତେଣୁ ସେ ତା'ର ଧନକୁ ଦାନକରି ଆନନ୍ଦ ପାଇଥାଏ । ଆଜି ମନୁଷ୍ୟ ମଧରେ ସ୍ୱାର୍ଥପର ଶୈତାନ୍ ବସିଥିବାରୁ ସେ ହିଂସା, ଈର୍ଷା ଏବଂ ଅନ୍ୟର କ୍ଷତିକରିବାକୁ ପଶ୍ଚାତ୍‌ପଦ ହେଉନାହିଁ । ତା'ର ଯେତିକି ଆବଶ୍ୟକ ତା'ଠାରୁ ବହୁଗୁଣ ଅଧିକ ସମ୍ପତ୍ତି ଠୁଳ କରୁଛି । ପାପ ଅର୍ଜିତ ସେହି ସମ୍ପତ୍ତିକୁ ସୁରକ୍ଷା କରିବାକୁ ଯାଇ ସରକାର ହାତରେ ଧରାପଡୁଛି । କେତେ ନିନ୍ଦା, କେତେ କଳଙ୍କର ଟୀକା ତାକୁ ବହନ କରିବାକୁ ପଡୁଛି । ମଣିଷ ଭାବେ ସମ୍ପତ୍ତି ନେଇ ସେ ସୁଖି ହେବ କିନ୍ତୁ ଯେଉଁ ସମ୍ପତ୍ତିକୁ ସେ ସୁଖର କାରଣ ଭାବେ ତାହା ଦିନେ ଦୁଃଖର କାରଣ ହୋଇ ଠିଆହୁଏ । ସମ୍ପତ୍ତିକୁ ଠୁଳକରିଥିବା ମଣିଷଟି ନା ଶାନ୍ତିରେ ଶୋଇପାରେ ନା ଶାନ୍ତିରେ ଭୋଜନ କରିପାରେ । ମନଟି ତାର ସର୍ବଦା ଥାଏ ସମ୍ପତ୍ତି ପାଖରେ । ଯେତେବେଳେ ମନ ଈଶ୍ୱର ବା ସତ୍ ଚିନ୍ତନରୁ ଓହରିଯାଇ ବିଷୟରେ ଲାଗିଯାଏ ସେତେବେଳେ ଯାବତୀୟ ଅଶାନ୍ତି ଆସିଥାଏ । ମଣିଷର ଲୋଭ ପ୍ରବୃତ୍ତି ହିଁ ତା'ଅଶାନ୍ତିର ମୂଳକାରଣ ହୋଇଥାଏ । ଗୋଟାଏ ବଖରା ଘରକୁ ମଣିଷର ଆୟୁଷ ନାହିଁ ତଥାପି ସେ ଅନେକ ଘରତୋଳୁଛି । ସେତିକିରେ ଶାନ୍ତି ନରହି ଅଶାନ୍ତ ହୋଇ ଉଠୁଛି ଆହୁରି କିଛି ଜମି, ଜାଗା କିଣିବା ପାଇଁ । ବାସ୍ତବରେ ମଣିଷ ଭିତରେ ଉଦାର ପଣିଆଟିକକ ଲୋପ ପାଇଗଲେ ଏପରି ଅବସ୍ଥା ସୃଷ୍ଟି ହୋଇଥାଏ । ଜୀବନରେ ଯେତିକି ଆବଶ୍ୟକ ସେତିକିକୁ ନେଇ ଚଳିପାରିଲେ ଶାନ୍ତି ମିଳିବ । ଆମେ ଭାବନ୍ତି ବହୁ ସମ୍ପତ୍ତି ହେଲେ ଉପଭୋଗ କରିବାର ସୁବିଧା ମିଳିଯିବ । ଏହା କିନ୍ତୁ ପରମେଶ୍ୱର ସହନ୍ତିନାହିଁ । ଯେଉଁଲୋକ ଯେତିକି ସମ୍ପତ୍ତି ଠୁଳକରେ ସେ ସେତିକି ଦୁଃଖି ହୋଇଥାଏ । ଯେ ଯେତିକି ସ୍ୱାର୍ଥପର ହୋଇଥାଏ ସେ ସେତିକି ଯନ୍ତ୍ରଣା ଜର୍ଜରିତ ହୋଇଥାଏ । ସଂସାରରେ କାହାର ଦୁଃଖର କାରଣ ନହେଲେ କେହି ତୁମ ଦୁଃଖର କାରଣ ହେବନାହିଁ । ସେଥିପାଇଁ ଜିସସ୍ କହିଥିଲେ ସ୍ୱାର୍ଥପର ଶୈତାନ୍‌କୁ ତଡ଼ି, ପ୍ରେମମୟ ଭଗବାନଙ୍କୁ ହୃଦୟରେ ବସାଇବା ଉଚିତ । ସେହିପରି ଗୌରାଙ୍ଗ ଦେବ ନିଜେ ମାଡ଼ ଖାଇ ମଧ ଜଗାଇମାଧାଇଙ୍କୁ ପ୍ରେମମୟ ପ୍ରଭୁଙ୍କୁ ଦର୍ଶନ କରି ନିଜ ଜୀବନକୁ ପରାର୍ଥେ ଉତ୍ସର୍ଗୀକୃତ କରି ସମଗ୍ର ବିଶ୍ୱ ବାସୀଙ୍କୁ ନିଜର କୁଟୁମ୍ବ ବୋଲି ଭାବିଥାଆନ୍ତି ।

♥ ପ୍ଲଟ ନଂ : ୧୦୮୨/ଡ଼ି, ସେକ୍ଟର-୬, ସିଡ଼ିଏ, କଟକ,
ମୋ : ୯୮୬୧୩୫୫୬୨୮

## ॥ ସ୍ୱୀକାରୋକ୍ତି ॥

# ଯାହାର ଅନୁଭବ ଯେତେ ଗଭୀର ତା'ର କବିତା ସେତେ ଶାଣିତ...

## ବିପିନ ମହାନ୍ତି






ସବୁ ଅଭାବର ପରିଭାଷା କବିତା। ଐଶ୍ୱର୍ଯ୍ୟର ପ୍ରାଚୁର୍ଯ୍ୟ ଭିତରେ ଜୀବନ୍ତ କବିତାଟିଏ ଉଭୁରି ଆସିବା ଏତେ ସହଜ ନୁହେଁ। ଜୀବନର ନିଚ୍ଛକ ସତ୍ୟକୁ ନେଇ କବିତା ତା'ର ଶବ୍ଦ ସମ୍ଭାରକୁ ଅଜାଡ଼ି ଦିଏ । ଶବ୍ଦ କେତେବେଳେ ଅଝଟିଆ ଶିଶୁ ଭଳି ପାପୁଲିରେ ଘୁମେଇ ପଡ଼ିଛି ତ, କେତେବେଳେ ବେଗବତୀ ନଦୀ ଭଳି କୂଳ ଲଂଘି ଅମାନିଆ ହୋଇଛି। କେତେବେଳେ ମନୋଇ ପ୍ରେମିକା ସାଜି ଅଭିମାନରେ ମୁହଁ ଫେରେଇଛି ତ କେତେବେଳେ ନିରବ ସାଥୀଟିଏ ହୋଇ ମୋ' ସାଥିରେ ଲୁଚକାଳି ଖେଳିଛି। ସବୁବେଳେ ମୁଁ ତାକୁ ବୁଝେଇ ଶୁଝେଇ ମୋ' କବିତାରେ ସାଇତି ରଖିଛି। ଯାହାର ଅନୁଭବ ଯେତେ ଗଭୀର ତା'ର କବିତା ସେତେ ଶାଣିତ। କବିର ପାରିପାର୍ଶ୍ୱିକୁ ନେଇ କବିତା ପ୍ରଭାବିତ ହୋଇଥାଏ। ସେଥିପାଇଁ ମୁଁ ସବୁବେଳେ କହେ, ସୁସ୍ଥମନ ଓ ସକରାତ୍ମକ ଭାବନାଟିଏ ହିଁ ଭଲ କବିତା ଜନ୍ମଦେବାର ପ୍ରକୃଷ୍ଟ ସମୟ। କବି ତା'ର କର୍ତ୍ତବ୍ୟ ପ୍ରତି ଯଥେଷ୍ଟ ସଚେତନ। ତେଣୁ ସେ ସକରାତ୍ମକ କବିତାଟିଏ ଲେଖି ହୋଇଯିବାର ସମୟକୁ ଅପେକ୍ଷା କରିଥାଏ। ସେଇ ହେଉଛି କବିତା ଲେଖିବାର ବେଳ।

ଜୀବନର ଆଦ୍ୟ ସୋପାନରୁ ଅଭାବର କଷାଘାତରେ ତିଳତି ହୋଇ ଜଳି ଯାଉଥିବା ବେଳେ ବୁଝିନଥିଲି ଜୀବନର ସଂଜ୍ଞା କଣ ? ସଂଘର୍ଷ ନା ଯନ୍ତ୍ରଣା। ବାପାଙ୍କ ରୋଜଗାରର ହାତ ମିଳାଇବି ବୋଲି ପାଠ ପଢୁଥିବା ବୟସରେ ଭାରତୀୟ ବାୟୁସେନାର ଯୋଗଦେଲି। ଭାବିଲି ପରିବାରର ଗୁଜୁରାଣ ମେଣ୍ଟାଇବାରେ ମୋର କିଛି ସହଯୋଗ ରହିବ। ହେଲେ ଭଗବାନ ଏହା ଚାହୁନଥିଲେ। ବାପା ବି ବିମୁଖ ଥିଲେ। ଯେଉଁ କଅଁଳ ଆଖିରେ ସ୍ୱପ୍ନ ଦେଖିବାର ବେଳ ସେ ଆଖିରେ ଏବେ ରୋଜଗାର କରିବାର ଅନୁଚିନ୍ତା କେମିତି ବେସହଜ ଲାଗୁଥିଲା ତାଙ୍କୁ। ତାଙ୍କର ଅଲିଅଳ ଏକମାତ୍ର ପୁଅ ଥିଲି ମୁଁ। ସାମରିକ ବାହିନୀରେ ଯୋଗଦାନ କରି ତାଙ୍କ ଆଖି ଆଗରୁ ଦୂରକୁ ଚାଲିଯାଇଥିବାରୁ ସେ ବୋଧେ ମନେମନେ ମନସ୍ତାପ କରୁଥିଲେ। ଆଉ ସେହି ଅଭିମାନରେ ମୋ ରୋଜଗାରର ସ୍ୱାଦ ଚାଖିବା ପୂର୍ବରୁ ଆରପାରିକୁ ଚାଲିଗଲେ ସେ। ସେତେବେଳେ ବୁଝି ନଥିଲି ଆରପାରିରୁ କେହି ଫେରନ୍ତି ନାହିଁ ବୋଲି। ଆରମ୍ଭ ହେଲା ମୋର ଜୀବନ ସଂଗ୍ରାମ। ବଂଚିବା ମରିବା ଉଭୟେ ମୋ ପାଇଁ ସମାନ। ବାତ୍ସଲ୍ୟ ମମତା ଅଜାଡ଼ି ଦେବାରେ ବୋଉ ବି କାର୍ପଣ୍ୟ କଲା। ସେଇଦିନୁ ଏକା ଏକା ଚାଲୁଛି ଯେ ଚାଲୁଛି। ଥକ୍କି ପଡ଼ିନାହିଁ କି ରାସ୍ତା ସରିନାହିଁ...

ଆକାଶଚୁମ୍ବୀ ସ୍ୱପ୍ନମାନେ ମୋର ସବୁ ମାଟିମନସ୍କ ହେଲେ। ମାଟିକୁ, ପାଣିକୁ, ପବନକୁ ଭଲ ପାଇବସିଲି। ପ୍ରେମ କରିବାର ବୟସରେ କର୍ତ୍ତବ୍ୟର ତାଡ଼ନାରେ ନିଷ୍ପେସିତ ମୋର ପ୍ରତିଟି ମୁହୂର୍ତ୍ତ ବିଳପି ଉଠୁଥିଲା ଟିକିଏ ସ୍ନେହପାଇଁ, ଟିକିଏ ମମତା ପାଇଁ, ଟିକିଏ ପ୍ରେମପାଇଁ, ହେଲେ ସବୁ ଆପଣାର ମୁହଁ ଫେରେଇ ନେଇଥିଲେ, ଏଇ ସ୍ନେହ କାଙ୍ଗାଳଟା ପାଖରୁ।

ଗୀତି କବିତାରୁ ଆପଣେଇ ନେଇଥିଲି; କାରଣ ଗୀତିକବିତା ହୃଦୟର ନିଭୃତ କକ୍ଷରୁ ଗୁଣ୍‌ଗୁଣେଇ ଥାଏ। 'ହଜାଇଛି ତୁମ ପ୍ରୀତିର ଠିକଣା' ଓ 'ଦୁଷ୍ଟ ପ୍ରଜାପତି'ର ପାଠକୀୟ ଆଦୃତି ମୋତେ କବିତା ଲେଖାରୁ ବିରାମ ଦେଇନାହିଁ। ସବୁ ନିଃସଙ୍ଗତା ମୋ ପାଇଁ କାବ୍ୟମୟ ହୋଇଯାଇଛି, ସବୁ ଯନ୍ତ୍ରଣା ମୋ ପାଇଁ ଫୁଲ ହୋଇ ଫୁଟିଛି। ଜୀବନକୁ ସହଜ ସରଳ କରି ଜିଇବାର କଳା ଆପଣେଇବା ତ ହେଉଛି କବିତା। କିଛି ଆଧୁନିକ କବିତା ଲେଖିଥିଲି ମାଟି, ପାଣି, ପବନ, ସ୍ନେହ, ପ୍ରେମର ଏକ ଫେଣ୍ଟାଫେଣ୍ଟି ଅନୁଭବକୁ ନେଇ। ବନ୍ଧୁ ଶୁଭେଚ୍ଛୁମାନଙ୍କର ଏକା ଜିଦ୍ ସେଗୁଡ଼ିକୁ ଗୋଟିଏ ସଙ୍କଳନ କରନ୍ତୁ। ଯାହାର ପ୍ରକାଶିତ ରୂପ ଏଇ 'ଅଫେରା ଅତୀତ'।

ବିଶ୍ୱାସର ମଜ୍‌ବୁତ୍ ଚଟାଣ ଉପରେ ସଂପର୍କ ତିଷ୍ଠି ରହେ। ସବୁ ଅଶାନ୍ତି ମଧ୍ୟରେ ଯିଏ ଶାନ୍ତି ଆସ୍ୱାଦନ କରେ ସବୁ ଦୁଃଖ ମଧ୍ୟରେ ଯିଏ ସୁଖକୁ ସାଉଁଟେ ସେ ହିଁ ତ କବି। ସନ୍ଦେହର ବିଷ ବଳୟ ଭିତରକୁ ମନ ପଶିଗଲେ ଖୀନ୍‌ଭିନ୍ ହୋଇଯାଏ ସଂପର୍କ। କାଚଠାରୁ ଆହୁରି ପରିଚ୍ଛନ୍ନ ସଂପର୍କର ସତ୍ତା। ମନ ମୁନ ଭାଙ୍ଗିଗଲେ ଆଉ କ'ଣ ଫେରିପାରେ ତା'ର ପୂର୍ବାବସ୍ଥା।

କେତେବେଳେ ମୋ ମନ ଗହୀରକୁ ଛୁଇଁ ପ୍ରେମ ଉଭେଇ ଯାଇଛି ତ କେତେବେଳେ ମୋ ହାତପାଆନ୍ତାରୁ ସଫଳତା ଦୂରେଇ ଯାଇଛି। ଏଇ ପ୍ରାପ୍ତି, ଅପ୍ରାପ୍ତି, ଆଲୋକ ଓ ଅନ୍ଧାରର ଲୁଚକାଳି ଖେଳ ଭିତରେ ମୁଁ ସାଉଁଟିଛି ଜୀବନ। ଭାଙ୍ଗି ପଡ଼ିନି କି ହତାଶାବୋଧ ଅନୁଭବ କରିନି। ଆଗେଇ ଚାଲିଛି ସୁଖର ସନ୍ଧାନରେ ନୁହେଁ, ଦୁଃଖର ସୀମା ମାପିବାରେ।

♥ଭିଙ୍ଗାରପୁର ଶାସନ, ବାଲିପାଟଣା,
ଖୋର୍ଦ୍ଧା-୭୫୨୧୦୨
ମୋ: ୯୮୬୧୧୪୪୯୯୧

## ଆଲୋଚନା
# ପୁସ୍ତକ ଜୀବନର ଏକ ଅଙ୍ଗ

## ନମିତା ପାଇକରାୟ





ଶୀତ ଦିନ ଆସିଲେ ପୁସ୍ତକ ମେଳା ଲାଗେ ପ୍ରାୟ ପ୍ରତ୍ୟେକ ଛୋଟ ବଡ ସହରରେ। ଲେଖକ, ପାଠକ, ପ୍ରକାଶକଙ୍କ ସହ ସର୍ବସାଧାରଣ ସମସ୍ତେ ଉତ୍ସୁକତାର ସହ ଚାହିଁ ବସିଥାନ୍ତି ଏହି ମେଳାକୁ । ମେଳା ଲାଗିଲା ପରେ ପ୍ରଥମ ଦିନରୁ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷଙ୍କ ଅନୁସନ୍ଧିତ୍ସୁ ଆଖି ଅନବରତ ଘୁରୁଥାଏ ସଜାସଜି ପୁସ୍ତକ ଉପରେ । ଯିଏ ଯେତେ ପୁସ୍ତକ କିଣି ନେଲା ପରେ ବି ତାଙ୍କର ଆଉ କିଛି ପୁସ୍ତକ କିଣା ବାକି ରହିଯାଏ । କୌଣସି ପାଠକ କେବେ ସମ୍ପୂର୍ଣ୍ଣ ତୃପ୍ତି ପାଇ ପାରେ ନାହିଁ ।

ମଣିଷକୁ ଚିରକାଳ ଚଳ ଚଞ୍ଚଳ କରି ରଖେ ପୁସ୍ତକ । ପଞ୍ଚଭୂତ, ପଞ୍ଚ ତତ୍ତ୍ୱ ପରି ପୁସ୍ତକ ମଣିଷ ଜୀବନ ପାଇଁ ଏକ ଅପରିହାର୍ଯ୍ୟ ବସ୍ତୁ । ପୁସ୍ତକ ବିନା ମଣିଷର ସ୍ଥିତି ନାହିଁ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଅକ୍ଷର ସହ ଓତଃପ୍ରୋତ ଭାବେ ଜଡିତ । ଜନ୍ମ ଠାରୁ ଅକ୍ଷର ଶିଖିବା ପର୍ଯ୍ୟନ୍ତ ଯେତେ ଶବ୍ଦ ତା କାନରେ ଶ୍ରୁତି ହୋଇ ସାଇତା ରହିଥାଏ, ଅକ୍ଷର ଶିଖିଲା ମାତ୍ରେ ସେ ତାର ଉପଯୋଗୀତା ବୁଝି ଶବ୍ଦକୁ ସଠିକ୍ ଜାଗାରେ ବ୍ୟବହାର କରି ଥାଏ । ମଣିଷର ଚିନ୍ତନ ଶକ୍ତି ତାକୁ ପଢିବା ଲେଖିବା ପାଇଁ ପ୍ରରୋଚିତ କରିଥାଏ । ମଣିଷ ଶିକ୍ଷା ମାଧ୍ୟମରେ ନିଜ ଜୀବନକୁ ଏକ ଉତ୍କୃଷ୍ଟ ଜୀବନ ଶୈଳୀ ମାଧ୍ୟମରେ ବ୍ୟତିତ କରିଥାଏ। ପୁସ୍ତକ ମଣିଷକୁ ଶିକ୍ଷିତ କରିବାସହ ଏକ ନିର୍ଣ୍ଣାୟକ ଦିଗ ଉନ୍ମୋଚନ କରେ। ଯେଉଁ ପଥରେ ଚାଲିବାକୁ ମଣିଷ ସଂକଳ୍ପ କରେ। ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ରୁଚି ପଥର ନିର୍ଦ୍ଧାରଣ ନିଜେ କରନ୍ତି, ପୁସ୍ତକ ଦ୍ୱାରା ପ୍ରେରିତ ଜ୍ଞାନ ମାଧ୍ୟମରେ । ଅନେକ ପୁସ୍ତକ ପଢିବା ଦ୍ୱାରା ପାଠକ ପ୍ରଭାବିତ ହୁଏ । ତାର ଅନ୍ତର୍ମନରେ ଚିନ୍ତନର ମନ୍ଥନ ହୁଏ । ସେ ଅନୁପ୍ରାଣିତ ହୋଇ ଅନୁପ୍ରେରିତ ହୁଏ, କିଛି ଲେଖିବାକୁ ବାଧ ହୁଏ। ଏମିତି ଲେଖା ହେଉ ହେଉ କେତେ କଣ ଲେଖା ହୋଇ ସାରିଛି । କେତେ ଲେଖକ ଲେଖିକାଙ୍କ ସୃଷ୍ଟି ହୋଇଛନ୍ତି, ଯାହାକୁ ଆମେ ପଢୁଛୁ। ଯେତେ ମଣିଷ ସେତେ ଭିନ୍ନ ଭିନ୍ନ ଚିନ୍ତନ । ସେ ସବୁକୁ ଅନବରତ ମଣିଷ ଲେଖି ଚାଲିଛି ଏବଂ ଚାଲିଥିବ ମଧ୍ୟ । ସମସ୍ତଙ୍କ ପାଖରେ ଚିନ୍ତନ ଶକ୍ତି ନଥାଏ, ତେଣୁ ଅନ୍ୟର ଚିନ୍ତନ ଦ୍ୱାରା ରଚିତ ପୁସ୍ତକ କୁ ଚିନ୍ତନ କରି ପାରୁ ନଥିବା ବ୍ୟକ୍ତି ପଠନ ଦ୍ୱାରା ଜ୍ଞାନ ପାଇଥାନ୍ତି । ଏହି ଜ୍ଞାନ ଦ୍ୱାରା ତାଙ୍କର ଜୀବନର ଉପଯୋଗୀତାକୁ ପରିପୂର୍ଣ୍ଣ କରିଥାନ୍ତି । ବିଭିନ୍ନ ଚିନ୍ତନ ଦ୍ୱାରା ବିଭିନ୍ନ ପ୍ରକାର ପୁସ୍ତକ ରଚନା କରାଯାଇଥାଏ । ପାଠକ ପାଠିକା ନିଜ ନିଜ ରୁଚି ଅନୁସାରେ ପୁସ୍ତକ ଚୟନ କରିଥାନ୍ତି । ଲେଖକ, ଲେଖିକାଙ୍କ ବୈଶିଷ୍ଟ୍ୟତାରୁ ପୁସ୍ତକର ମାନ ନିର୍ଦ୍ଧାରଣ କରିହୁଏନା, ଯେପର୍ଯ୍ୟନ୍ତ ପୁସ୍ତକ ପାଠ ନ କରାଯାଏ । ତେଣୁ ପୁସ୍ତକ ଟି ପ୍ରକାଶିତ ହେଲା ପରେ ପାଠକକ୍ଷଦୃତ ହେବା ପାଇଁ ଯଥେଷ୍ଟ ସମୟ ନିଏ।

ପାଠକ ପାଠିକା ପୁସ୍ତକ ମେଳାରୁ ନିଜ ରୁଚି ଅନୁସାରେ ପୁସ୍ତକ ଚୟନ କରି କ୍ରୟ କରିଥାନ୍ତି। ଆଧାତ୍ମିକ ପୁସ୍ତକ ସମସ୍ତଙ୍କ ଦ୍ୱାରା ଲେଖା ହେବା ସମ୍ଭବ ନୁହେଁ । ତାର ପାଠକ ପାଠିକା ବି ଭିନ୍ନ। ବିଜ୍ଞାନ ସମ୍ବନ୍ଧୀୟ ଲେଖା ବିଜ୍ଞାନ ବିଦ୍ୱାନଙ୍କ ଦ୍ୱାରା ଲେଖା ଯାଇଥାଏ, ତାର ପାଠକ ଭିନ୍ନ । ପ୍ରାୟତଃ ଅନୁସନ୍ଧିତ୍ସୁ ପାଠକ ପାଠିକା ଏଭଳି ପୁସ୍ତକ ପ୍ରତି ଆଗ୍ରହୀ ହୋଇଥାନ୍ତି । ପୁସ୍ତକ ମେଳାରେ ଠାଏ ଠାଏ ପ୍ରଜ୍ଞା ପୁରୁଷ ଓ ବିଦୁଷୀ ମାନଙ୍କର କୌଣସି ପୁସ୍ତକକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ହେଉଥାଏ। ପୁସ୍ତକଟି ଆଲୋଚନା ପରିସରକୁ ଆସି ପାଠକୀୟ ସ୍ୱୀକୃତି ଲାଭ କରେ । ପ୍ରବନ୍ଧ, ଲଳିତ ନିବନ୍ଧ, ତର୍କ ବିତର୍କ ବିକଶିତ ପୁସ୍ତକ ଯୁବ ପାଠକ ମାନଙ୍କ ପ୍ରିୟ, ସେମାନେ ପଢନ୍ତି ଓ ତର୍ଜମା କରନ୍ତି । ସେମାନଙ୍କ ମସ୍ତିଷ୍କ ଏଭଳି ପୁସ୍ତକ ଦ୍ୱାରା ସକ୍ରିୟ ଓ ତୀକ୍ଷ୍ଣ ହୋଇଥାଏ । ସର୍ବସାଧାରଣ ପାଠକ ପାଠିକା ମାନେ ଗଳ୍ପ, ଉପନ୍ୟାସ, ଲଘୁ କାହାଣୀ, ନାଟକ ପଢିବାକୁ ଭଲ ପାଆନ୍ତି । ସର୍ବସାଧାରଣ ମଣିଷ ମାନଙ୍କର ସମସ୍ୟା ପୂର୍ଣ୍ଣ ଜୀବନ । ମଣିଷ ସବୁବେଳେ ସହଜରେ ସମସ୍ୟା ସମାଧାନର ରାସ୍ତା ପାଇ ନଥାଏ। କେତେ କେତେ ଗଳ୍ପ ଉପନ୍ୟାସର କଥା ବସ୍ତୁ ମଣିଷର ଜୀବନ ପରିବର୍ତ୍ତନ କରିଦେଇଛି। ଗଳ୍ପ ଉପନ୍ୟାସ ମାଧ୍ୟମରେ କେତେ ସମସ୍ୟାର ସମାଧାନ ହୋଇଥାଏ । ଏମିତିକି କେତେ ମଣିଷ ଆସନ୍ନ ମୃତ୍ୟୁ ମୁଖରୁ ଫେରିଛନ୍ତି, ନୂତନ ପଥ ଅନୁସରଣ କରିଛନ୍ତି । ପୁସ୍ତକ ମଣିଷକୁ ବିକାର ଗ୍ରସ୍ତ ହେବାକୁ ଦିଏନାହିଁ । ଜୀବନର କେତେ ଜଣା ଅଜଣା କଥା ଗାଳ୍ପିକ ଔପନ୍ୟାସିକ ମାନେ ସର୍ବସାଧାରଣ ପାଠକ ପାଠିକା ମାନଙ୍କୁ ଅବଗତ କରାଇଛନ୍ତି ତାଙ୍କ ବହୁମୂଲ୍ୟ ସମୟ ବିନିମୟ କରି ଲେଖା ମାଧ୍ୟମରେ। ପୁସ୍ତକ ପାଠକ ପାଠିକାଙ୍କୁ ଭୂମିରୁ ଭୂମା ପର୍ଯ୍ୟନ୍ତ ମୁହୂର୍ତ୍ତକ ଭିତରେ ବିଚରଣ କରାଇବାରେ ସାମର୍ଥ୍ୟ ରଖେ । ମଣିଷର ଜିଜ୍ଞାସୁ ଦୃଷ୍ଟି କୋଣକୁ ପରିମାର୍ଜିତ କରି ଲୌକିକରୁ ପାରଲୌକିକ ପର୍ଯ୍ୟନ୍ତ ଦ୍ରଷ୍ଟା କରି ପାରେ ପୁସ୍ତକ। ଏଇ ପୁସ୍ତକ ମାଧ୍ୟମରେ ଶିକ୍ଷ୍ୟାର ପରିବ୍ୟାପ୍ତ ଘଟିଛି । ଏମିତି କୌଣସି ବିଷୟ ବା ବିଭାଗ ନାହିଁ ଯାହାର ପୁସ୍ତକ ନାହିଁ । ପ୍ରତ୍ୟେକ ବିଷୟରେ ମଣିଷ ପୁସ୍ତକ ମାଧ୍ୟମରେ ଉପଲବ୍ଧି କରେ । ପୃଥିବୀରେ ସଂଖ୍ୟାଧିକ ଭାଷାରେ ପୁସ୍ତକ ପ୍ରଚଳନ ହେଉଛି । ମଣିଷ ପ୍ରାଚୀନ କାଳରୁ ସଂଖ୍ୟାଧିକ ଭାଷା ଶିକ୍ଷା କରି ତାର ଜିଜ୍ଞାସୁ ଦୃଷ୍ଟିକୁ ସମୃଦ୍ଧ କରିଚାଲିଛି । ମଣିଷର ମୋହ ତାକୁ ଜିଜ୍ଞାସୁ କରାଏ । ମୋହବଶରୁ ମଣିଷ ଚେତନା ଅବଚେତନରେ ମଧ୍ୟ ଏକ ଭାବନା ର ବଳୟ ଭିତରେ ସଦାସର୍ବଦା ଘୁରୁଥାଏ । ସମ୍ବେଦନଶୀଳ ମଣିଷର ଭାବନା ଭିତରୁ ଝମ୍ କରି ଖସି ପଡି କିଛି ଶବ୍ଦ କବିତା ପାଲଟି ଯାଏ । ପ୍ରତ୍ୟେକ ବ୍ୟକ୍ତି ଭିତରେ ଭାବନା ଉଦ୍ରେକ ହୁଏ । କିନ୍ତୁ ସମସ୍ତଙ୍କ ଭାବନାରେ କବିତାର ସ୍ଫୁରଣ ନଥାଏ । ଭାବନା ଓ ଶବ୍ଦର ସଙ୍ଗମ ଯେତେବେଳେ ହୁଏ, ମସ୍ତିଷ୍କ ଓ ହୃଦୟ ସମାନ୍ତରାଳ ରେଖାରୁ ଆସି ଗୋଟିଏ ବିନ୍ଦୁ ରେ ପହଞ୍ଚନ୍ତି, ସେଇଠି ସୃଷ୍ଟି ହୁଏ କବିତା । କବିତା ଏକ ସୂକ୍ଷ୍ମ କଳା ଶବ୍ଦର ଇନ୍ଦ୍ରଜାଲ । ମନ ମାନସପଟରୁ ଯାଇ ଅତି ମାନସରେ ପହଞ୍ଚି ଶବ୍ଦମୟ ହୁଏ । ଅଭିମନ୍ତ୍ରିତ ଶବ୍ଦ ସାଉଁଟି ଆଣି କବିତାକୁ ଭାବନାରେ ଭିଜାଇ ବିଭୂଷିତକ୍ଷ କରେ ଜୀବନ୍ୟାସ ଦିଏ । କବିତା ସହଜରେ ଲେଖା ଯାଇ ପାରେନା, କବିତା ତା ଇଚ୍ଛାରେ ଲେଖି ହୋଇଯାଏ । କବିତା ସମସ୍ତେ ଲେଖନ୍ତି ନାହିଁ କି ସମସ୍ତେ ପଢନ୍ତି ନାହିଁ । କବିତାକୁ ସହଜେ ସମସ୍ତେ ବୁଝିପାରନ୍ତି ନାହିଁ । ଜନ୍ମ ପୂର୍ବରୁ ଆଶୀର୍ବାଦ ପାଇ କବି ଟିଏ ଜନ୍ମହୋଇ ଥାଏ । କବି ବୁଝି ପାରେ ଅନ୍ୟ ମଣିଷ ମନର ମର୍ମ , ଭାବନା, ଯାତନା, ବେଦନା, ସମବେଦନା, ତେଣୁ ସେ ଶବ୍ଦ ଦେଇ ଶୁଖିଲା କାଗଜ ବକ୍ଷରେ ରୂପ, ରସ ,ଗନ୍ଧ ଭରି ଭାବନା ରେ କବିତା ସୃଷ୍ଟି କରିଥାଏ । କବିତା ଚିରକାଳ ନୂତନ, ସେ କୌଣସି କାଳ ଖଣ୍ଡରେ ବାନ୍ଧି ହୋଇ ରହେନା । ହଜାର ହଜାର ବର୍ଷ ବିତି ଗଲା ପରେ ବି ରାମାୟଣ ମହାକାବ୍ୟ ସୁନ୍ଦର ଓ ସତେଜ । ଅଜ୍ଞ ଠାରୁ ପ୍ରଜ୍ଞଙ୍କ ଯାଏ ସମସ୍ତେ ରାମାୟଣ ମହାକାବ୍ୟକୁ ଉପଲବ୍ଧି କରିପାରନ୍ତି । ପୁସ୍ତକ ରଚନା ରେ ନିମଗ୍ନ ଲେଖକ ଲେଖିକା ମାନେ ଏକ ଏକ କସ୍ତୁରୀ ମୃଗ । ତାଙ୍କ ରଚନା ଏକ ଏକ କସ୍ତୁରୀ । ସେମାନେ ଜୀବନ ଦର୍ଶନ ର ପ୍ରତ୍ୟକ୍ଷଦର୍ଶୀ କ୍ଷପୁସ୍ତକ ପଠନ ପ୍ରତ୍ୟେକ ମଣିଷଙ୍କ ପାଇଁ ନିତାନ୍ତ ଜରୁରୀ । ପୁସ୍ତକ ମଣିଷ ଙ୍କର ସବୁଠାରୁ ଦୁର୍ଲଭ ବସ୍ତୁ । ପୁସ୍ତକ ମାଧ୍ୟମରେ କୋଟି କୋଟି ମଣିଷଙ୍କର ଜୀବନାନୁଭୂତି ଲିପିବଦ୍ଧ ହୋଇ ଚାଲିଛି ଚାଲିଥିବ ମଧ୍ୟ। ପ୍ରଣାମ ପୁସ୍ତକ ।

> ପାଠକ ପାଠିକା ପୁସ୍ତକ ମେଳାରୁ ନିଜ ରୁଚି ଅନୁସାରେ ପୁସ୍ତକ ଚୟନ କରି କ୍ରୟ କରିଥାନ୍ତି। ଆଧାତ୍ମିକ ପୁସ୍ତକ ସମସ୍ତଙ୍କ ଦ୍ୱାରା ଲେଖା ହେବା ସମ୍ଭବ ନୁହେଁ । ତାର ପାଠକ ପାଠିକା ବି ଭିନ୍ନ। ବିଜ୍ଞାନ ସମ୍ବନ୍ଧୀୟ ଲେଖା ବିଜ୍ଞାନ ବିଦ୍ୱାନଙ୍କ ଦ୍ୱାରା ଲେଖା ଯାଇଥାଏ, ତାର ପାଠକ ଭିନ୍ନ । ପ୍ରାୟତଃ ଅନୁସନ୍ଧିତ୍ସୁ ପାଠକ ପାଠିକା ଏଭଳି ପୁସ୍ତକ ପ୍ରତି ଆଗ୍ରହୀ ହୋଇଥାନ୍ତି । ପୁସ୍ତକ ମେଳାରେ ଠାଏ ଠାଏ ପ୍ରଜ୍ଞା ପୁରୁଷ ଓ ବିଦୁଷୀ ମାନଙ୍କର କୌଣସି ପୁସ୍ତକକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ହେଉଥାଏ।

♥ ନିଳାଦ୍ରୀ ବିହାର
ଭୁବନେଶ୍ୱର
ମୋ : ୯୮୬୧୩୮୫୦୪୬

# ସୁଲଗ୍ନା କଲେଜର ୧୫ଶ ବାର୍ଷିକ ଉତ୍ସବ ପାଳିତ



ବାଲେଶ୍ୱର , ୨୧/୧୨ (ନି.ପ୍ର): ଶିକ୍ଷା ହିଁ ସମାଜର ମୁଖ୍ୟ ଅଙ୍ଗ। ଶିକ୍ଷା ମାନବ ସଭ୍ୟତାକୁ ଶୋଭନୀୟ ଏବଂ ଅର୍ଥପୂର୍ଣ୍ଣ କରିଥାଏ । ଶିକ୍ଷା ସହିତ ଜ୍ଞାନର ସମନ୍ୱୟ ଘଟିଲେ ମଣିଷ ଭିତରେ ମନୁଷ୍ୟତ୍ୱ ସୃଷ୍ଟି ହୁଏ। ସଫଳତା ଓ ବିଫଳତା ମଣିଷ ମନର ଭାବନାର ପାର୍ଥକ୍ୟ। ଜ୍ଞାନ ଓ କୌଶଳ ମଣିଷକୁ ଚାଲିବାର ମାର୍ଗ ଦେଖାଏ ଓ ସେଇ ମାର୍ଗାରେ ଚାଲିବାର ଆବଶ୍ୟକତା ପ୍ରତ୍ୟେକଙ୍କର ରହିଛି ବୋଲି ବାଲେଶ୍ୱର, ମଠସାହି, ସରିତାନଗର ସ୍ଥିତ ସୁଲଗ୍ନା ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସ ପକ୍ଷରୁ ସୁଲଗ୍ନା ପବ୍ଲିକ ସ୍କୁଲ ଏବଂ ସୁଲଗ୍ନା କଲେଜ ଆନୁକୂଲ୍ୟରେ ଅନୁଷ୍ଠିତ ଏହାର ପଞ୍ଚଦଶ ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଓଡିଶା, ପୋଲିସ ମହା ନିର୍ଦ୍ଦେଶକ, ଅଗ୍ନିଶମ ଡ଼ ସୁଧାଂଶୁ ଷଡ଼ଙ୍ଗୀ, ଆଇ ପି ଏସ ମତବ୍ୟକ୍ତ କରିଥିଲେ । ସୁଲଗ୍ନା ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ପ୍ରତିଷ୍ଠାତା ଚେୟାରମ୍ୟାନ ଡ଼ ଘନଶ୍ୟାମ ବିଶ୍ୱାଳ ଏହି କାର୍ଯ୍ୟକ୍ରମରେ ପୌରାହିତ୍ୟ କରିବା ସହ ଏହି ଶିକ୍ଷାୟତନ ନିର୍ମାଣ ପଥରେ ସାଉଁଟିଥିବା ଅନୁଭବ ଓ ଅଭିଜ୍ଞତା ବ୍ୟକ୍ତ କରିଥିଲେ ଓ ଯାହା ଦିନେ ତାଙ୍କର ଐକିକ ଅଭିଳାଷ ଥିଲା ତାହା ଆଜି ଅନେକଙ୍କର ଶୁଭେଚ୍ଛା, ସାମୂହିକ ସାଧନା ଏବଂ ସଂକଳ୍ପମୟ ଯାତ୍ରାକୁ ନେଇ ଆଗେଇ ଚାଲିଛି ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଉଦଘାଟକ ଭାବେ ଓଡିଶା ସରକାର ଙ୍କ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଯୋଗ ଦେଇ ଆଜିର ଛାତ୍ରଛାତ୍ରୀଙ୍କୁ ବିଶ୍ୱ ସମୁଦାୟ ସହ ସମତୁଲ କରିବାକୁ ହେଲେ ମୂଳଦୁଆ ସ୍ତରରୁ ତାଙ୍କୁ ମଜଭୁତ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବରେ ବରିଷ୍ଠ କବି ପ୍ରଶାନ୍ତ ଦାସ ଯୋଗ ଦେଇ ଶିକ୍ଷା ଅବ୍ୟକ୍ତ ଜଗତ ସହ ବ୍ୟକ୍ତ ଜଗତକୁ ଯୋଡି ସମଗ୍ର ବ୍ରହ୍ମାଣ୍ଡକୁ ଶିକ୍ଷମୟ କରିପାରିଛି ବୋଲି ପ୍ରକାଶ କରିଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଓଡିଶା କ୍ଷୁଦ୍ର ମାଧ୍ୟମ ସଂଘର ରାଜ୍ୟ ସଭାପତି ତଥା ଦୈନିକ ଅପରାହ୍ନର ସମ୍ପାଦକ ବଂଶୀଧର ଜେନା, ସୁଲଗ୍ନା ଯୁକ୍ତ ତିନି କଲେଜର ପ୍ରିନ୍ସପାଲ ଡ଼ ଧରଣୀଧର ଘୋଷ, ସୁଲଗ୍ନା ଯୁକ୍ତ ଦୁଇ କଲେଜର ପ୍ରିନ୍ସିପାଲ ପ୍ର. ଚକ୍ରଧର ସାହୁ, ସୁଲଗ୍ନା ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ମଧୁସ୍ମିତା ଦାସ, ବିଶିଷ୍ଟ ଉଦ୍ୟଗପତି ମୌସମ କୁମାର ସିଂହ, ସୁବର୍ଣ୍ଣ ପୁର ଜିଲ୍ଲାର ସହକାରୀ ଜିଲ୍ଲାପାଳ କୃଷ୍ଣ ମୋହନ ସିଂହ ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ନୈତିକ ମୂଲ୍ୟବୋଧ ନେଇ ଜୀବନକୁ ଗଢିବାକୁ ଆହ୍ୱାନ ଦେଇଥିଲେ । ଚଳିତ ବର୍ଷ ପାଇଁ ସୁଲଗ୍ନା ଶିକ୍ଷା ଅନୁଷ୍ଠାନ ପକ୍ଷରୁ ଡ ଗୋପୀନାଥ ପରିଡା, ଶ୍ରୀଯୁକ୍ତ ଡ ଦୀପକ ଦାସ, ପୋଲିସ ଅଧିକାରୀ ଅଶୋକ କୁମାର ନାୟକ, ସମାଜସେବୀ ସୁମନ୍ତ ଜେନା, ସମାଜସେବୀ ସଂଜୀବ ପାଢ଼ୀଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସୁଲଗ୍ନା ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ପରିଚାଳନା ନିର୍ଦ୍ଦେଶିକା ସୋମା ବିଶ୍ୱାଳଙ୍କ ସମ୍ପାଦନାରେ ପ୍ରକାଶିତ ବାର୍ଷିକ ସ୍ମରଣିକା 'ସୁଲଗ୍ନା' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋବା ସହ ସୁଲଗ୍ନା ପବ୍ଲିକ ସ୍କୁଲ, ସୁଲଗ୍ନା ଯୁକ୍ତ ଦୁଇ ବିଜ୍ଞାନ କଲେଜ,ସୁଲଗ୍ନା ଯୁକ୍ତ ତିନି ବିଜ୍ଞାନ କଲେଜ ଏବଂ ସୁଲଗ୍ନା ନର୍ସିଂ ସ୍ନାତକ କଲେଜର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ବିଜ୍ଞାନ ମେଳା, କ୍ରୀଡା, ସାଧାରଣଜ୍ଞାନ, ବକ୍ତୃତା, ପ୍ରବନ୍ଧ ଲିଖନ ଇତ୍ୟାଦି ପ୍ରତିଯୋଗିତାରେ ବିଜେତା ଛାତ୍ରଛାତ୍ରୀଙ୍କୁ ଟ୍ରଫି, ମେଡ଼ାଲ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ଏବଂ ଷ୍ଟୁଡେଣ୍ଟ ଅଫ ଦ ଇୟର ଅଭିଷେକ ଭଞ୍ଜ, ମିଃ ସୁଲଗ୍ନା ଟାଇଟେଲ ଅରୋକ୍ଷିଶ ସାମଲ, ଓ ମିସ ସୁଲଗ୍ନା ବିଜୟିନୀ ଛାତ୍ରୀ ଜେ ଅଭିଲିପସାଙ୍କ ନାମ ଘୋଷିତ ହୋଇଥିଲା । ଏହାପରେ ଅଧ୍ୟାପକ ଶ୍ରୀ ଜେ ଏନ୍ ଙ୍କ ସଂଚଳନା ରେ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁଲଗ୍ନା ପବ୍ଲିକ ସ୍କୁଲ ଏବଂ ସୁଲଗ୍ନା କଲେଜର ଛାତ୍ର ଛାତ୍ରୀମାନେ ଚିତ୍ତାକର୍ଷକ ନୃତ୍ୟ, ସଂଗୀତ ଓ ଅଭିନୟ ପ୍ରଦର୍ଶନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଜୀବ ମିର୍ଧା, ରମେଶ ବିଶ୍ୱାଳ, ଶୁଭେନ୍ଦୁ ଦିଣ୍ଡା, ସୌମ୍ୟ ରଞ୍ଜନ ପାଣିଗ୍ରାହୀ, ଅଶୋକ କୁମାର ପରିଡା, ଜଗଦୀଶ ସିଂହ ପ୍ରମୁଖ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଯୋଗ କରିଥିଲେ।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ




ନୀଳଗିରି, ୨୧/୧୨ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବାଲେଶ୍ୱର ଜିଲ୍ଲାପରିଷଦ ବୈଠକ ନୀଳଗିରି ବନମାଳୀଭବନ ସଭାଗୃହରେ ଭାଗବତ ପ୍ରତିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ ମଞ୍ଚାସିନ ରହି ଭାରତବର୍ଷର ସାମ୍ପ୍ରତିକ ରାଜନୀତି, ପାର୍ଲ୍ୟାମେଣ୍ଟ ଭିତରେ ସାଧାରଣ ମଣିଷ ର ସ୍ୱାର୍ଥ ପାଇଁ ଦରଦାମ ବୃଦ୍ଧି ରୋକିବା, ବେକାରୀ ନିଯୁକ୍ତି ଦେବାର ଆଲୋଚନା ନକରି, ସମ୍ବିଧାନ ପ୍ରଣେତା ଡକ୍ଟର ଆମ୍ବେଦକରଙ୍କ ପ୍ରତି ଅମିତ ଶାହାଙ୍କ ଆଚରଣକୁ ସମାଧାନ ନକରି, ନାଟକୀୟ ଢଙ୍ଗରେ ଠେଲାପେଲାର ରୂପ ଦେଇ ସଂସଦକୁ ଅନିର୍ଦ୍ଧିଷ୍ଟକାଳ ବନ୍ଦ କରିଦେବା ଘଟଣା, ଗଣତନ୍ତ୍ର ପ୍ରତି ଘୋର ବିପଦ ବୋଲି ଜୟନ୍ତ ଦାସ ମତବ୍ୟକ୍ତ କରିଥିଲେ । ପରେ ସିପିଆଇର ଶତବାର୍ଷିକୀ ପାଳନ ବିଷୟରେ ଆଲୋଚନା ହୋଇଥିଲା ।ଏଥି ସହିତ ସମ୍ବିଧାନ ଉପରେ ସଙ୍କଟ ଓ ବିଜେପିର ଅଦାନୀ ଅମ୍ବାନୀ ତୋଷଣ ନୀତି ବିରୁଦ୍ଧରେ ଲଢ଼ିବା ସହିତ ବାଲେଶ୍ୱର ଜିଲ୍ଲାରେ ହାତୀ କରିଡର ନାମରେ ଜନ ବସତିକୁ ଇକୋ ସେନସିଟିଭି ଜୋନ ନକରିବା ପାଇଁ ଚାଲିଥିବା ଆନ୍ଦୋଳନକୁ ଶକ୍ତିଶାଳୀ କରିବା, ଏହି ଆନ୍ଦୋଳନ ସମୟରେ ସାମ୍ବାଦିକ ମାନଙ୍କ ପ୍ରତି ହୋଇଥିବା ୨୧ ଅକ୍ଟୋବର ଅସୌଜନ୍ୟ ବ୍ୟବହାର, ବିଧାନସଭାରେ ହୋଇଥିବା ଆଲୋଚନାକୁ ରାଜ୍ୟ ସମ୍ପାଦକ ସ୍ୱାଗତ ଜଣାଇଥିଲେ । ଏଥିସହ ବାତ୍ୟା ଦାନାରେ କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ପ୍ରଦାନ, ଚାଷୀର ଅମଳ ଧାନ ରାଜ୍ୟ ସରକାର କିଣିବାରେ ଅବହେଳା, ବାଲେଶ୍ୱର ଜିଲ୍ଲାରେ ଗଣଆନ୍ଦୋଳନ ତୋଳି ଧରିବାକୁ ଜିଲ୍ଲାପରିଷଦର ସଦସ୍ୟ ସଦସ୍ୟା ମାନଙ୍କୁ ପରାମର୍ଶ ଦେଇଥିଲେ । ଡିସେମ୍ବର ୨୬ରେ କମ୍ୟୁନିଷ୍ଟ ପାର୍ଟିର ୧୦୦ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ଚକ୍ର ନୀଳଗିରିରେ ହେବାକୁ ଥିବାବେଳେ, ବାଲେଶ୍ୱରର ବୁଦ୍ଧିଜୀବୀ ଧର୍ମନିରପେକ୍ଷ ସମାଜବାଦୀ ବ୍ୟକ୍ତି ବିଶେଷ କିପରି ଯୋଗଦାନ କରିବେ ଏହି ବୈଠକରେ ଆଲୋଚନା ହୋଇଥିଲା ।

# ସମ୍ବଲପୁର ଲୋକ ମହୋତ୍ସବ ସଫଳତା ନେଇ ଜିଲ୍ଲାପାଳଙ୍କ ସମୀକ୍ଷା

ସମ୍ବଲପୁର, ୨୧/୧୨ (ନି.ପ୍ର): ଆସନ୍ତା ଜାନୁଆରୀ ୪ ତାରିଖରୁ ଆୟୋଜିତ ହେବାକୁ ଥିବା ସମ୍ବଲପୁର ଲୋକ ମହୋତ୍ସବର ସଫଳତା ନେଇ ଶନିବାର ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମସ୍ତ ପ୍ରସ୍ତୁତି ପର୍ବର ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକରେ ସମସ୍ତ କମିଟି ନିଜ ନିଜର ବଜେଟ ଏବଂ କାର୍ଯ୍ୟକ୍ରମ ଆୟୋଜନର ଅଗ୍ରଗତି ସଂପର୍କରେ ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ। ବୈଠକରେ ଆସନ୍ତା ରବିବାର ଦିନ ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଉଦଘୋଷକ ଉଦଘୋଷିକା ଚୟନ ପ୍ରତିଯୋଗିତା ଆୟୋଜନ କରାଯିବା ନେଇ ଉଦଘୋଷକ କମିଟି ସୂଚନା ଦେଇଥିଲେ। ନୂତନ ଉଦଘୋଷକ ମାନଙ୍କୁ ସୁଯୋଗ ଦେବାପାଇଁ ଚେଷ୍ଟା କରାଯାଉଥିବା କମିଟି ପକ୍ଷରୁ କୁହାଯାଇଛି। ଆଗ୍ରହୀ ପ୍ରତିଯୋଗୀ ମାନଙ୍କୁ ଏହି ଚୟନ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି । ଏଥିରେ ଓଡ଼ିଆ, ଇଂରାଜୀ,ହୀନ୍ଦି ଭାଷା ସହ ସମ୍ବଲପୁରୀ କୁ ପ୍ରାଧାନ୍ୟ ଦିଆଯିବ। ସେହିପରି ଡିସେମ୍ବର ୨୫ ତାରିଖରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚିତ୍ର କର୍ମଶାଳା ଅନୁଷ୍ଠିତ ହେବା ନେଇ ବୈଠକରେ ସୂଚନା ଦିଆଯାଇଛି। ଏଥିରେ ସମସ୍ତ ସ୍କୁଲ ଏବଂ କଲେଜରେ ଛାତ୍ରୀଛାତ୍ରଙ୍କୁ ସାମିଲ ହେବାକୁ ଅନୁରୋଧ କରାଯାଇଛି । ଯେଉଁମାନେ ପ୍ରଦର୍ଶନୀ ପାଇଁ ଚିତ୍ର ଦେବାକୁ ଚାହୁଁଛନ୍ତି ସେମାନଙ୍କୁ ପ୍ରଦର୍ଶନୀ ଉପ କମିଟୀ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି । ଚଳିତ ବର୍ଷ ଲୋକ ମହୋତ୍ସବ ପ୍ରଦର୍ଶନୀ ରେ ରଙ୍ଗୋଲୀ ଏବଂ ଝୋଟି ମଧ ପ୍ରଦର୍ଶନ କରାଯିବ ବୋଲି ଜଣାପଡିଛି । ସେହିପରି ବିଭିନ୍ନ କମିଟି ନିଜର ଯୋଜନା ଉପସ୍ଥାପନ କରି ଆବଶ୍ୟକ ପରିବର୍ତ୍ତନ କରିବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ। ବୈଠକରେ ମହାନଗର ନିଗମ କମିଶନର ବେଦ ଭୂଷଣ, ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳ, ଉପଜିଲ୍ଲାପାଳ ଡ଼ ପୁଷ୍ପାଞ୍ଜଳି ପଣ୍ଡା, ଜିଲା କ୍ରୀଡା ଅଧିକାରୀ ସତ୍ୟ ନାରାୟଣ ତାଣ୍ଡି, ଲୋକ ମହୋତ୍ସବ୨୦୨୫ର ସଂଯୋଜକ ପ୍ରଫୁଲ୍ଲ ହୋତାଙ୍କ ସମେତ ସମସ୍ତ କମିଟି ର କର୍ମକର୍ତା ବୈଠକରେ ସାମିଲ ହୋଇଥିଲେ।

# ଭାରତରତ୍ନ ଚୌଧୁରୀ ଚରଣ ସିଂହ ପୁରସ୍କାର ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ/ଭୁବେନଶ୍ୱର, ୨୧/୧୨ (ନି.ପ୍ର): ଜଣେ ସଶକ୍ତ କୃଷକ ହିଁ ଏକ ଶକ୍ତିଶାଳୀ ରାଷ୍ଟ୍ର ଗଠନ କରିପାରିବ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଚୌଧୁରୀ ଚରଣ ସିଂହଙ୍କ ପ୍ରଦର୍ଶିତ ମାର୍ଗକୁ ଅନୁସରଣ କରି ମୋଦୀଙ୍କ ସରକାର କୃଷକଙ୍କ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶନିବାର ଏହି ମହାନ ଚାଷୀ ନେତା ଚୌଧୁରୀ ଚରଣ ସିଂହଙ୍କ ୧୨୨ତମ ଜୟନ୍ତୀର ଅବ୍ୟବହିତ ପୂର୍ବରୁ କିଷାନ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଏହି ପୁରସ୍କାର ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି ଯେ ସମାଜରେ ସନ୍ତୁଳନ, ସମାନତା ଓ ନ୍ୟାୟ ସୁନିଶ୍ଚିତ କରିବା ଉପରେ ଆଧାରିତ 'ଭାରତ ରତ୍ନ ଚୌଧୁରୀ ଚରଣ ସିଂହ ଜୀ'ଙ୍କ ମହାନ ମୂଲ୍ୟବୋଧ, ଭାବନା ଓ ଚିନ୍ତାଧାରାର ପ୍ରତୀକ ହେଉଛି ଏହି ପୁରସ୍କାର । କୃଷି ଆମ ଅର୍ଥନୀତିର ସବୁଠାରୁ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଚୌଧୁରୀ ଚରଣ ସିଂହ ଚାଷୀଙ୍କ ଆର୍ଥିକ ସ୍ୱାଧୀନତା ଏବଂ ଆତ୍ମନିର୍ଭର ସଂସ୍କାରର ମୂଳଦୁଆ ସ୍ଥାପନ କରିବାର ବଟବୃକ୍ଷ ଥିଲେ । ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବରେ ସେ ଭୂମି ସଂସ୍କାରରେ ସାଧାରଣ ଲୋକଙ୍କ ସୁବିଧା ପାଇଁ ହିନ୍ଦୀ ଭାଷାକୁ ପ୍ରାଥମିକତା ଦେଇଥିଲେ, ଯାହା ତାଙ୍କର ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ପ୍ରତିଫଳନ । ଆମର ସରକାର ରାଷ୍ଟ୍ରୀୟପଥ ଶିକ୍ଷା ନୀତି ଅଧୀନରେ ଭାରତୀୟ ଭାଷାରେ ଶିକ୍ଷା କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କୃଷି, ସାମାଜିକ କଲ୍ୟାଣ ଏବଂ ପତ୍ରକାରିତା କ୍ଷେତ୍ରରେ ଉତ୍କୃଷ୍ଟ ଯୋଗଦାନ ଦେଇଥିବା ଗଣମାନ୍ୟ ବ୍ୟକ୍ତିବିଶେଷଙ୍କୁ ଚୌଧୁରୀ ଚରଣ ସିଂହ ପୁରସ୍କାରରେ ସମ୍ମାନିତ କରିଥିଲେ । ଚୌଧୁରୀ ଚରଣ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ପରମ୍ପରାକୁ ଆଗକୁ ବଢ଼ାଇବା ପାଇଁ କିଷାନ ଟ୍ରଷ୍ଟ ସମେତ ସମସ୍ତ ପୁରସ୍କାର ବିଜେତାଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି ।

# ଛାତ୍ରଛାତ୍ରୀମାନଙ୍କ ପ୍ରତିଭା ମନ୍ଥନ ପ୍ରଦର୍ଶନ

ସମ୍ବଲପୁର, ୨୧/୧୨ (ନି.ପ୍ର): ଲିଟିଲ୍ ଷ୍ଟାର ପ୍ଲେ ହୋମ୍‌ର ରଜତ ଜୟନ୍ତୀ କାର୍ଯ୍ୟକ୍ରମ 'ମନ୍ଥନ' ଶନିବାର ତପସ୍ୱୀନୀ ପ୍ରେକ୍ଷାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ଼ ପ୍ରମୋଦ ରଥ ଶିଶୁମାନଙ୍କୁ ବିଭିନ୍ନ ଭାଷା ଶିକ୍ଷା ଦେବାସହ ମାତୃଭାଷା ସମ୍ବଲପୁରୀକୁ ମଧ୍ୟ କିଭଳି ଶିକ୍ଷା ଲାଭ କରିପାରିବେ ସେ ଦିଗରେ ପଦକ୍ଷେପ ନେବାକୁ ସ୍କୁଲ କର୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ନାଟ୍ୟକାର ବିପିନ ଦାସ ପ୍ଲେ ହୋମ୍‌ର ଦୀର୍ଘ ୨୫ ବର୍ଷର ଯାତ୍ରା ବିଷୟରେ ଅବଗତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଙ୍ଗାଧର ମେହେର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ସୁରୁବାବୁ ମେହେର କହିଥିଲେ ଯେ ଶିଶୁମାନଙ୍କ ଭିତିଭୂମି ଯେଭଳି ଭାବେ ଗଢ଼ାହେବ ସେମାନେ ଆଗକୁ ସମାଜ ପାଇଁ ସେଭଳି କାର୍ଯ୍ୟ କରିବେ। ସେହିପରି ଅନ୍ୟତମ ସମ୍ମାନିତ ଅତିଥି ସଂଜୀବ ପଣ୍ଡା ଶିଶୁମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ପ୍ଲେ ହୋମ୍‌ର ପଦକ୍ଷେପକୁ ପ୍ରଶଂସା କରିଥିଲେ। ପ୍ଲେ ହୋମ୍‌ର ଅଧକ୍ଷା ପୁଷ୍ପାଞ୍ଜଳି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ଉପାଧକ୍ଷା ବୀଜୟଲକ୍ଷ୍ମୀ ଶତପଥୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀ ଭାବେ ଅର୍ଣ୍ଣବୀ ନାୟକଙ୍କୁ ରିଙ୍ଗ ସିଲ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ଲେ ହୋମ୍‌ର ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ନେଇ ସଚେତନତା ବାର୍ତା ଦେଇଥିଲେ ଛୋଟ ଛୋଟ ଶିଶୁମାନେ। ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ନୃତ୍ୟ ଶିକ୍ଷକ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ସ୍ୱତନ୍ତ୍ର ଭାବେ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁକନ୍ୟା ଶୁଭଦର୍ଶୀନୀ ସାହୁ, ସିମରନ ସାହୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସବିତା ସାହୁ, ବୀଣାପାଣି ଷଡ଼ଙ୍ଗୀ, ସୋନାଲି ଦାସ, ସୁନୀତା ସାମଲ, ଅନୁପମା ପଟ୍ଟନାୟକ, ଲକ୍ଷ୍ମୀ ସେଟ୍ଟୀ ସହଯୋଗ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଅଯୋଗ୍ୟ ହିତାଧିକାରୀଙ୍କୁ ...

ସେ ଗ୍ୟାରେଣ୍ଟି ଦେଇପାରୁନାହାନ୍ତି ସରକାର । ଖୁବଶୀଘ୍ର ଯୋଗ୍ୟ ହିତାଧିକାରୀଙ୍କ ଭଳି ଅଯୋଗ୍ୟ ହିତାଧିକାରୀଙ୍କ ଏକ ତାଲିକା ପ୍ରକାଶ ହେବ । ଦ୍ୱିତୀୟ କିସ୍ତି ଟଙ୍କା ଦେବା ପୂର୍ବରୁ ଅଯୋଗ୍ୟ ହିତାଧିକାରୀଙ୍କୁ ନେଇ ଏଭଳି ଚରମ ନିଷ୍ପତ୍ତି ନିଆଯାଇପାରେ ବୋଲି ସଙ୍କେତ ଦେଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ପୁରୁଣା ବର୍ଷର ଦ୍ୱନ୍ଦ୍ୱ ନୂଆବର୍ଷରେ ତୁଟିବ । ନୂଆବର୍ଷରେ ମିଳିବ ସୁଭଦ୍ରାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା । ଓଟିପି ସମସ୍ୟା ପାଇଁ ସହାୟତା ପାଇନଥିବା ଯୋଗ୍ୟ ହିତାଧିକାରୀଙ୍କ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରିତ କରିବା ସହ ଜାନୁଆରୀରୁ ସୁଭଦ୍ରା ଟଙ୍କା ଦେବାକୁ ସରକାର ପ୍ରସ୍ତୁତିକୁ ଜୋରଦାର କରିଛନ୍ତି । ନୂଆ ସରକାରଙ୍କ ଫ୍ଲାଗସିପ୍ ଯୋଜନା ସାଜିଥିବା ସୁଭଦ୍ରା ଯେପରି ପ୍ରତିଟି ଗାଁରେ ପହଞ୍ଚିବ ସେଥିପାଇଁ ସରକାର ତତ୍ପର । ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ସୁଭଦ୍ରା ସହାୟତାରୁ ବଞ୍ଚିତ ନହେବେ ତାହାର ରୋଡମ୍ୟାପ ପ୍ରସ୍ତୁତ ହୋଇଛି । ନିଜେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏଥିପାଇଁ ବଣ୍ଡାଘାଟି ବୁଲି ସମୀକ୍ଷା କରିଛନ୍ତି ।

## ପୁଣି ଆସିବେ ଶାହ...

କଲେଜରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ବୁର୍ଲା ଭୀମସାର ଯିବେ । ସେଠାରେ ଭୀମସାର ସୁପର ସ୍ପେଶାଲିଷ୍ଟ ବିଲଡିଂକୁ ଉଦଘାଟନ କରିବେ । ଅନ୍ୟ କିଛି ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ତାଙ୍କର ଯୋଗଦେବେ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଏହି ଗସ୍ତ ସମୟରେ ଶ୍ରୀ ଶାହା ରାଜ୍ୟରେ ଦଳର ବିଧାୟକ,ସାଂସଦ ଓ ବରିଷ୍ଠ କର୍ମକର୍ତ୍ତାଙ୍କ ବୈଠକ ମଧ୍ୟ ଭେଟିବେ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ସର୍ବଭାରତୀୟ ପୁଲିସ ଡିଜି ସମ୍ମିଳନୀ ପାଇଁ ନଭେମ୍ବର ୨୯ରେ ଭୁବନେଶ୍ୱର ଆସି ୩ଦିନ ଓଡ଼ିଶାରେ ରହିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ସେହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଓଡ଼ିଶା ଆସି ୩ଦିନ ରହିଥିଲେ । ଆସନ୍ତା ଜାନୁୟାରୀ ୮ରୁ ପ୍ରବାସୀ ଭାରତୀୟ ଦିବସ ସମାରୋହ ପାଇଁ ପ୍ରଧାନମନ୍ତ୍ରୀ ମୋଦି ଭୁବନେଶ୍ୱର ଆସିବାର କାର୍ଯ୍ୟକ୍ରମ ରହିଛି । ପରେ ପୁଣିଥରେ ଜାନୁୟାରୀ ୨୮-୨୯ରେ ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ଯୋଗ ଦେବାକୁ ଓଡ଼ିଶା ଆସିବେ ।

## ଭିଜିଲାନ୍ସ ଜାଲରେ...

ଗଉଏରେ ଇଂରାଜୀ ପ୍ରଶ୍ନକୁ ଏଡ଼ାଇଲେ କି ଜାଡେଜା ? ବିବାଦ ସୃଷ୍ଟି କଲା ଅଷ୍ଟ୍ରେଲିଆ ମିଡିଆ ଶ୍ରୀ ଦେହୁରୀ ଲାଞ୍ଚ ମାଗୁଥିବା ନେଇ ସୁନୀଲ ମିଶ୍ର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସର ଯୋଜନା ପ୍ରକାରେ ଆଜି ସୁନୀଲ ମିଶ୍ର ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ଶ୍ରୀ ଦେହୁରୀଙ୍କୁ ୫ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଶ୍ରୀ ଦେହୁରୀ ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଲାଞ୍ଚ ନେଇ ଧରାପଡ଼ିବା ପରେ ଶ୍ରୀ ଦେହୁରୀଙ୍କ ତିନିଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ଏହି ଚଢ଼ାଉ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଛି।

## ଆଜିଠୁ କମିବ ବର୍ଷା: ଘନ...

ସହିତ ହାଲ୍‌କା ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଆଗାମୀ ୪୮ ଘଣ୍ଟା ଯାଏଁ ରାଜ୍ୟରେ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ବିଶେଷ କରି କେନ୍ଦୁଝର, ଝାରସୁଗୁଡ଼ା, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟ ଜିଲ୍ଲାର କିଛି କିଛି ସ୍ଥାନରେ ଘନ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଡିସେମ୍ବର ୨୧ ଅର୍ଥାତ୍ ଆଜି ରାତି, ଆସନ୍ତାକାଲି (ଡିସେମ୍ବର ୨୨) ସକାଳ ଓ ରାତି ଏବଂ ସୋମବାର (୨୩ ଡିସେମ୍ବର) ସକାଳେ ଏହି ୬ଟି ଜିଲ୍ଲାରେ ଘନ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାଗୁଡ଼ିକରେ ଘନ କୁହୁଡ଼ି ପଡ଼ିବାକୁ ଥିବା ସମୟରେ ଯେପରି କୌଣସି ପ୍ରକାର ଦୁର୍ଘଟଣା ଘଟିବ ନାହିଁ ସେଥିପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ପୁଲିସ ଓ ପରିବହନ ବିଭାଗ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର। ଭୁବନେଶ୍ୱର ସ୍ଥିତି ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି ଯେ ଶୀତ ଏବେ ବି ଅଛି। ଦିନର ତାପମାତ୍ରା ୪-୫ ଡିଗ୍ରୀ କମିଛି। ସେଥିପାଇଁ ବର୍ଷା ସହିତ ଶୀତ ହେଉଛି। କିନ୍ତୁ ରାତିର ସର୍ବନିମ୍ନ ତାପମାତ୍ରା ବହୁତ ବଢ଼ିଯାଇଛି। ରାତିର ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ୫/୬/୭ ଡିଗ୍ରୀ ବଢ଼ିଯାଇଛି। ଆଗାମୀ ଦୁଇ ଦିନ ପରେ ଆଭ୍ୟନ୍ତରୀଣ ଓଡ଼ିଶାର କିଛି କିଛି ସ୍ଥାନରେ ରାତିର ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ କମିଯିବ। ଗତ ୨୪ ଘଣ୍ଟାରେ ରାଜ୍ୟରେ ସବୁଠୁ ଅଧିକ ବର୍ଷା ହୋଇଛି ନୟାଗଡ଼ ଜିଲ୍ଲା ରଣପୁରରେ। ଏଠାରେ ୧୦୮.୪ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ଖୋର୍ଦ୍ଧାର ବେଗୁନିଆରେ ୮୪ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ଜଟଣୀରେ ୭୫, ପୁରୀର ପିପିଲରେ ୭୫, ଜଗତସିଂହପୁରର ନୂଆଗାଁରେ ୭୩, ଖୋର୍ଦ୍ଧାର ବାଣପୁରରେ ୭୦, ଗଞ୍ଜାମର ବେଲଗୁଣ୍ଠାରେ ୬୯.୨, ପୁରୀର କୃଷ୍ଣପ୍ରସାଦରେ ୬୭ ଓ ଗୋପରେ ୬୬, ଖୋର୍ଦ୍ଧାର ଟାଙ୍ଗୀରେ ୬୨, ଜଗତସିଂହପୁରରେ ୬୧.୨ ଓ ପାରାଦୀପରେ ୬୧.୧ ମିମି ବର୍ଷା ରେକର୍ଡ କରାଯାଇଛି।

## ପୁଣି ଜେଲ୍ ଯିବେ...

ଚଳିତ ମାସ ଆରମ୍ଭରେ ଇଡି କେଜ୍ରିୱାଲଙ୍କ ବିରୋଧରେ ମକଦ୍ଦମା ଚଳାଇବା ପାଇଁ ଏଲ୍‌ଜିଙ୍କୁ ଅନୁମତି ମାଗିଥିଲା। ଏବେ ଏଲ୍‌ଜି ଭିକେ ସାକ୍ସେନା ଏଥିପାଇଁ ଇଡିକୁ ମଞ୍ଜୁରୀ ଦେଇଛନ୍ତି। ଆସନ୍ତା ବର୍ଷ ଫେବ୍ରୁଆରୀରେ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନର କିଛି ମାସ ପୂର୍ବରୁ କେଜ୍ରିୱାଲଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଇଡି ଦାବି କରିଛି ଯେ ଏକ୍ସାଇଜ୍ ନୀତି ପ୍ରଣୟନ ଏବଂ କାର୍ଯ୍ୟାନ୍ୱୟନରେ ବ୍ୟାପକ ଦୁର୍ନୀତି ହୋଇଛି। ଏହି ମାମଲାରେ ଇଡି ନିଜ ତା'ର ଶେଷ ଚାର୍ଜଶିଟରେ ଅରବିନ୍ଦ କେଜ୍ରିୱାଲ ଏବଂ ମନୀଷ ସିସୋଦିଆଙ୍କୁ ମାଷ୍ଟରମାଇଣ୍ଡ ଦର୍ଶାଇ ଥିଲା। ଏଜେନ୍ସି କହିଛି ଯେ କେଜ୍ରିୱାଲ ଏବଂ ସିସୋଦିଆ ଦକ୍ଷିଣ ଲବିକୁ ସାହାଯ୍ୟ କରିବା ପାଇଁ ଏକ୍ସାଇଜ୍ ପଲିସି ୨୦୨୧-୨୨ରେ ପରିବର୍ତ୍ତନ କରିଛନ୍ତି ଯେଉଁଥିରେ ୧୦୦କୋଟି ଟଙ୍କା ଲାଞ୍ଚ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ଇଡି ମାର୍ଚ୍ଚ ୨୧ ତାରିଖରେ ଅରିବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରିଥିଲା। ମଲ' ମାସରେ ତାଙ୍କ ଦଳ ଓ ଅନ୍ୟ ନେତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା।

## କାର ଭିତରୁ ...

ପୁଲିସ ଷ୍ଟେସନର ଟିମ୍‌କୁ ଗୁପ୍ତ ସୂଚନା ମିଳିଥିଲା। ଏହି ସୂଚନା ଆଧାରାରେ ପୁଲିସ ଚେକିଂ କଡାକଡ଼ି କରିଥିଲା। ସିମଡା ଚେକ୍ ପୋଷ୍ଟକୁ ଅବରୋଧ କରି ଯାନ ଯାଞ୍ଚ ଆରମ୍ଭ ହୋଇଥିଲା। ଚେକିଂ ବେଳେ ପୁଲିସ ଟିମ୍ ଏହି ସୁନା ଜବତ କରିଛି। ପୁଲିସ ବର୍ତ୍ତମାନ ଏହି ଘଟଣାର ତଦନ୍ତ କରୁଛି। ଏହା କାହାର ସୁନା ଥିଲା ତଦନ୍ତ ଶେଷ ହେବା ପରେ ହିଁ ଜଣାପଡ଼ିବ ବୋଲି ପୁଲିସ କହିଛି।

## ପୋଲ ତଳକୁ ...

ଯାତ୍ରୀଙ୍କ ସୂଚନା ଅନୁସାରେ, ବସ୍‌ଟିରେ ୨୦ରୁ୨୫ ଜଣ ଥିଲେ। ବସ୍‌ଟି ହଠାତ୍ ଓଲଟି ପଡ଼ିଥିଲା। କେହି କିଛି ବୁଝି ପାରି ନଥିଲେ। ବସ୍‌ର ଏକ ଦ୍ୱାର ଦେଇ ପ୍ରଥମେ ଡ୍ରାଇଭର ବାହାରକୁ ଯାଇଥିଲେ। ତା'ପରେ ଯାତ୍ରୀମାନଙ୍କୁ ଜଣେ ଜଣେ ବାହାର କରାଯାଇଥିଲା। ସ୍ଥାନୀୟ ଲୋକେ ସହାୟତା କରିବା ପାଇଁ ପହଞ୍ଚିଥିଲେ। ବର୍ଷା ଓ ଅନ୍ଧାର ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଆହତମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକଙ୍କ ସହାୟତାରେ ଡାକ୍ତରଖାନାକୁ ପଠାଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ। ସେମାନେ ଦୁର୍ଘଟଣାଗ୍ରସ୍ତ ବସ୍‌ଟିକୁ ଯାଞ୍ଚ କରିଥିଲେ। ତା'ଭିତରେ ଆଉ କେହି ନଥିଲେ ବୋଲି କହିଥିଲେ ପଟ୍ଟାମୁଣ୍ଡାଇ ଦମକଳ ବାହିନୀର ଓଆଇସି ରାମକୃଷ୍ଣ ପଣ୍ଡା।

## ଆଇପିଏସ ଗୌତମଙ୍କୁ ...

ଦିଲବାଗ ସିଂହ କାର୍ଯ୍ୟ କରୁଥିଲେ। ହେଡ କନଷ୍ଟେବଲ ରମେଶ କୁମାର ଗୋଟିଏ ଠକେଇ ମାମଲାରେ ଗୁଲାଟିଙ୍କୁ ଧରି ଥାନାରେ ପହଞ୍ଚିଥିଲେ। ସେ ଥାନାରେ ଥିବା ବେଳେ ନିଶାସକ୍ତ ଅବସ୍ଥାରେ ରାତି ପ୍ରାୟ ୧୧ ବେଳେ ଗୌତମ ସେଠାରେ ପହଞ୍ଚିଥିଲେ। ତାଙ୍କ ସହଯୋଗୀମାନେ ମଧ୍ୟ ଥାନାକୁ ଆସିଥିଲେ। ସେ ନିଜର ପରିଚୟ ନ ଦେଇ ଗୁଲାଟିଙ୍କୁ ବଳପୂର୍ବକ ଥାନାରୁ ନିଜ ବ୍ୟକ୍ତିଗତ କାରରେ ନେଇ ଯାଇଥିଲେ। ଦିଲବାଗ ଓ ଅନ୍ୟ ପୁଲିସ୍ କର୍ମଚାରୀମାନେ ସେମାନଙ୍କୁ ଗୋଟିଏ ଘରୋଇ କାରରେ ପିଛା କରିଥିଲେ। ମୋହାଲିର ଫେଜ ୬ରେ ଥିବା ମାକ୍ସ ହସ୍ପିଟାଲରେ ଏଏସ୍‌ଆଇ ପହଞ୍ଚିବା ପରେ ଦେଖିବାକୁ ପାଇଥିଲେ ଯେ ଗୌତମ, ଗୁଲାଟି ଓ ଆଉ ୩ରୁ ୪ ଜଣ ସେଠାରେ ରହିଛନ୍ତି। ଏଠାରେ ଗୌତମଙ୍କ ବିରୋଧରେ ପୂର୍ବରୁ ଅଭିଯୋଗ କରିଥିବା କ୍ରିସପୀ ଖେରା ଆଡମିଟ ହୋଇଥିଲେ। ସମସ୍ତଙ୍କ ଉପସ୍ଥିତିରେ ଗୌତମ ସେଠାରେ ଗୁଲାଟିଙ୍କୁ ରଖିଥିଲେ ଓ ଖେରାଙ୍କୁ ନିଜର ଅଭିଯୋଗ ପ୍ରତ୍ୟାହାର ପାଇଁ ଧମକ ଦେଇଥିଲେ। ଯଦି ସେ ଅଭିଯୋଗ ପ୍ରତ୍ୟାହାର ନ କରିବେ, ତା'ହେଲେ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇଥିଲେ। ହସ୍ପିଟାଲରେ ଗୁଲାଟିଙ୍କୁ ଗୌତମ ଚାପୁଡ଼ା ମଧ୍ୟ ମାରିଥିଲେ। ଦିଲବାଗ ଶେଷରେ ଗୁଲାଟିଙ୍କୁ ସେଠାରୁ ଫେଜ-୧ ପୁଲିସ୍ ଷ୍ଟେସନଙ୍କୁ ଆଣିଥିଲେ ଓ ଗିର କରିଥିଲେ ବୋଲି ଏଫଆଇଆରରେ କୁହାଯାଇଥିଲା।

# ସାପ କାମୁଡ଼ାରେ ୭ବର୍ଷ ଶିଶୁର ମୃତ୍ୟୁ

ମାଲକାନଗିରି, ୨୧/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ବାଲିମେଳା ଏନଏସିରେ ଆଜି ଦୁଃଖଦ ଘଟଣା ଘଟିଥିବା ଦେଖିବାକୁ ମିଳିଛି। ସହର ର ୯ ନଂ ୱାର୍ଡର ରାଣୀ ସାହିର ବିଶ୍ୱନାଥ ମହାନ୍ତି ଙ୍କ ପୁଅ ଲିପୁନ ମହାନ୍ତି(୭) ଆଜି ଭୋର ୩ ଟା ସମୟରେ ସାପ କାମୁଡ଼ାରେ ମୃତ୍ୟ ବରଣ କରିଛି। ମିଳିଥିବା ସୂଚନାନୁଯାୟୀ ଲିପୁନ ନିଜ ବାପା ମା ଙ୍କ ସହ ଶୋଇଥିବା ସମୟରେ ଆଜି ଭୋର ସମୟରେ ଏକ ଚିତି ସାପ ଟି ଲିପୁନର ଜ୍ୟାକେଟ ମଧ୍ୟକୁ ପଶି କାମୁଡିଥିଲା। ପରେ ଶିଶୁ ଚିତ୍କାର କରିବାରୁ ପିତା ମାତା ସାପଟିକୁ କାଢି ବାହାରେ ଫିଙ୍ଗି ଦେଇଥିଲେ। ତେବେ ଅଳ୍ପ କିଛି ସମୟ ପରେ ଶିଶୁଟିର ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ତାଙ୍କୁ ବାଲିମେଳା ଆଂଚଳିକ ସ୍ୱାସ୍ଥ୍ୟକେନ୍ଦ୍ର କୁ ପରିବାର ବର୍ଗ ନେଇଥିଲେ।

ରବିବାର, ଡିସେମ୍ବର ୨୨, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସେବାୟତଙ୍କୁ କାରଣ ଦର୍ଶାଅ ନୋଟିସ

ପୁରୀ, ୨୧/୧୨ (ନି.ପ୍ର): ଶ୍ରୀମନ୍ଦିରରେ ବିଶୃଙ୍ଖଳା ପାଇଁ ଦୁଇଜଣ ସେବକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ସେମାନେ ହେଲେ ମୁଖ ପଖାଳ ସେବକ ମଦନ ମୋହନ ଖୁଂଟିଆ ଏବଂ ବିଶ୍ୱନାଥ ଖୁଂଟିଆ। ଶ୍ରୀମନ୍ଦିର ଆଇନ୍ ୨୧କ ଧାରା ଅନୁସାରେ ଉଭୟଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବ, ସେନେଇ ସନ୍ତୋଷଜନକ କୈଫିୟତ ରଖିବାକୁ ୭ ଦିନର ସମୟ ଦିଆଯାଇଛି । ଶ୍ରୀମନ୍ଦିର କମାଣ୍ଡରଙ୍କ ଜରିଆରେ ଏହି କେଫିୟତ ଦାଖଲ କରିବାକୁ କୁହାଯିବା ସହ ଧାର୍ଯ୍ୟ ସମୟ ଭିତରେ ଏହା ହସ୍ତଗତ ନହେଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରାଯାଇଅଛି । ନୋଟିସରେ କୁହାଯାଇଛି ଯେ, ଗତ ୧୬ ତା ରିଖ ଦିନ ମୁକ୍ତିମଣ୍ଡପ ସାମ୍ନାରେ ଅବକାଶ ପାଦୁକା ବଂଟନକୁ ନେଇ ଉଭୟ ସେବକ ପରସ୍ପରକୁ ଗାଳିଗୁଲଜ କରିବା ସହ ମାରପିଟ୍ କରି ରକ୍ତାକ୍ତ କରିଥିଲେ । ଏହି ଘଟଣାକୁ ଯୋଗୁଁ ଶ୍ରୀମନ୍ଦିର ପରିସରରେ ସେତେବେଳ ଉପସ୍ଥିତ ଥିବା ଭକ୍ତଙ୍କ ମାନେ ଶୃଙ୍ଖଳା ନେଇ ସନ୍ଦେହ ପ୍ରକାଶ କରିଥିଲେ । ସେହିପରି ଶ୍ରୀମନ୍ଦିର ଗାରିମା ଓ ମର୍ଯ୍ୟାଦା ମଧ କ୍ଷୁର୍ଣ୍ଣ ହୋଇଥିଲା । ତେଣୁ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବ ସେନେଇ ସନ୍ତୋଷଜନକ କୈଫିୟତ ଦାଖଲ କରିବାକୁ ନୋଟିସରେ କୁହାଯାଇଅଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ଏହି ନୋଟିସ୍ ଜାରି କରିବା ସହ ଆଉଥରେ ସ୍ପଷ୍ଟ କରିଛନ୍ତି ଯେ, ଶ୍ରୀମନ୍ଦିର ମଧ୍ୟରେ ବିଶୃଙ୍ଖଳାକୁ କଦାପି ବରଦାସ୍ତ କରାଯିବ ନାହିଁ । ଶ୍ରୀମନ୍ଦିର ଗାରିମା ଉପରେ ପ୍ରଭାବ ପକାଉଥିବା ଏଭଳି ଘଟଣା ଉପରେ କଡା ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଆଗକୁ ମଧ ଗ୍ରହଣ କରାଯିବ ।

# ପ୍ରଥମ ଆନ୍ତର୍ଜାତିକ ଧ୍ୟାନ ଦିବସ ପାଳିତ




ବାଲେଶ୍ୱର, ୨୧/୧୨ (ନି.ପ୍ର): ପ୍ରଥମ ଆନ୍ତର୍ଜାତିକ ଧ୍ୟାନଦିବସ କାଳୀ ମନ୍ଦିର ଯୋଗ କେନ୍ଦ୍ର ତରଫରୁ ସ୍ଥାନୀୟ ରୋଟାରୀ କ୍ଲବ୍ ଠାରେ ପାଳିତ ହୋଇଯାଇଛି। ବିଶ୍ୱ ଯୋଗଦିବସ ଜୁନ୍ ୨୧ ତାରିଖର ଠିକ୍ ଛଅମାସ ପରେ ପୁଣି ଥରେ ବିଶ୍ୱ ଧ୍ୟାନ ଦିବସ ପାଳନ କରିବା ଯୋଗକେନ୍ଦ୍ରର ସାଧକ ସାଧିକାମାନଙ୍କୁ ଆନନ୍ଦ ପ୍ରଦାନ କରିଥିଲା। ଏହି ପାଳନ ଅବସରରେ ରୋଟାରିଆନ୍ କର୍ଣ୍ଣେଲ୍ କ୍ଷେତ୍ରମୋହନ ମହାପାତ୍ର ମୁଖ୍ୟଅତିଥି ଭାବରେ ଉପସ୍ଥିତ ହୋଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦ୍‌ଘାଟନ କରିଥିଲେ ଓ ତାଙ୍କ ବକ୍ତବ୍ୟରେ ଭାରତ ବିଶ୍ୱ ଯୋଗଗୁରୁ ହେବାର ସ୍ୱପ୍ନ ସାକାର ହେଉଥିବାର ଖୁସି ବ୍ୟକ୍ତ କରିଥିଲେ। ଅନ୍ୟ ରୋଟାରିଆନ୍ ସନ୍ତୋଷ କୁମାର ଓ ରଞ୍ଜନ କୁମାର ମଧ ଉପସ୍ଥିତ ରହି ଧ୍ୟାନ ଅଭ୍ୟାସ କରିଥିଲେ। ଭାରତର ପ୍ରସ୍ତାବକୁ ଜାତିସଂଘର ସାଧାରଣ ଅଧିବେଶନରେ ନଭେମ୍ବର ମାସ ୨୯ ତାରିଖରେ ଅନୁମୋଦନ ମିଳିଥିଲା। ସେଥିପାଇଁ ପ୍ରଥମ ଧ୍ୟାନ ଦିବସ ଆଜି ସାରା ବିଶ୍ୱରେ ପାଳିତ ହେଉଛି। ଯୋଗଗୁରୁ ସୁଜିତ୍ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଯୋଗକେନ୍ଦ୍ରର ସାଧକସାଧିକାମାନେ ଏକ ଘଣ୍ଟା ଧରି ଧ୍ୟାନର ପବିତ୍ର ମୁହୂର୍ତ୍ତ ବିତାଇଥିଲେ। ଯୋଗକେନ୍ଦ୍ରର ସଭାପତି ପ୍ରଫେସର ଜୟସ୍ମିତା ନାୟକ ଏହି ଉତ୍ସବରେ ଅଧକ୍ଷତା କରି ଧ୍ୟାନ ଦିବସର ପୂର୍ବାଭାଷା ଦେଇଥିଲେ। ଉପସଭାପତି ରୀତା ରାଉତ, ସମ୍ପାଦକ ରଞ୍ଜନ କୁମାର ସାହୁ, ସହସମ୍ପାଦକ ଧ୍ରୁବଚରଣ ବେହେରା, କୋଷାଧକ୍ଷ ସୂର୍ଯ୍ୟନାରାୟଣ ପୋଥାଳ, ସଭ୍ୟ ସୁଜାତା ପଣ୍ଡା, ଦମୟନ୍ତୀ ମହାପାତ୍ର, ନିବେଦିତା ନାୟକ, ଅର୍ଚ୍ଚନା କର, ଅକ୍ଷୟ କର, ରେଣୁକା ଜେନା, ସୁଶ୍ରୀ ସଙ୍ଗୀତା ଦାସ, ଲୁନା ପତି, ଶାନ୍ତିଲତା, ଶର୍ମିଳା ବାରିକ, ଶଶିଧର ବାରିକ, ବିଶ୍ୱନାଥ ସିଂ, ଅନିତା ମିତ୍ର, ସରସ୍ୱତୀ ଭୋଇ, ସୀତା ବେହେରା, ଶାନ୍ତିଲତା ଜେନା, ନିରଞ୍ଜନ ଜେନା, ହରିପ୍ରିୟା ରଣା, ତୃପ୍ତି ପୋଥାଳ, ମଧୁସ୍ମିତା ସେନାପତି, ସଞ୍ଜୟ ସେନାପତି, ସଞ୍ଜିବ କୁମାର ତାଳଦି ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ଶେଷରେ ଧ୍ରୁବଚରଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ୧୧ତମ ମୟୂରଭଞ୍ଜ ପୁସ୍ତକମେଳା ଉଦ୍‌ଘାଟିତ

ବାରିପଦା, ୨୧/୧୨ (ନି.ପ୍ର): ଏକାଦଶ ମୟୂରଭଞ୍ଜ ପୁସ୍ତକମେଳା ଆଜି ସନ୍ଧ୍ୟାରେ ଉଦ୍ଘାଟିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଚ୍ଛାୟତ ଏବଂ ପ୍ରାକ୍ତନ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ଓ ବିଶିଷ୍ଟ ସମାଜସେବୀ ଡା କୈଳାସ ଚନ୍ଦ୍ର ମହାନ୍ତି ଅତିଥି ଭାବରେ ଯୋଗଦେଇ ମେଳାକୁ ଉଦ୍ଘାଟିତ କରିଛନ୍ତି । ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପୁସ୍ତକମେଳା କମିଟିର ସଦସ୍ୟ ଅଧ୍ୟାପକ ସନ୍ଦୀପ କୁମାର ଚାନ୍ଦ ଅତିଥିମାନଂକୁ ମଂଚକୁ ଆହ୍ୱାନ କରିବା ସହିତ ପରିଚିୟ ପ୍ରଦାନ କରିଥିବା ବେଳେ ସଂପାଦକ ଇଂ ମନୋଜ ଦଳବେହେରା ମେଳା ଆୟୋଜନର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରହିଥିଲେ । ସଭାପତି ପଦ୍ମନାଭ ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ପୁସ୍ତକମେଳା କେବଳ ଏକ ସାଧାରଣ ମେଳା ନୁହେଁ ନୁହେଁ ଏକ ଓଡିଆ ଭାଷା ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟ ବୋଲି ମୁଖ୍ୟବକ୍ତା ଶ୍ରୀ ଗୋଚ୍ଛାୟତ ଉଲ୍ଲେଖ କରିଥିଲେ । ଭାଷା ମରିଗଲେ ଜାତି ମରିଯାଏ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ । ମୟୂରଭଂଜର ସାହିତ୍ୟିକମାନେ ଓଡିଆ ଭାଷାକୁ ସମୃଦ୍ଧ କରିଥିବା ପରି ମୟୂରଭଂଜ ପୁସ୍ତକମେଳା ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବ ବୋଲି ସମ୍ମାନିତ ଅତିଥି ଡା. ମହାନ୍ତି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ମୁର୍ଗାବାଡି କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଆଦ୍ୟାଶା, କୌସ୍ତମ, ନିଲେଶ, ପ୍ରିୟାଂଶୀ, ଆଦିଶାୟନ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ପଣ୍ଡିତ ଭାଗବତ ପଣ୍ଡା ପ୍ରାରମ୍ଭରେ ମନ୍ତ୍ରପାଠ କରିଥିବା ବେଳେ ଡ. ଶଶିଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ମେଳାରେ ନେସନାଲ ବୁକ ଟ୍ରଷ୍ଟ, ବିଦ୍ୟାପୁରୀ, ଏ. କେ. ମିଶ୍ର, ସୂର୍ଯ୍ୟନାରାୟଣ ପ୍ରକାଶନୀ, ନିଉ ରେସ୍, ସାଇନାଥ. ଓମ୍ ବୁକ୍ ଭ୍ୟାଲି, ଶ୍ରୀ ସାଇ ପବ୍ଲିକେଶନ, ମା ସନ୍ତୋଷୀ ପୁସ୍ତକ ଭଣ୍ଡାର, ବିନାୟକ ବୁକ୍ ଷ୍ଟୋର, କଟକ ଲୋ ଏଜେନ୍ସି, ଗାୟତ୍ରୀ, ପ୍ରଜାପତି ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଇସ୍କୋନ ଭଳି ଆଧ୍ୟାତ୍ମିକ ସାହିତ୍ୟ ପୁସ୍ତକ, ସାନ୍ତାଳୀ ଭାଷା ପୁସ୍ତକ ମଧ୍ୟ ଏଥର ମେଳାରେ ଉପଲବ୍ଧ ହୋଇଛି ।

# ଶିକ୍ଷା ଭିତରେ ମଣିଷପଣିଆ ଓ ମାନବିକତା ଜାଗ୍ରତ ନ ହେଲେ, ତାହା ମୂଲ୍ୟହୀନ




ବଡସାହି, ୨୧/୧୨ (ନି.ପ୍ର): ଶିକ୍ଷା ଭିତରେ ମଣିଷପଣିଆ ଓ ମାନବିକତା ଜାଗ୍ରତ ନ ହୁଏ, ତାହା ମୂଲ୍ୟହୀନ। ଏଣୁ ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅବିଭାବକମାନେ ପିଲାମାନଙ୍କୁ ଶୃଙ୍ଖଳିତ ଏବଂ ସଂସ୍କାରିତ କରି ଗଢ଼ି ତୋଳିବା ଉଚିତ। ଆଧୁନିକତା ତଥା ଡିଜିଟାଲ ଯୁଗର ଦ୍ୱାହି ଦେଇ ପାଶ୍ଚାତ୍ୟ ଅପସଂସ୍କୃତି, ଅପଶିକ୍ଷାରେ ଅନୁପ୍ରାଣିତ ହେବା ଯୋଗୁଁ ଯୁବପିଢ଼ିଙ୍କ ମଧ୍ୟରେ ସେବା, ଦେଶପ୍ରେମ, ମାନବିକତା, ନୈତିକତା ଲୋପ ପାଇବାକୁ ବସିଛି। ତେଣୁ ଛାତ୍ରଛାତ୍ରୀମାନଙ୍କୁ ଶୈଶବ ଅବସ୍ଥାରୁ ଆଧ୍ୟାତ୍ମିକ ଶିକ୍ଷା ସହିତ ନୈତିକ ଶିକ୍ଷା ମଧ୍ୟ ପ୍ରଦାନ କରିବା ଉଚିତ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଏହି ଉତ୍ସବରେ ପ୍ରଧାନଶିକ୍ଷକ ପ୍ରଣବ କୁମାର ପ୍ରଧାନ ଅଧକ୍ଷ୍ୟତା କରିଥିଲେ । ମୂଖ୍ୟଅତିଥି ଭାବେ ବ୍ଲକ୍ ଶିକ୍ଷାଧିକାରିଣୀ ମଧୁସ୍ମିତା ଗିରି, ମୂଖ୍ୟବକ୍ତାଭାବେ ଶିକ୍ଷାବିତ ହାଡିବନ୍ଧୁ ମହାପାତ୍ର, ସମ୍ମାନୀୟ ଅତିଥି ଭାବେ ସମିତି ସଭ୍ୟ ନିହାର ରଂଜନ ମହାପାତ୍ର, ସିଆରସିସି ଦେବରଂଜନ ମୁଖୀ, ପ୍ରତିଷ୍ଠାତା ବିଦ୍ୟାଧର ସଦୁଆଳ, ପୂର୍ବତନ ଶିକ୍ଷକ ବିଷ୍ଣୁଚରଣ ରାଉତ, ରବିନ୍ଦ୍ର ପ୍ରଧାନ, ପୂର୍ବତନ ସରପଂଚ ବୈଦ୍ୟନାଥ ସିଂ, ଶିକ୍ଷାକମିଟି ଚେୟାରମ୍ୟାନ ମନୋରଂଜନ ଲେଙ୍କା ଓ ଶାନ୍ତନୁ ସଦୁଆଳ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅତିଥିମାନେ ପ୍ରଭୂ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଫଟୋଚିତ୍ରରେ ଧୂପପୁଷ୍ପ ପ୍ରଦାନ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏହାପରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା । ଶିକ୍ଷକ ଗୌରାଙ୍ଗ ଘୋଷ ଅତିଥିମାନଙ୍କୁ ମଂଚକୁ ଆମନ୍ତ୍ରଣ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବାର୍ଷିକ କ୍ରୀଡା ଓ ବିଭିନ୍ନ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ମାନପତ୍ର ଓ ପୁରଷ୍କାର ଦେଇ ସମ୍ମାନୀତ କରିଥିଲେ । ଶେଷରେ ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

# ପାରାଦ୍ୱୀପ ବନ୍ଦରରେ ପୋତାଶ୍ରୟ ନିରାପତ୍ତା ଓ ବିପଦଜନକ ରସାୟନିକ ପଦାର୍ଥ ପରିଚାଳନା ଉପରେ ଦିନିକିଆ କର୍ମଶାଳା ଆୟୋଜିତ



ପାରାଦ୍ୱୀପ, ୨୧/୧୨ (ନି.ପ୍ର): ବିପଜ୍ଜନକ ରାସାୟନିକ ପଦାର୍ଥ ପରିଚାଳନା ଉପରେ କର୍ମଶାଳା ମାଧ୍ୟମରେ ଭାରତ ସରକାର ପୋତାଶ୍ରୟ ନିରାପତ୍ତା ପଦକ୍ଷେପକୁ ମଜବୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ, ପାରାଦ୍ୱୀପ ଠାରେ ଶୁକ୍ରବାର ଦିନ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ), ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଏବଂ ଏହାର ସଂଲଗ୍ନ କାର୍ଯ୍ୟାଳୟ, ନିର୍ଦ୍ଦେଶାଳୟ ସାଧାରଣ କାରଖାନା ଉପଦେଷ୍ଟା ସେବା ଏବଂ ଶ୍ରମ ପ୍ରତିଷ୍ଠାନ (ଡିଜିଏଫଏଏସଏଲଆଇ) ର ସହଯୋଗରେ ଚତୁର୍ଥ ପୋତାଶ୍ରୟ ନିରାପତ୍ତା ଉପରେ ଏକ ଦିନିଆ କର୍ମଶାଳା ଆୟୋଜିତ ହୋଇଯାଇଛି । ୧୨ ଟି ପ୍ରମୁଖ ବନ୍ଦରରେ ପୋତାଶ୍ରୟ ସୁରକ୍ଷା ମାନ ବୃଦ୍ଧି ପାଇଁ 'ଡିଜିଏଫଏଏସଏଲଆଇ' ର ଦେଶବ୍ୟାପୀ ପଦକ୍ଷେପର ଏକ ଅଂଶ, ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ପ୍ରାଧାନ୍ୟ ଦେବାରେ ପାରାଦୀପ ବନ୍ଦରର ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଦେଶର ପ୍ରମୁଖ ବନ୍ଦର ଗୁଡିକ ମଧ୍ୟରେ ୧ ନମ୍ବର ବନ୍ଦର ଭାବେ ପାରାଦ୍ୱୀପ ବନ୍ଦର ପ୍ରାଧିକରଣ କ୍ରମାଗତ ଭାବରେ ଏହାର ପଣ୍ୟ ପରିଚାଳନାରେ ମାନଦଣ୍ଡ ସ୍ଥିର କରି କାର୍ଯ୍ୟକଳାପର ନିରାପତ୍ତା ଉପରେ ଗୁରୁତ୍ୱ ଦେଇଥାଏ । ପାରାଦ୍ୱୀପ ବନ୍ଦର ପ୍ରାଧିକରଣ ର ଅଧକ୍ଷ ପି.ଏଲ୍.ହରନାଦ ତାଙ୍କ ଅଭିଭାଷଣରେ ପଣ୍ୟ ପରିବହନ ଓ ପରିଚାଳନା ଦକ୍ଷତାକୁ ଅଗ୍ରଗତି କରିବାରେ ବନ୍ଦରର ଗୁରୁତ୍ୱପୂର୍ଣ୍ଣ ସଫଳତା ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ବିପଜ୍ଜନକ ପଦାର୍ଥ ପରିଚାଳନା ପାଇଁ ଜାତୀୟ ତଥା ଆନ୍ତର୍ଜାତୀୟ ନିୟାମକ ଢାଞ୍ଚା ଏବଂ ପୋତାଶ୍ରୟ ବା ଡକ୍ କର୍ମଚାରୀ ଏବଂ ସୁପରଭାଇଜରମାନଙ୍କ ପାଇଁ ଦକ୍ଷତା ବିକାଶ ସହିତ ବିଶେଷଜ୍ଞ ମାନେ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଆଇଆଇଟି, ଖଡ଼ଗପୁର ଏବଂ ଡିଜିଏଫଏଏସ ଏଲଆଇ ର ବକ୍ତାମାନେ ନିରାପତ୍ତା ବ୍ୟବସ୍ଥା କୁ ସୁଦୃଢ କରିବା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ରେ ବୈଷୟିକ ସହଯୋଗ ର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ସୂଚନାଥାଉକି, କ୍ରମାଗତ ଭାବେ ଆୟୋଜିତ ହେଉଥିବା ଏହି କର୍ମଶାଳା ଡକ୍ ଶ୍ରମିକମାନଙ୍କ ପାଇଁ ନିରାପଦ କାର୍ଯ୍ୟ ବ୍ୟବସ୍ଥା ସୁନିଶ୍ଚିତ କରିବା, ଭାରତର ବାଣିଜ୍ୟ ଇକୋସିଷ୍ଟମକୁ ସମର୍ଥନ କରିବା ଏବଂ ସ୍ଥାୟୀ ଏବଂ ନିରାପଦ ଡକ୍ କାର୍ଯ୍ୟକୁ ଅଗ୍ରଗତି କରିବାରେ ଏକ ପ୍ରମୁଖ ପଦକ୍ଷେପ ଭାବରେ କାର୍ଯ୍ୟ କରିଥାଏ । ଏହି କ୍ରମରେ ଅଗ୍ରଗତି କଲାବେଳେ ଏହା ହିତାଧିକାରୀ ଏବଂ ସରକାରୀ ଏଜେନ୍ସିଗୁଡିକ ପାଇଁ ଦେଶବ୍ୟାପୀ ସୁରକ୍ଷା ବ୍ୟବସ୍ଥା ଏବଂ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ କାର୍ଯ୍ୟକ୍ଷମ ଜ୍ଞାନ ପ୍ରଦାନ କରିବ।

# ହଳଦୀପଦା ନିକଟରେ ଅଜଣା ଟ୍ରକ ଧକ୍କାରେ ବାଇକ୍ ଆରୋହୀ ମୃତ

ବସ୍ତା, ୨୧/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ହଳଦୀପଦା ଗେମନ୍ ବ୍ରିଜ ନିକଟରେ ଅଜଣା ଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀ ମୃତ୍ୟୁ ଘଟିଛି । ସୂଚନା ଅନୁସାରେ ଆଜି ଭୋଗରାଇ ବ୍ଲକ ଗୁନେଇବସାନ ପଞ୍ଚାୟତ ର ନାଇଦୋଳି ଗ୍ରାମ ର ବଳରାମ ଦାସ ଅଧିକାରୀ (୪୨) ଏବଂ ତାଙ୍କର ଜଣେ ବନ୍ଧୁ ଙ୍କୁ (ଓଡ଼ ୦୧ଇଋ୫୦୩୮)ବାଇକ୍ ଯୋଗେ ନେଇ ଚାନ୍ଦିପୁର ମହୋତ୍ସବ କୁ ରୋଷେଇ କରିବାକୁ ଯାଉଥିଲେ। ତେବେ ସକାଳ ୮ ଟା ସମୟରେ ରାଜପଥ ର ହଳଦୀପଦା ଗେମନ୍ ବ୍ରିଜ୍ ନିକଟ ରେ ଯାଉଥିବା ସମୟରେ ପଛପଟୁ ଏକ ଅଜଣା ଟ୍ରକ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣା ସ୍ଥଳ ରେ ବାଇକ୍ ଆରୋହୀ ବଳରାମ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ଖବର ପାଇ ଜାତୀୟ ରାଜପଥ ପୁଲିସ ଏବଂ ରାଜପଥ କର୍ତ୍ତୃପକ୍ଷ ପହଞ୍ଚି ମୃତ ଓ ଗୁରୁତର ବ୍ୟକ୍ତି ଙ୍କୁ ବାଲେଶ୍ୱର ମେଡିକାଲ ପଠାଇଥିବା ଜଣାପଡିଛି। ପୁଲିସ ଘଟଣା ର ତଦନ୍ତ ଜାରି ରଖିଛି।

# ବେତନଟୀ ଷ୍ଟେଟବ୍ୟାଙ୍କ ଦ୍ୱାରା ଅନ୍ନଦାତା କାର୍ଯ୍ୟକ୍ରମ

ବେତନଟୀ , ୨୧/୧୨ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ଡେଙ୍ଗଫଉଦା ଗ୍ରାହକ ସେବାକେନ୍ଦ୍ରରେ ବେତନଟୀ ଷ୍ଟେଟବ୍ୟାଙ୍କ ତରଫରୁ ଅନ୍ନଦାତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ତୋଷ କୁମାର ଖଣ୍ଡା ଫୋର୍ଡର ସମ୍ପାଦକ ମଞ୍ଚ ପରିଚାଳନା କରିଥିଲେ । ଶାଖା ପରିଚାଳକ ଆର. ଅଶ୍ୱିନିଭଞ୍ଜନ ମୁର୍ମୁ ଅନ୍ୟଦାତା କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ କୃଷକ ଓ ଜନ ସାଧାରଣଙ୍କୁ ବ୍ୟାଙ୍କ ସହିତ ସୁସମ୍ପର୍କ ରକ୍ଷା କରି ସରକାରଙ୍କର ବିଭିନ୍ନ ଯୋଜନା ଉପରେ ସୁବିଧା ନେବା ପାଇଁ ଆଲୋକପାତ କରିଥିଲେ । ବ୍ୟାଙ୍କରୁ ଋଣ ନେଇ ସବସିଡ୍ ପାଇବା ସହିତ ନିଜର ଆର୍ଥିକ ଉନ୍ନତି ହେବାପାଇଁ ପରାମର୍ଶ ଦେଇଥିଲେ । ଶାଖା ପରିଚାଳକ ଉନ୍ନତ ପାଞ୍ଚଜଣ କୃଷକଙ୍କୁ ଅନ୍ନଦାତା କାର୍ଯ୍ୟକ୍ରମରେ ସମ୍ମାନିତ କରିଥିଲେ । ବ୍ୟାଙ୍କର ପ୍ରଶାନ୍ତ କୁମାର ମହଲା ମଧ ଉପସ୍ଥିତ ଥିଲେ । ଜନସାଧାରଣ ବ୍ୟାଙ୍କର ଏଭଳି କାର୍ଯ୍ୟକ୍ରମକୁ ଭୂୟୋୟସି ପ୍ରଶଂସା କରିଥିଲେ । ସର୍ବଶେଷରେ ଗ୍ରାହକ ସେବାକେନ୍ଦ୍ରର ଶାଖା ପରିଚାଳକ ଭାରତୀ ସାହୁ ସମସ୍ତଙ୍କୁ ଅନ୍ୟବାଦ ଅର୍ପଣ କରିଥିଲେ ।

# ବାରିପଦାଠାରେ ବିଶ୍ୱ ଧ୍ୟାନ ଦିବସ ପାଳିତ



ବାରିପଦା, ୨୧/୧୨ (ନି.ପ୍ର): ବିଶ୍ୱରେ ପ୍ରଥମ ଥର ପାଇଁ ମିଳିତ ଜାତିସଂଘ ସାଧାରଣ ସଭା ପକ୍ଷରୁ ଡ଼ିସେମ୍ବର ୨୧ ବିଶ୍ୱ ଧ୍ୟାନ ଦିବସ ଘୋଷଣା କରାଯାଇ ଥିଲା । ଆଧ୍ୟାତ୍ମିକ ଗୁରୁ ତଥା ମାନବବାଦୀ ପଦ୍ମଭୂଷଣ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ବିଶ୍ୱ ଧ୍ୟାନ ଦିବସ ଉପରେ ସମ୍ବୋଧିତ କରିଥିଲେ। ଏହି ପରିପେକ୍ଷୀରେ, ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମ୍ ସ୍ଥିତ ଇଣ୍ଡୋର ହଲ ଠାରେ ଞ୍ଚଷର ବକ୍ସ୍ୱଷ କୁଳ କ୍ଷସଙ୍ଗସଭଶ ତରଫରୁ ପ୍ରାତଃ ୭ ଘଟିକା ରୁ ୮ ଘଟିକା ପର୍ଯ୍ୟନ୍ତ ଏକ ଧ୍ୟାନ ସମାରୋହ ପାଳନ କରା ଯାଇଥିଲା ଓ ବିଶ୍ୱ ଧ୍ୟାନ ଦିବସ ପାଳନ କରାଯାଇଥିଲା। ପ୍ରବଳ ବର୍ଷା ହେବା ସତ୍ତ୍ୱେ ଏଥିରେ ଜିଲ୍ଲା ର ବହୁ ସ୍ଥାନ ରୁ ୧୦୦ ରୁ ଉର୍ଦ୍ଧ୍ୱ ଲୋକ ମାନେ ଆସି ଧ୍ୟାନ ଅଭ୍ୟାସ କରିଥିଲେ। ବାରିପଦା ଆର୍ଟ ଅଫ ଲିଭିଂର ଶିକ୍ଷକ ଅଜୟ ମାରାଣ୍ଡି ଓ କୌଶିକ ସାହୁ ଧ୍ୟାନ କରାଇ ଥିଲେ ଓ ଧ୍ୟାନ ର ଉପକାରିତା ବିଷୟରେ ଲୋକ ମାନଙ୍କୁ ଅବଗତ କରଇ ଥିଲେ। ଏହି କାର୍ଯ୍ୟକ୍ରମରେ, ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀଙ୍କ ସମେତ, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିବା ବେଳେ ଆର୍ଟ ଅଫ ଲିଭିଂ ଫାଉଣ୍ଡେସନର ସରୋଜ ସାହୁ, ନିର୍ମଳ ମହାନ୍ତି, ଅଜୟ ମୋଦୀ, ଉପାସନା ସାହୁ, ଦେବାଶିଷ ମହାନ୍ତ,ରିତୁପର୍ଣ୍ଣ ମଲ୍ଲିକ, ସ୍ମୃତିପର୍ଣ୍ଣା ମଲ୍ଲିକ, ସୁଦୀପ୍ତ ମିଶ୍ର, ଗୌରବ ପାଲ, ଗୀତେଶ ମହାନ୍ତ, ପ୍ରତୀକ ବେହେରା, ନିଶା ଅଗରୱାଲ ଙ୍କ ମିଳିତ ସହାୟତା ରେ ଧ୍ୟାନ ଦିବସ ଟି ସମ୍ପୂର୍ଣ ହୋଇଥିଲା।

# ରିଲିଜ୍ ହେଲା 'ୱାଇଫ' ଚଳଚ୍ଚିତ୍ରର ଅଡିଓ: ୩ ଜାନୁଆରୀରେ ଶୁଭମୁକ୍ତି




ଭୁବନେଶ୍ୱର, ୨୧/୧୨ (ନି.ପ୍ର): ଭିଦିଶା କ୍ରାଫ୍ଟ ଷ୍ଟୁଡିଓରେ ଅନୁଷ୍ଠିତ ହୋଇଛି ନୂଆ ଚଳଚ୍ଚିତ୍ର ୱାଇଫ ର ଅଡିଓ ରିଲିଜ୍ କାର୍ଯ୍ୟକ୍ରମ । ବର୍ଷା ପ୍ରିୟଦର୍ଶନୀ ଅଭିନୀତ ୱାଇଫ ଚଳଚ୍ଚିତ୍ର ର ପ୍ରଯୋଜନା କରିଛନ୍ତି ଶ୍ରୀ ବିଜୟ କାଣ୍ଡୋଇ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ସୁଧାକର ବସନ୍ତ । ସଂଳାପ ଲେଖିଛନ୍ତି ବିଜୟ ମଲ୍ଲ । ସଙ୍ଗୀତ ନିର୍ଦ୍ଦେଶନା ମଳୟ ମିଶ୍ର ଏବଂ ଗୀତ ରଚନା କରିଛନ୍ତି ବିଜୟ ମଲ୍ଲ ଏବଂ ଅରୁଣ ମନ୍ତ୍ରୀ । କଣ୍ଠଦାନ କରିଛନ୍ତି ଇରା ମହାନ୍ତି, ହ୍ୟୁମାନ ସାଗର ଏବଂ ସତ୍ୟଜିତ ପ୍ରଧାନ । ମୋଟ ୪ ଟି ଗୀତ ବେଶ ଶୃତି ମଧୁର ଓ ମେଲୋଡିଅସ ହୋଇଛି । 'ୱାଇଫ'ର ଅକୁହା କାହାଣୀର ମୁକସାକ୍ଷୀ କେବଳ ସେ ଘରର ଚାରିକାନ୍ଥ। ୱାଇଫର ହସଖୁସି, ତ୍ୟାଗ ବଳିଦାନ ଓ ସଂଘର୍ଷର ମୁକସାକ୍ଷୀ ହେଉଛନ୍ତି ଭଗବାନ। ଆଜିର ସମାଜରେ ବିବାହର ପରିଭାଷା ବଦଳିଯାଇଛି। ସମାଜରେ ଆମ ପରମ୍ପରାରେ ଶାସ୍ତ୍ରରେ ବିବାହ ଅନୁଷ୍ଠାନର ଭୂମିକା କଣ? ବୈବାହିକ ସମ୍ପର୍କରେ ମହତ୍ତ୍ୱ, ଦାୟିତ୍ୱ ଓ ସମ୍ମାନର କଥାକୁ ନେଇ ୱାଇଫ ଏକ ନୂଆ ଦିଶା ଦେଖାଇବ ବୋଲି କହିଛନ୍ତି ୱାଇଫ ଚଳଚ୍ଚିତ୍ରର କ୍ରିଏଟିଭ ହେଡ ବର୍ଷା ପ୍ରିୟଦର୍ଶନୀ। କେବଳ ସେତିକି ନୁହେଁ ୱାଇଫ ରେ ରହିଛି ଅନେକ ଟ୍ୱିଷ୍ଟ ଏବଂ ସସ୍ପେନ୍ସ । ୱାଇଫ ରେ ରହିଛି ମାହି ଏବଂ ଯୁବରାଜଙ୍କର ପ୍ରେମ, ଭଲପାଇବା, ବିଶ୍ୱାସ ଓ ସମ୍ପର୍କର କାହାଣୀ ଯାହା ନୂଆବର୍ଷ ଅବସରରେ ଜାନୁଆରୀ ୩ ତାରିଖ ଶୁକ୍ରବାର ଦିନ ବଡ ପରଦାରେ ମୁକ୍ତିଲାଭ କରିବ । ୱାଇଫ ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ଓ କ୍ରିଏଟିଭ ହେଡ ଦାୟିତ୍ୱ ରେ ଅଛନ୍ତି ବର୍ଷା ପ୍ରିୟଦର୍ଶନୀ। ୱାଇଫ ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ନିଜେ ବର୍ଷା ପ୍ରିୟଦର୍ଶନୀ ଏବଂ ଅନ୍ୟାନ୍ୟ ଭୂମିକାରେ ଜୟଜୀତ ଦାସ , ଶଙ୍କର ପ୍ରଧାନ , ସରସ୍ୱତୀ ଦେବୀ, ବିଜୟିନୀ ମିଶ୍ର , ଋଷି ପଟ୍ଟନାୟକ, ରୁବି ମିଶ୍ର, ସ୍ମିତା ତ୍ରିପାଠୀ, ଶୋଭା , କୁନୁନି , ପାୟଲ ଏବଂ ନବାଗତା ପିହୂ କ୍ଷ ଚଳଚ୍ଚିତ୍ରର ନୃତ୍ୟ ନିର୍ଦ୍ଦେଶକ ବବି ଇସ୍ଲାମ ଏବଂ ରାକେଶ ଦେଓ ଦେଇଛନ୍ତି । ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ଼ ପ୍ରଣୟ ଜେଠୀ ଅଛନ୍ତି ।

# ଅଦିନିଆ ବର୍ଷା ଉଜାଡି ନେଲା ପାଚିଲା ଧାନ ଫସଲ



ଲଙ୍ଗଳେଶ୍ୱର , ୨୧/୧୨ (ନି.ପ୍ର): ଅଦିନିଆ ବର୍ଷା ଯୋଗୁଁ ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଶାରଦ ପାଚିଲା ଧାନ ଚାଷ ଉଜୁଡି ବାକୁ ବସିଛି। ଗତ କାଲି ଠୁ ଝିପି ଝିପି ବର୍ଷା ସାଙ୍ଗକୁ କୋହଲା ପାଗ ଲାଗି ରହିଛି। ଏବେ ଏ ଅଞ୍ଚଳରେ ୬୦ ପ୍ରତିଶତ ପାଚିଲା ଧାନ ଅମଳ ହୋଇ ନ ପାରି ବିଲରେ ପଡି ରହିଛି। କେତେକ କ୍ଷେତରେ ପାଚିଲା ଧାନ କଟା ହୋଇ ପଡି ରହିଥିବା ବେଳେ ଆଉ କେତେକ କ୍ଷେତରେ ପାଚିଲା ଧାନ ଗଛ କଟା ନ ହୋଇ ଛିଡା ହୋଇ ରହିଛି। ବର୍ଷା ଯେଭଳି ତୁହାକୁ ତୁହା ଲାଗି ରହିଛି ଏଭଳି ଲାଗି ରହିଲେ ପାଚିଲା ଧାନ ଗଜା ହେବାର ସମ୍ଭାବନା ରହିଛି। ଫଳରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଚଳିତ ବର୍ଷ ଏ ଅଞ୍ଚଳରେ ଶାରଦ ଧାନ ଚାଷ ଖୁବ ଭଲ ହୋଇ ଥିଲା। ମାତ୍ର ଦୀର୍ଘ ଦିନ ଧରି ସୁବର୍ଣ୍ଣ ରେଖା ନଦୀର ବନ୍ୟା ବ୍ୟାପକ କ୍ଷତି ଘଟାଇ ଥିଲା। ଯାହା କିଛି ଚାଷ ବଂଚିଥିଲା ଏବେ ବର୍ଷା ମାଡ଼ ସମୂଳେ ନଷ୍ଟ ହେବାକୁ ବସିଛି। ଯେଉଁ ଚାଷୀମାନେ ବ୍ୟାଙ୍କ ଓ ସମବାୟ ସମିତିରୁ କୃଷି ଋଣ ଆଣି ଚାଷ କରିଥିଲେ ସେମାନେ କେମିତି ଋଣ ସୁଝିବେ ସେହି ଚିନ୍ତାରେ ରହିଛନ୍ତି। ମଧୁପୁରା, ଷୋଳସା, କାଳନ୍ଦା, ଚୌମୁଖ ପାଣ୍ଡରେ ଏବେ ଧାନ ଚାଷ ଅମଳ ହୋଇ ନ ପାରି ବର୍ଷା ଖାଉଛି। ଧାନ ଗଛରେ ଧାନ ଗଜା ହେବାକୁ ବସିଛି। ଆଉ ଦିନେ ଦୁଇ ଦିନ ବର୍ଷା ଲାଗି ରହିଲେ ଚାଷ ସମୂଳେ ଉଜୁଡି ଯିବ ବୋଲି ଶରତ ଚନ୍ଦ୍ର ପ୍ରଧାନ, ଅନନ୍ତ କୁମାର ଜେନା, ଗଣେଶ ଚନ୍ଦ୍ର ସେଠୀ, ମୁକୁନ୍ଦ ମାଝୀ, ଘନାଶ୍ୟାମ ବିଶ୍ୱାଳ, ରମେଶ ଚନ୍ଦ୍ର ପାତ୍ର, ମୁରାରୀ ମୈକାପ ପ୍ରମୁଖ କହିଛନ୍ତି। ସରକାର କ୍ଷୟ କ୍ଷତିର ଆକଳନ କରି କ୍ଷତି ପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida